# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୫/୨୦୨୦ (୧୩ ପୃଷ୍ଠା) | Bhubaneswar, Saturday, July 25/2020 | ★★★★★★

୪୬ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଏରିକାଙ୍କ 'ଶୁଟିଂ ଫ୍ରମ୍ ହୋମ୍'**

ଅଭିନେତ୍ରୀ ଏରିକା ଫର୍ନାଡିସ୍ ସିରିୟଲ 'କସୌଟି ଜିନ୍ଦେଗୀ କି'ରେ ଲିଡ୍ ରୋଲରେ ଅଛନ୍ତି। କରୋନା ଯୋଗୁ ସେ ଆଉ ସେଟ୍‌କୁ ନ ଯାଇ ଘରୁ ଶୁଟ୍ କରି ପଠାଉଛନ୍ତି। ୧୦

୦୯ **ବକ୍ସିଂ ରିଙ୍ଗ୍‌କୁ ଫେରିବେ ଟାଇସନ**

ବିଶ୍ୱ ବକ୍ସିଂ ଇତିହାସରେ ସର୍ବକନିଷ୍ଠ ହେଭିୱେଟ ଚାମ୍ପିୟନ ମାଇକ୍ ଟାଇସନ ୨୦୦୫ ପରେ ପ୍ରଥମଥର ପାଇଁ ବକ୍ସିଂ ରିଙ୍ଗ୍‌କୁ ଫେରିବାକୁ ଯାଉଛନ୍ତି।



# କରୋନାରେ କଲବଲ ଶିଶୁ

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**

- ଅଧାରୁ ଅଧିକ ପିଲା ପୁଷ୍ଟିହୀନତାର ଶିକାର ହେବା ଆଶଙ୍କା
- କରୋନା ଦାୟିତ୍ୱରେ ଆଶା, ଅଙ୍ଗନୱାଡି, ଏଏନ୍‌ଏମ୍ କର୍ମୀ
- ରାଜ୍ୟର ୨୨.୭ ପ୍ରତିଶତ ଶିଶୁ ଗୁରୁତର ଅପପୁଷ୍ଟିର ଶିକାର

କରୋନା ମହାମାରୀ କେବଳ ବୟସ୍କ ନୁହେଁ, ଜନ୍ମ ହେବାକୁ ଥିବା କିମ୍ବା ଜନ୍ମ ହୋଇଥିବା ୦-୫ ବର୍ଷର ଶିଶୁଙ୍କ ପାଇଁ ଘାତକ ହୋଇଛି। ଉପଯୁକ୍ତ ପୁଷ୍ଟିକର ଖାଦ୍ୟାଭାବରୁ ରାଜ୍ୟରେ ଅଧା ଶିଶୁ ପୁଷ୍ଟିହୀନତାର ଶିକାର ଆଡ଼କୁ ମୁହାଁଇଛନ୍ତି । କରୋନା ଲୋକମାନଙ୍କର ରୋଜଗାର ଛଡ଼ାଇ ନେଇଛି। ପରିବାରର ରୋଜଗାର କମିବା ଶିଶୁମାନଙ୍କର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଛି। ଏହି ସମୟରେ ସରକାରୀ ସହାୟତା ପର୍ଯ୍ୟାପ୍ତ ନ ହେବା କାରଣରୁ ଆଗାମୀ ଦିନରେ ଅଧିକ ଶିଶୁ କମ୍ ଓଜନ, ପୁଷ୍ଟିହୀନତା ଏବଂ ଶାରୀରିକ ବିକାଶ ଭଳି ସମସ୍ୟାର ସମ୍ମୁଖୀନ ହେବା ଅଶାଙ୍କା ଦେଖା ଦେଇଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଏବଂ ଗ୍ଲୋବାଲ ହେଲ୍‌ଥ ସାଇନ୍ସ ଜର୍ନାଲ ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଏଭଳି ଆକଳନ କରାଯାଇଛି। ସମଗ୍ର ଦେଶରେ ପୁଷ୍ଟିହୀନତା ସମସ୍ୟା ଆହୁରି ଜଟିଳ ହେବ ବୋଲି ଚେତାବନୀ ଦିଆଯାଇଛି । ବିଶେଷ କରି ବିହାର, ଓଡ଼ିଶା, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ପିଲାମାନଙ୍କ ପୁଷ୍ଟିହୀନତା ସସମ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇବ।

କରୋନା ମହାମାରୀ ଯୋଗୁ ଓଡ଼ିଶାରେ ଲୋକମାନେ କାମଧନ୍ଦା ହରାଇବା ସହିତ ନିଜ ପରିବାରକୁ ଉପଯୁକ୍ତ ପ୍ରତିପୋଷଣ କରିବାରେ ବିଫଳ ହୋଇଛନ୍ତି । ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସମ୍ଭବ ହେଉ ନାହିଁ, ଯଦ୍ବାରା ପୁଷ୍ଟିହୀନ ଶିଶୁମାନଙ୍କର ସଂଖ୍ୟା ବହୁ ☞ପୃଷ୍ଠା-୪




# ୨୪ ଘଣ୍ଟାରେ ୧,୫୯୪ ପଜିଟିଭ୍, ୮ ମୃତ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ରାଜ୍ୟରେ କରୋନା ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି। ସଂକ୍ରମଣ ଓ ମୃତ୍ୟୁରେ ଏହି ମହାମାରୀ ରେକର୍ଡ ଭାଙ୍ଗୁଥିବାବେଳେ ଶେଷ ୩ଦିନର ତଥ୍ୟ ଚିନ୍ତା ବଢ଼ାଇଛି। ପ୍ରଥମ ଦିନ ୧୦୭୮, ଦ୍ୱିତୀୟଦିନ ୧୨୬୪ ପରେ ଲଗାତାର ତୃତୀୟ ଦିନରେ ଆଉ ୧,୫୯୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦିନକରେ ଏହା ସର୍ବାଧିକ ହୋଇଥିବାବେଳେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨୨ହଜାର ପାର୍ କରିଛି। ତେବେ ରାଜ୍ୟରେ ସଂକ୍ରମଣ ଅଣାୟତ୍ତ ହୋଇପଡୁଥିବାବେଳେ ଧୀରେ ଧୀରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ଗଞ୍ଜାମ ଓ ଖୋର୍ଦ୍ଧା ଜିଲା। ତିନିଦିନରେ ରାଜ୍ୟର ପ୍ରାୟ ୪ହଜାର କରୋନା ଆକ୍ରାନ୍ତ ହୋଇଥିବାବେଳେ ଗଞ୍ଜାମରୁ ୧,୬୪୩ ଓ ଖୋର୍ଦ୍ଧାରୁ ୫୬୮ଜଣ ରହିଛନ୍ତି। ☞ପୃଷ୍ଠା-୪



## ଲକ୍‌ଡାଉନ ଆରମ୍ଭରୁ ଏଯାଏ

ମାର୍ଚ୍ଚ ୨୫ରୁ ଦେଶବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ଲକ୍‌ଡାଉନ୍ ଲାଗୁ ହୋଇଛି। ଓଡ଼ିଶାରେ ମାର୍ଚ୍ଚ ୨୨ରୁ ଲକ୍‌ଡାଉନ୍ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ମଝିରେ କିଛିଦିନ କଟକଣା କୋହଳ କରାଯାଇଛି। ଦେଶରେ ଲକ୍‌ଡାଉନ୍ ଆରମ୍ଭରୁ ଶୁକ୍ରବାର ପର୍ଯ୍ୟନ୍ତ ଅର୍ଥାତ୍ ୧୨୨ ଦିନର ସ୍ଥିତିକୁ ଦେଖିଲେ ଗୋଷ୍ଠୀ ସଂକ୍ରମଣର ରୂପ ନେଲାଣି ଘାତକ ଭୂତାଣୁ କରୋନା।

| | ଭାରତ | | ଓଡ଼ିଶା | |
|---|---|---|---|---|
| | ଆକ୍ରାନ୍ତ | ମୃତ୍ୟୁ | ଆକ୍ରାନ୍ତ | ମୃତ୍ୟୁ |
| ମାର୍ଚ୍ଚ୨୫ | ୬୫୭ | ୧୦ | ୨ | ୦ |
| ଏପ୍ରିଲ ୧ | ୨୦୫୯ | ୫୮ | ୯ | ୦ |
| ମେ ୧ | ୩୭,୨୬୩ | ୧୨୩୧ | ୧୫୫ | ୧ |
| ଜୁନ୍୧ | ୧,୯୮,୩୭୧ | ୫୬୦୬ | ୨୨୭୭ | ୭ |
| ଜୁଲାଇ ୧ | ୬,୦୫,୨୨୧ | ୧୭,୮୪୭ | ୭୮୨୨ | ୨୫ |
| ଜୁଲାଇ ୨୩ | ୧୨,୮୮,୧୨୭ | ୩୦,୬୪୫ | ୨୨,୬୯୩ | ୧୨୦(୩୩*) |
| ଜୁଲାଇ ୨୪+ | ୧୩,୩୭,୦୨୨ | ୩୧,୪୦୬ | | |

(+ ରାତି ୧୨ଟା ସୁଦ୍ଧା, * ଅନ୍ୟ ରୋଗରେ କରୋନା ରୋଗୀଙ୍କ ମୃତ୍ୟୁ)
ତଥ୍ୟ: https://www.covid19india.org/ ଏବଂ ଓଡ଼ିଶା ସରକାର

# ପୋଲସରା ବିଧାୟକ କରୋନା ଆକ୍ରାନ୍ତ

**ପୋଲସରା, ୨୪।୭(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ପ୍ରଥମ ଥର ଜଣେ ବିଧାୟକ ସଂକ୍ରମିତ ହୋଇଛନ୍ତି। ସେ ହେଲେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ। କରୋନାରେ ସଂକ୍ରମିତ ହୋଇଥିବା ବିଧାୟକ ନିଜେ ସୂଚନା ଦେଇଛନ୍ତି। ତାଙ୍କ ସ୍ତ୍ରୀଙ୍କ ସ୍ୱାବ୍ ରିପୋର୍ଟ ମଧ୍ୟ ପଜିଟିଭ୍ ଆସିଥିବା ସେ କହିଛନ୍ତି। ଜିଲାକୁ ପ୍ରବାସୀମାନେ ଫେରୁଥିବା ବେଳେ ବିଧାୟକ ସାହୁ ନିଜ ନିର୍ବାଚନମଣ୍ଡଳୀର ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ସେମାନଙ୍କ ନିକଟତର ହୋଇଥିଲେ। ☞ପୃଷ୍ଠା-୪


ଶ୍ରୀକାନ୍ତ ସାହୁ

# ବାଚସ୍ପତିଙ୍କ ଅଧିକାରରେ ହାଇକୋର୍ଟଙ୍କ ହସ୍ତକ୍ଷେପ


ରାଜସ୍ଥାନ ହାଇକୋର୍ଟ


ବାଚସ୍ପତି ସି.ପି. ଜୋଷୀ

**ଜୟପୁର,୨୪।୭ (ପି.ଟି./ଆଇଏଏନ୍‌ଏସ୍)**

**ରାଜସ୍ଥାନ ସଙ୍କଟ**
- ଅଯୋଗ୍ୟତା ନୋଟିସ ଉପରେ ସ୍ଥିତାବସ୍ଥା ବଜାୟ ପାଇଁ ନିର୍ଦ୍ଦେଶ
- ୧୯ ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ହେବ ନାହିଁ
- ପାଇଲଟ ଆଶ୍ୱସ୍ତ, ଗେହଲଟ ନିରାଶ

ରାଜସ୍ଥାନରେ କ୍ଷମତା ପାଇଁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ବିଦ୍ରୋହୀ କଂଗ୍ରେସ ନେତା ସଚିନ ପାଇଲଟଙ୍କ ମଧ୍ୟରେ ଆଇନଗତ ଲଢ଼େଇ ଜାରି ରହିଥିବାବେଳେ ଶୁକ୍ରବାର ବାଚସ୍ପତିଙ୍କ କ୍ଷମତାରେ ହସ୍ତକ୍ଷେପ କରିଛନ୍ତି ହାଇକୋର୍ଟ। ପାଇଲଟ ଓ ତାଙ୍କ ନେତୃତ୍ୱରେ ଅନ୍ୟ ୧୮ କଂଗ୍ରେସ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ଲାଗି ବିଧାନସଭା ବାଚସ୍ପତି ସି.ପି. ଜୋଷୀ ପଠାଇଥିବା ନୋଟିସ ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଆଇନଗତ ପ୍ରଶ୍ନଗୁଡ଼ିକ ଉପରେ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ରାୟକୁ ସ୍ଥଗିତ ରଖାଯାଇପାରେ ବୋଲି ହାଇକୋର୍ଟ କହିଛନ୍ତି। ସ୍ଥିତାବସ୍ଥା ନିର୍ଦ୍ଦେଶର ତାତ୍ପର୍ଯ୍ୟ ହେଉଛି ବାଚସ୍ପତି ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ସମ୍ବିଧାନର ଦଶମ ପରିଚ୍ଛେଦ ପାରା ୨ (୧) (ଏ) ଅନୁସାରେ ଆଗକୁ କାର୍ଯ୍ୟାନୁଷ୍ଠାନ ନେଇ ପାରିବେନାହିଁ। ଏପରି କି ବିଧାୟକମାନେ ନୋଟିସ ଉପରେ ଜବାବ ଦାଖଲ ନ କଲେ ମଧ୍ୟ ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ। ରାଜସ୍ଥାନ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପାଇଲଟ ଗୋଷ୍ଠୀକୁ ଆଶ୍ୱସ୍ତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ଗେହଲଟ ନିରାଶ ହୋଇଛନ୍ତି। ଏପରି ନିଷ୍ପତ୍ତି ଦଳବଦଳ ଆଇନର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବାବୁଙ୍କ ପତନ**






କେନ୍ଦ୍ର ସଚିବ ସ୍ତରରେ ଶୁକ୍ରବାର ସାମାନ୍ୟ ଅଦଳବଦଳ କରାଯାଇଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜେଶ ଭୂଷଣଙ୍କୁ ସ୍ୱାସ୍ଥ୍ୟ ସଚିବ ଭାବେ ନିଯୁକ୍ତି ମିଳିଛି। ବର୍ତ୍ତମାନର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୁଦନଙ୍କ କାର୍ଯ୍ୟକାଳ ଏପ୍ରିଲରେ ଶେଷ ହେଉଥିବାବେଳେ ଏହାକୁ ୩ ମାସ ବୃଦ୍ଧି କରାଯାଇଥିଲା। ସେ ଜୁଲାଇ ୩୧ରେ ଅବସର ଗ୍ରହଣ କରିବେ। ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭୂଷଣ ଏପ୍ରିଲରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଓଏସ୍‌ଡି ନିଯୁକ୍ତ ହୋଇଥିଲେ।

# ବଳ ଦେଖାଇଲେ ଗେହଲଟ



ଜୟପୁରସ୍ଥିତ ହୋଟେଲ ଫେୟାର ମାଉଣ୍ଟ ଆଗରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ କଂଗ୍ରେସ ନେତା ରଣଦୀପ ସୁର୍ଜେୱାଲା, ଅବିନାଶ ପାଣ୍ଡେ ଓ ଅଜୟ ମାକେନ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

## ରାଜଭବନ ଆଗରେ ଧାରଣା ଦେଲେ ବିଧାୟକ

## ରାତ୍ରିରେ ବସିଲା କ୍ୟାବିନେଟ ବୈଠକ

**ଜୟପୁର,୨୪।୭**

ରାଜସ୍ଥାନରେ କ୍ଷମତା ଯୁଦ୍ଧକୁ ନେଇ ଦୁଇ ସପ୍ତାହ ଧରି ବଢ଼ିଚାଲିଥିବା ଉଷ୍ମତା ଜାତୀୟ ରାଜନୀତିକୁ ସରଗରମ କରିଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଶୁକ୍ରବାର ଜୟପୁରସ୍ଥିତ ରାଜଭବନ ଆଗରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ରାଜ୍ୟର ରାଜନୈତିକ ସ୍ଥିତି ଓ ମହାମାରୀ କରୋନା ସମ୍ପର୍କରେ ଆଲୋଚନା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଦାବିରେ ଅଟଳ ଗେହଲଟ ନିଜର ୧୦୦ ବିଧାୟକଙ୍କୁ ଧରି ରାଜଭବନ ଆଗରେ ଧାରଣା ଦେଇଛନ୍ତି।

ବିଧାନସଭା ଅଧିବେଶନ ସୋମବାରଠାରୁ ଆରମ୍ଭ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଗେହଲଟ ଦାବି କରିଛନ୍ତି। ଏହାସହ ରାତି ୯ଟା ୩୦ରେ ସେ ନିଜ ବାସଭବନରେ କ୍ୟାବିନେଟ ବୈଠକ କରିଛନ୍ତି। ୨୦୦ ଆସନ ବିଶିଷ୍ଟ ବିଧାନସଭାରେ ନିଜ ସରକାରଙ୍କ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ଚାହୁଁଥିବା ଗେହଲଟ କହିଛନ୍ତି, ରାଜ୍ୟପାଳ କଲରାଜ ମିଶ୍ର ଉପର (କେନ୍ଦ୍ର ସରକାରଙ୍କ) ଚାପରେ ନ ଆସି ତୁରନ୍ତ ଅଧିବେଶନ ଡାକନ୍ତୁ। ନଚେତ୍ ରାଜସ୍ଥାନବାସୀ ରାଜଭବନ ଘେରାଓ କଲେ ରାଜ୍ୟପାଳ ଦାୟୀ ରହିବେ। ଗେହଲଟଙ୍କ ସହ ତାଙ୍କ ସମର୍ଥକ ବିଧାୟକମାନେ ରାଜ୍ୟପାଳଙ୍କୁ ଭେଟି ସୋମବାର ସୁଦ୍ଧା ଅଧିବେଶନ ଡାକିବାକୁ ଅନୁରୋଧ କରିଛନ୍ତି। ରାଜ୍ୟପାଳ ସମ୍ବିଧାନର ନିୟମ ମାନିବେ ବୋଲି ଗେହଲଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ କଂଗ୍ରେସର ରାଜସ୍ଥାନ ପ୍ରଭାରୀ ରଣଦୀପ ସୁର୍ଜେୱାଲା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟପାଳଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୭୪ ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସୁର୍ଜେୱାଲା କହିଛନ୍ତି।

ଏହା ପୂର୍ବରୁ ଅପରାହ୍ନ ୨ଟା ୩୦ରେ ହୋଟେଲ ଫେୟାର ମାଉଣ୍ଟରୁ ଗେହଲଟଙ୍କ ଗୋଷ୍ଠୀର ବିଧାୟକମାନେ ୪ଟି ବସ୍‌ରେ ଯାଇ ରାଜଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ବିଧାନସଭା ଅଧିବେଶନ ନ ଡାକିଲେ ରାଜସ୍ଥାନର ଜନସାଧାରଣ ରାଜଭବନ ଘେରାଓ କରିବେ ବୋଲି ଗେହଲଟ ରାଜ୍ୟପାଳଙ୍କୁ ଚେତାବନୀ ଦେଇଥିଲେ। ଏହାର ଜବାବରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ଏକ ପତ୍ର ଲେଖିଛନ୍ତି। ରାଜଭବନ ଘେରାଓ ଚେତାବନୀ ଏକ ଭୁଲ୍ ପରମ୍ପରାର ଆରମ୍ଭ ବୋଲି ରାଜ୍ୟପାଳ ଏଥିରେ ଉଲ୍ଲେଖ କରିଥିବା ଜଣାପଡ଼ିଛି।

### ଭାଜପାର ଷଡ଼ଯନ୍ତ୍ର ଧରାପଡ଼ିଛି



ରାଜସ୍ଥାନରେ କଂଗ୍ରେସ ନେତୃତ୍ୱାଧୀନ ଗେହଲଟ ସରକାରଙ୍କୁ ଭାଙ୍ଗିଦେବା ପାଇଁ ଭାଜପା ଚଳାଇଥିବା ଷଡ଼ଯନ୍ତ୍ର ଏବେ ଧରାପଡ଼ିଯାଇଛି। କଂଗ୍ରେସକୁ ସଂଖ୍ୟାଗରିଷ୍ଠତା ପ୍ରମାଣର ସୁଯୋଗ ଦେବା ସକାଶେ ରାଜ୍ୟପାଳ ବିଧାନସଭା ଅଧିବେଶନ ଡାକିବା ଜରୁରୀ।

**–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



ରାଜଭବନ ଆଗରେ ଧାରଣା ଦେଇଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ତାଙ୍କ ବିଧାୟକମାନଙ୍କ ସହ ଆଲୋଚନା କରୁଛନ୍ତି ରାଜ୍ୟପାଳ କଲରାଜ ମିଶ୍ର।

# ରାଜସ୍ଥାନ ହାଇକୋର୍ଟଙ୍କ ୧୩ ପ୍ରଶ୍ନ

୧୯ ବିଦ୍ରୋହୀ ବିଧାୟକଙ୍କ ରିଟ୍ ପିଟିଶନକୁ ନେଇ ରାଜସ୍ଥାନ ହାଇକୋର୍ଟ ଶୁକ୍ରବାର ୧୩ଟି ପ୍ରଶ୍ନ ପ୍ରସ୍ତୁତ କରିଛନ୍ତି, ଯାହା ଦଳବଦଳ ନିରୋଧୀ ଆଇନର ପରିଭାଷାକୁ ବଦଳାଇଦେଇପାରେ। ସୋମବାର ଏହି ପ୍ରଶ୍ନ ଉପରେ ଶୁଣାଣି ହେବ। ସେହି ୧୩ ପ୍ରଶ୍ନ ହେଲା:

- ୧୯୯୨ରେ କିହୋତୋ ହୋଲୋହନ ବନାମ ଜଚିଲ୍ହୁ ଓ ଅନ୍ୟମାନଙ୍କ ମାମଲାରେ ସୁପ୍ରିମକୋର୍ଟ ରାୟ କେବଳ 'କ୍ରସିଂ ଓଭର'କୁ ନେଇ ଥିଲା ନା ଦଳ ଭିତରେ ଅସହମତି ଉପରେ ମଧ୍ୟ ଆଧାରିତ ଥିଲା ?
- ବର୍ତ୍ତମାନର ମାମଲାର ତଥ୍ୟ ଓ ପରିସ୍ଥିତିରେ ବିଶେଷ ଭାବେ ଭାରତୀୟ ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧୀ କି? ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ରେ ନିଶ୍ଚିତ କରାଯାଇଥିବା ଅଭିବ୍ୟକ୍ତି ସ୍ୱାଧୀନତା ସମ୍ବିଧାନର ଦଶମ ପରିଚ୍ଛେଦର ଅନୁଚ୍ଛେଦ ୨(୧)ର ଉଲ୍ଲଂଘନ କରୁଛି କି?
- ଦଳର ନେତୃତ୍ୱ ବିରୋଧରେ ଜୋର୍‌ଦାର ଅସହମତି ବା ମୋହଭଙ୍ଗର ଅଭିବ୍ୟକ୍ତି ସମ୍ବିଧାନର ଦଶମ ପରିଚ୍ଛେଦ ପାରା (୨) (୧) ପରିସରରେ ଆସୁଥିବା ଆଚରଣ ହୋଇପାରେ କି?
- ବାଚସ୍ପତି ଯେଉଁ ମୌଳିକ ତଥ୍ୟଗୁଡ଼ିକ ଉପରେ ନୋଟିସ ଜାରି କରିଛନ୍ତି, ତାହା କ'ଣ ସାମ୍ବିଧାନିକ ତଥ୍ୟଗୁଡ଼ିକର ବିରୁଦ୍ଧାଚରଣ କରୁଛି? ସେହି ନିୟମ ଅସାମ୍ବିଧାନିକ କି?
- ଦଶମ ପରିଚ୍ଛେଦର ପାରା ୨(୧) (ଏ) ଅନୁସାରେ କୌଣସି ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ବାଚସ୍ପତିଙ୍କ ଅଧିକାର ପରିସରର ଅଭ୍ୟାସର ତରିକାକୁ ସ୍ପିକରଙ୍କ ଅଧିକାର କ୍ଷେତ୍ରରୁ ଅଲଗା କରାଯିବା ଉଚିତ ନା ନାହିଁ?
- ଦଳର ସଚେତକଙ୍କ ଜରିଆରେ ବିଧାୟକମାନଙ୍କଠାରୁ ଆଶା କରାଯାଉଥିବା କାର୍ଯ୍ୟଗୁଡ଼ିକ ପାଇଁ ଗୃହ ଭିତରେ ହିଁ ଅନୁଶାସନକୁ ଲାଗୁ କରାଯାଇପାରିବ କି?
- ବାଚସ୍ପତି ଏହି ପିଟିଶନରେ ଆବେଦନକାରୀମାନଙ୍କ ପକ୍ଷରୁ ଉଠାଯାଇଥିବା ସାମ୍ବିଧାନିକ ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ସ୍ଥିତିରେ ଅଛନ୍ତି କି ନାହିଁ?
- ଅଧ୍ୟକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନୋଟିସ ଗଣତନ୍ତ୍ରର ସାରାଂଶର ପ୍ରାକ୍ ଉଲ୍ଲଂଘନ କି? ଏହାର ଉଦ୍ଦେଶ୍ୟ କ୍ଷମତାରେ ବ୍ୟକ୍ତିମାନଙ୍କ ବିରୋଧରେ ଅସହମତିକୁ ଚପାଇଦେବା କି?
- ଦଳ ଭିତରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିଥିବା ଆବେଦନକାରୀମାନଙ୍କ ସ୍ୱରକୁ ନୋଟିସ ଜରିଆରେ ଚପାଇଦେବାର ଉଦ୍ୟମ ହୋଇଛି କି? ସେମାନେ ଧମକ ପାଇ ନେତୃତ୍ୱର କାର୍ଯ୍ୟଧାରା ଉପରେ ନିଜର ବିରୋଧ ବ୍ୟକ୍ତ କରିବାର ଅଧିକାରକୁ ତ୍ୟାଗ କରିଦେବେ କି?
- ଦଶମ ପରିଚ୍ଛେଦର ପାରା ୨(୧)(ଏ)ରେ ସ୍ୱଇଚ୍ଛାରେ ରାଜନୈତିକ ଦଳରୁ ନିଜ ସଦସ୍ୟତା ତ୍ୟାଗ କରିବାର ଅର୍ଥ ଜଣେ ବିଧାୟକଙ୍କ ଦ୍ୱାରା ଗୃହ ବାହାରେ ମୁଖ୍ୟମନ୍ତ୍ରୀ/ଦଳର ରାଜ୍ୟ ଶାଖାର କାର୍ଯ୍ୟଧାରାର ସମାଲୋଚନା କି?
- ଯଦି ପ୍ରଶ୍ନ ସଂଖ୍ୟା ୧୦ର ଉତ୍ତର ହଁ, ତେବେ କ'ଣ ପାରା ୨(ଏ) ସମ୍ବିଧାନର ମୌଳିକ ଢାଞ୍ଚାର ଉଲ୍ଲଂଘନ କରୁନାହିଁ, ଯେଉଁଥିରେ ଅନୁଚ୍ଛେଦ ୧୯(୧)(ଏ) ଅର୍ଥାତ୍ ଅଭିବ୍ୟକ୍ତିର ସ୍ୱାଧୀନତା ଉଲ୍ଲଂଘନ ଅନ୍ତର୍ଭୁକ୍ତ ?
- ବାଚସ୍ପତିଙ୍କ ପକ୍ଷରୁ ନୋଟିସ ଜାରି କରାଯିବା ତରବରିଆ ଭାବେ ପ୍ରାକୃତିକ ନ୍ୟାୟର ଉଲ୍ଲଂଘନ ନୁହେଁ କି? ଏହା ଉଦ୍ଦେଶ୍ୟପ୍ରଣୋଦିତ ଭାବେ କ୍ଷମତାର ଦୁରୁପଯୋଗ ନୁହେଁ କି?
- କିହୋତୋଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ଏପରି ବୁଝାଯାଇପାରିବ କି ଯେଉଁଥିରେ ହାଇକୋର୍ଟଙ୍କୁ ଏହି ପ୍ରଶ୍ନଗୁଡ଼ିକର ତର୍ଜମା କରିବାରୁ ରୋକି ଦିଆଯାଇଛି ?

### ବାବ୍ରୀ ମସ୍‌ଜିଦ୍ ଭଙ୍ଗା ମାମଲା

# ବୟାନ ରେକର୍ଡ କରାଇଲେ ଆଡଭାନୀ

**ଲକ୍ଷ୍ନୌ,୨୪।୭(ପି.ଟି.):** ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାରେ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ଶୁକ୍ରବାର ଭିଡିଓ ଲିଙ୍କ୍ ଜରିଆରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଇଛନ୍ତି। ୯୨



ବର୍ଷୀୟ ପୂର୍ବତନ ଉପପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବିଚାରପତି ଏସ୍.କେ. ଯାଦବଙ୍କ କୋର୍ଟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବୟାନ ରଖିଥିବାବେଳେ ତାଙ୍କ ଓକିଲ ବିମଲ କୁମାର ଶ୍ରୀବାସ୍ତବ, କେ.କେ. ମିଶ୍ର ଓ ଅଭିଷେକ ରଞ୍ଜନ କୋର୍ଟରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଅଦାଲତରେ ସିବିଆଇ ଓକିଲ ଲଳିତ ସିଂ, ପି. ଚକ୍ରବର୍ତ୍ତୀ ଓ ଆର୍.କେ. ଯାଦବ ଉପସ୍ଥିତ ଥିବା ଦେଖାଯାଇଥିଲା। ଗୁରୁବାର ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀ ଉପସ୍ଥିତ ରହି ବୟାନ ରେକର୍ଡ କରାଇଥିଲେ। ଜୋଷୀ ନିଜକୁ ନିର୍ଦ୍ଦୋଷ କହିବା ସହ କେନ୍ଦ୍ରର ତତ୍କାଳୀନ କଂଗ୍ରେସ ସରକାର ତାଙ୍କୁ ମାମଲାରେ ଫସାଇଥିବା କହିଥିଲେ।

# ଏସ୍‌ପିଙ୍କ ସମେତ ୧୧ ପୋଲିସ ନିଲମ୍ବିତ

## ଲାବ୍ ଟେକ୍‌ନିସିଆନ ଅପହରଣ, ହତ୍ୟା ମାମଲା

**ଲକ୍ଷ୍ନୌ,୨୪।୭(ପି.ଟି.)**

କାନପୁରର ଲାବରେଟୋରି ଟେକ୍‌ନିସିଆନ୍ ଅପହରଣ ଓ ହତ୍ୟା ମାମଲାରେ କର୍ତ୍ତବ୍ୟରେ ଅବହେଳା ପାଇଁ ଜଣେ ଏସ୍‌ପି, ଜଣେ ସର୍କଲ ଇନ୍‌ସ୍ପେକ୍ଟରଙ୍କ ସମେତ ୧୧ ପୋଲିସଙ୍କୁ ଶୁକ୍ରବାର ଉତ୍ତରପ୍ରଦେଶ ସରକାର ନିଲମ୍ବନ କରିଛନ୍ତି। ଅପହରଣକାରୀମାନେ ଲାବ୍ ଟେକ୍‌ନିସିଆନଙ୍କୁ ଅପହରଣ କରିନେଇ ୩୦ ଲକ୍ଷ ଟଙ୍କା ଦାବି କରିଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ତେବେ ଟଙ୍କା ଦାବି କରିବା ଅଭିଯୋଗ ସତ୍ୟ ନୁହେଁ ବୋଲି ସର୍କଲ ଅଫିସର ବିକାଶ ପାଣ୍ଡେ କହିଛନ୍ତି। ଲାବରେଟୋରି ଟେକ୍‌ନିସିଆନଙ୍କ ପରିବାର ପକ୍ଷରୁ ଟଙ୍କା ଦିଆଯାଇଥିଲା କି ନାହିଁ ଏହାର ତଦନ୍ତ ଦାୟିତ୍ୱ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ବି.ପି. ଜୋଗଦାନ୍ଦଙ୍କୁ ଦିଆଯାଇଛି।

ଲାବ୍ ଟେକ୍‌ନିସିଆନଙ୍କୁ ମାସେ ପୂର୍ବରୁ କାନପୁରରୁ ଅପହରଣ କରିନିଆଯାଇ ସପ୍ତାହେ ପଣବନ୍ଦୀ ରଖିବା ପରେ ହତ୍ୟା କରାଯାଇଥିବା ପୋଲିସ କହିଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଏସ୍‌ପି (ଦକ୍ଷିଣ) ଅପ୍ରନା ଗୁପ୍ତା ଏବଂ ତତ୍କାଳୀନ ସର୍କଲ ଅଫିସର ମନୋଜ ଗୁପ୍ତାଙ୍କୁ ନିଲମ୍ବନ କରାଯାଇଛି। ଏହାବ୍ୟତୀତ ପୂର୍ବତନ ଷ୍ଟେଶନ ହାଉସ ଅଫିସର ରଣଜିତ୍ ରାୟ, ଚୌକି ଇନ୍‌ଚାର୍ଜ ରାଜେଶ କୁମାର, ଜଣେ ଇନ୍ସପେକ୍ଟର ଓ ୬ଜଣ କନ୍‌ଷ୍ଟେବଲଙ୍କୁ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଲାଗି ନିଲମ୍ବନ କରାଯାଇଥିବା ଜଣାପଡିଛି। ଅପହରଣ ସହ ସମ୍ପୃକ୍ତି ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଟେକ୍‌ନିସିଆନ୍ ଏସ୍. ଯାଦବଙ୍କ ଦୁଇଜଣ ବନ୍ଧୁ ଅଛନ୍ତି। ଅନ୍ୟ କେତେଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବାବେଳେ ଦୁଇଜଣ ଅପରାଧ ସମ୍ପର୍କରେ ସ୍ୱୀକାର କରିଥିବା କାନପୁର ଏସ୍‌ଏସ୍‌ପି ଦିନେଶ କୁମାର ପ୍ରଭୁ କହିଛନ୍ତି।



ଆସାମ ମୋରିଗାଓଁ ଜିଲା ଅନ୍ତର୍ଗତ ବନ୍ୟାପ୍ଲାବିତ ମାୟଙ୍ଗ ଗାଁରେ ଜଣେ ବୃଦ୍ଧା ଭେଳା ସାହାଯ୍ୟରେ ଯାଉଛନ୍ତି।

### ରଞ୍ଜନ ଗୋଗୋଇ ବହିର୍ବ୍ୟାପାର ଗୃହ କମିଟିକୁ ମନୋନୀତ



**ନୂଆଦିଲ୍ଲୀ,୨୪।୭**

ରାଜ୍ୟ ସଭା ସଦସ୍ୟ ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ବହିର୍ବ୍ୟାପାର ସଂସଦୀୟ କମିଟିକୁ ମନୋନୀତ କରାଯାଇଛି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡା ରେଲୱେ କମିଟିରେ ସ୍ଥାନ ପାଇଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ବିଭିନ୍ନ କମିଟିରେ ସଦସ୍ୟମାନଙ୍କ ଚୟନକୁ ଚୂଡ଼ାନ୍ତ କରିଛନ୍ତି। ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ଭୁବନେଶ୍ୱର କାଲିଟାଙ୍କୁ ମାନବ ସମ୍ବଳ ବିକାଶ ସମ୍ପର୍କିତ ସଂସଦୀୟ କମିଟିକୁ ମନୋନୀତ କରାଯାଇଛି। ମହାରାଷ୍ଟ୍ରର ଭାଜପା ନେତା ବିନୟ ସହସ୍ରବୁଦ୍ଧେ ଏହି କମିଟିର ମୁଖ୍ୟ ରହିଛନ୍ତି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ପ୍ରତିରକ୍ଷା କମିଟି, କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ବାଣିଜ୍ୟ କମିଟି, ପୂର୍ବତନ ରେଳମନ୍ତ୍ରୀ ଦିନେଶ ତ୍ରିବେଦୀଙ୍କୁ ଗୃହ ବ୍ୟାପାର କମିଟିକୁ ମନୋନୀତ କରାଯାଇଛି।

# ପ୍ଲାଜ୍‌ମା ଦେବାକୁ ଲୋକେ ଅନାଗ୍ରହୀ

**ନୂଆଦିଲ୍ଲୀ,୨୪।୭(ପି.ଟି.)**

କରୋନା ଚିକିତ୍ସାରେ ପ୍ଲାଜ୍‌ମା ଥେରାପି ସହାୟକ ହେଉଥିବାବେଳେ ଏଥିପାଇଁ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ପ୍ଲାଜ୍‌ମା ବ୍ୟାଙ୍କ ଖୋଲାଯାଇଛି। କରୋନାରୁ ଆରୋଗ୍ୟ ହୋଇଥିବା ଲୋକଙ୍କୁ ପ୍ଲାଜ୍‌ମା ଦାନ କରିବା ଲାଗି ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏହା ସତ୍ତ୍ୱେ ପ୍ଲାଜ୍‌ମା ଦାନ ପାଇଁ ଆରୋଗ୍ୟଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉନାହିଁ। ସେମାନଙ୍କ ମନରେ ଅଜଣା ଭୟ ରହୁଥିବା ଡାକ୍ତରମାନେ କହିଛନ୍ତି। ଦିଲ୍ଲୀରେ ଜୁଲାଇ ୨ରେ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟନ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୩୨୦ ଜଣ ପ୍ଲାଜ୍‌ମା ଦାନ କରିଛନ୍ତି। ଦିଲ୍ଲୀରେ ଲକ୍ଷେରୁ ଅଧିକ ଲୋକ କୋଭିଡ୍‌ରୁ ଆରୋଗ୍ୟ ହୋଇସାରିଲେଣି। ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲିଭର ଆଣ୍ଡ ବିଲିଆରି ସାଇନ୍ସ (ଆଇଏଲ୍‌ବିଏସ୍)ରେ ପ୍ଲାଜ୍‌ମା ବ୍ୟାଙ୍କ ଖୋଲିବା ଦିନ ୧୦ ଜଣ ପ୍ଲାଜ୍‌ମା ଦାନ କରିଥିଲେ। ଏହା ପରେ ଦିନକୁ ହାରାହାରି ୧୫ ଜଣ ପ୍ଲାଜ୍‌ମା ଦେବାକୁ ଆସୁଛନ୍ତି। ପ୍ଲାଜ୍‌ମା ଦେଲେ କୌଣସି କ୍ଷତି ନାହିଁ। କିନ୍ତୁ ଲୋକମାନଙ୍କ ମନରେ ଏକପ୍ରକାର ଅଜଣା ଭୟ ରହୁଥିବା ଆଇଏଲ୍‌ବିଏସ୍‌ର ଜଣେ ଅଧିକାରୀ କହିଛନ୍ତି। ସେହିପରି ଏଲ୍‌ଏନ୍‌ଜେପି ହସ୍ପିଟାଲ ପ୍ଲାଜ୍‌ମା ବ୍ୟାଙ୍କକୁ ଏପର୍ଯ୍ୟନ୍ତ ମାତ୍ର ୧୯ ଜଣ ପ୍ଲାଜ୍‌ମା ଦାନ କରିଛନ୍ତି।

# ଚେଙ୍ଗ୍‌ଡୁ କନ୍‌ସୁଲେଟ ବନ୍ଦ କରିବାକୁ ଆମେରିକାକୁ କହିଲା ଚାଇନା

**ବେଜିଂ,୨୪।୭**

ହ୍ୟୁଷ୍ଟନରେ ଥିବା ଦୂତାବାସ ବନ୍ଦ କରିବାକୁ ଆମେରିକା ଚାଇନାକୁ ନିର୍ଦ୍ଦେଶ ଦେବା ପରେ ବେଜିଂ ଯେସାକୁ ତେସା ନୀତି ଆପଣାଇଛି। ଚେଙ୍ଗ୍‌ଡୁରେ ଥିବା ଦୂତାବାସ ବନ୍ଦ କରିଦେବାକୁ ବେଜିଂ ଶୁକ୍ରବାର ୱାଶିଂଟନକୁ କହିଛି। ଫଳରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଗୁରୁତର ପ୍ରଭାବିତ ହୋଇଛି। ଚାଇନା ଏଜେଣ୍ଟମାନେ ଟେକ୍ସାସରୁ ମେଡିକାଲ ଓ ଅନ୍ୟାନ୍ୟ ଗବେଷଣା ତଥ୍ୟ ଚୋରାଇନେଉଥିବା ଅଭିଯୋଗ କରି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚାଇନାକୁ ଏହାର ହ୍ୟୁଷ୍ଟନ କନ୍‌ସୁଲେଟ ବନ୍ଦ କରିବା ପାଇଁ କହିଥିଲା। ଏଭଳି ଏକପାଖିଆ ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୱାଶିଂଟନକୁ ଅନୁରୋଧ କରାଯାଇଥିଲା। ଆମେରିକା ନିଷ୍ପତ୍ତି ନ ବଦଳାଇବାରୁ ଏହାର ଚେଙ୍ଗ୍‌ଡୁରେ ଥିବା ବାଣିଜ୍ୟିକ ଦୂତାବାସ ବନ୍ଦ କରିବାକୁ ବେଜିଂ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଦିନକରେ ୪୯,୩୧୦ ଆକ୍ରାନ୍ତ

**ନୂଆଦିଲ୍ଲୀ,୨୪।୭**

- ଦେଶରେ ୩୦,୬୬୦ ମୁଣ୍ଡ ଗଡ଼ିଲାଣି
- ସଂକ୍ରମିତଙ୍କ ସଂଖ୍ୟା ୧୩ ଲକ୍ଷ ଟପିଲା

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪୯,୩୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩ ଲକ୍ଷ ଅତିକ୍ରମ କରିଛି। ମୃତ୍ୟୁସଂଖ୍ୟା ୩୦,୬୬୦କୁ ବୃଦ୍ଧିପାଇଛି। ଏବେ ୪.୪୧ ଲକ୍ଷ ଆକ୍ଟିଭ୍ ମାମଲା ରହିଥିବାବେଳେ ୮.୧୮ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଦେଶରେ ସୁସ୍ଥହାର ୬୩.୪୫%କୁ ବୃଦ୍ଧିପାଇଛି। ପ୍ରତି ୩ ଦିନରେ ଭାରତରେ ଲକ୍ଷେ ନୂଆ ମାମଲା ସାମ୍ନାକୁ ଆସିବା ଚିନ୍ତା ବଢ଼ାଇଦେଇଛି। ସୋମବାର ୧୧ ଲକ୍ଷ ଟପିଥିବା ବେଳେ ଗୁରୁବାର ୧୩ ଲକ୍ଷର ନିକଟତର ହୋଇଥିଲା। ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ଗୁଜରାଟରେ ଅଧିକରୁ ଅଧିକ ନୂଆ ମାମଲା ପଦାକୁ ଆସୁଛି।

ମହାରାଷ୍ଟ୍ରରେ ୩.୪୭ ଲକ୍ଷରୁ ଅଧିକ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଛନ୍ତି। ୧୨,୮୫୪ ଲୋକଙ୍କ ଜୀବନ ଯାଇଛି। ତାମିଲନାଡୁରେ ୧.୯୩ ଲକ୍ଷ ସଂକ୍ରମିତ ହୋଇଥିବାବେଳେ ୩,୨୩୨ ଜଣ ପ୍ରାଣ ହରାଇଛନ୍ତି। କର୍ଣ୍ଣାଟକ ନୂଆ ହଟ୍‌ସ୍ପଟ୍ ରାଜ୍ୟଭାବେ ଉଭା ହୋଇଥିବାବେଳେ ଏଠାରେ ୮୦ ହଜାର ସଂକ୍ରମିତ। ଆନ୍ଧ୍ରପ୍ରଦେଶରେ ୮୦ ହଜାର ଉପରେ ଆକ୍ରାନ୍ତ ଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୮, ୧୪୭ ନୂଆ ମାମଲା ନଜରକୁ ଆସିଛି। ରାଜଧାନୀ ଦିଲ୍ଲୀରେ ୧.୨୭ ଲକ୍ଷ, ଉତ୍ତରପ୍ରଦେଶରେ ୫୮ ହଜାର, ଗୁଜରାଟରେ ୫୨ ହଜାର, ପଶ୍ଚିମବଙ୍ଗ ଓ ତେଲଙ୍ଗନାରେ ୫୦ ହଜାର ଉପରେ କରୋନା ରୋଗୀ ଅଛନ୍ତି। ପ୍ରଶାସନର ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଔଷଧ କିମ୍ବା ଟିକା ବାହାରି ନ ଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଥିବା ଜଣାପଡ଼ିଛି।



# ୫ ଜଣରେ ଜଣେ ବେରୋଜଗାର

## ଆଇଏଏନ୍‌ଏସ୍-ସି ଭୋଟର ସର୍ଭେ ରିପୋର୍ଟ

## ଭାରତରେ ଜୀବିକା ଛଡ଼ାଇଛି ଲକ୍‌ଡାଉନ୍

**ନୂଆଦିଲ୍ଲୀ,୨୪।୭**

ମହାମାରୀ କରୋନା ଭୂତାଣୁ କବଳରେ ଦେଶ ଏବେ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହୋଇଛି। ମୋଟ ୧୩ ଲକ୍ଷ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଥିବା ବେଳେ ୩୦,୬୬୦ ଲୋକଙ୍କ ଜୀବନ ଗଲାଣି। ଏହା ସତ୍ତ୍ୱେ ଉଗ୍ର ସଂକ୍ରମଣ ସ୍ଥିତି ଦେଖାଦେବାରୁ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଲକ୍‌ଡାଉନ୍ ସହ କୋଭିଡ୍ କଟକଣା ଜାରି ହେବା ପରେ ଏବେ ଦେଶରେ ଏକ–ପଞ୍ଚମାଂଶ ଲୋକ ବେକାର ହୋଇ ରହିଥିବା ଆଇଏନ୍‌ଏସ୍–ସି ଭୋଟର ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ମୋଟ ୧,୭୨୩ ଲୋକଙ୍କ ମତାମତ ନିଆଯାଇଥିବା ବେଳେ ଏଭଳି ବିକଳ ସ୍ଥିତି ନଜରକୁ ଆସିଛି। ସର୍ଭେ ରିପୋର୍ଟ ଅନୁଯାୟୀ, ୨୧.୫୭% ଲୋକ କାମାନ୍ତର ହୋଇଛନ୍ତି କିମ୍ବା କାମକୁ ଯାଉ ନ ଥିବା ଜଣାପଡ଼ିଛି। ୨୫.୯୨% ଲୋକ କୋଭିଡ୍ କଟକଣା ମାନି ସମାନ ଦରମାରେ ସୁରକ୍ଷିତ ଭାବେ ସେମାନଙ୍କ କାର୍ଯ୍ୟ କରୁଥିବା ରିପୋର୍ଟରେ ଦର୍ଶାଯାଇଛି। ୭.୦୯% ଲୋକ ସେମାନଙ୍କ ଦରମା ସହ ଘରେ ରହି କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି।

ମାର୍ଚ୍ଚ ୨୫ରେ କେନ୍ଦ୍ର ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ କଟକଣା ଲାଗୁ କରିଥିଲେ। ଜୁନ୍ ୧ରୁ ଅନ୍‌ଲକ୍ ୧ ଆରମ୍ଭ ହୋଇଥିଲା। ଜୁନ୍ ୨୪ରୁ ଜୁଲାଇ ୨୨ ମଧ୍ୟରେ ଏହି ସର୍ଭେ କରାଯାଇଥିବା ବେଳେ ପରିବାରର ମୁଖ୍ୟ ଆୟକାରୀଙ୍କ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଲକ୍‌ଡାଉନ୍ କଟକଣା ଲାଗୁ ହେବା ପରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବା ଜଣାପଡ଼ିଛି। ରୋଜଗାରକ୍ଷମ ୮.୩୩% ଲୋକଙ୍କ ଦରମା କମାଯାଇଥିବା ବେଳେ ସେମାନେ କଟକଣା ମାନି କାମ କରିଆସୁଥିବା ଜଣାପଡ଼ିଛି। ସେହିଭଳି ୮% ଲୋକଙ୍କ ଦରମା କାଟ୍‌ଛାଣ୍ଟ କରାଯାଇଥିଲେ ମଧ୍ୟ ସେମାନେ ଘରେ ରହି କାର୍ଯ୍ୟ କରିଆସୁଛନ୍ତି। ଲକ୍‌ଡାଉନ୍ ଲାଗୁ ହେବା ପରେ ୬.୧୨% ଲୋକ କାମ ଛାଡ଼ି ସମ୍ପୂର୍ଣ୍ଣ ଭାବେ ବେକାର ହୋଇପଡ଼ିଛନ୍ତି। ୧.୨୦% ଲୋକ କାମ କରିଆସୁଥିବାବେଳେ ସେମାନଙ୍କୁ କୌଣସି ପାରିଶ୍ରମିକ ମିଳୁନାହିଁ। ସି ଭୋଟର ଡେଲି ଟ୍ରାକିଂ ପୋଲ୍‌ରେ ବିଭିନ୍ନ ରାଜ୍ୟର ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ମତାମତ ଅନୁଯାୟୀ ଦେଶରେ ବେରୋଜଗାର ଲୋକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। କେଉଁଠି କାମଧନ୍ଦା ହରାଇ ଲୋକମାନେ ଭାଗ୍ୟକୁ ଆଦରି ଘରେ ରହିଥିବା ବେଳେ ଆଉ କେଉଁଠି ସୁରକ୍ଷା କଟକଣା ମାନି ଦରମା କାଟ୍‌ଛାଣ୍ଟ ସତ୍ତ୍ୱେ ସେମାନେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଦେଶରେ ଲକ୍‌ଡାଉନ୍ ଲାଗୁହେବା ପରେ କରୋନା ଲୋକଙ୍କ ରୋଜଗାର ଛଡ଼ାଇ ନେଇଥିବା ଏଥିରୁ ସହଜେ ଅନୁମେୟ।



## ମାଲକାନଗିରିକୁ ରେଳସେବା ଜମି ଅଧିଗ୍ରହଣ ପାଇଁ ଚିଠି ଲେଖିଲେ ଜିଲାପାଳ

**ମାଲକାନଗିରି,୨୪।୭(ସ୍ୱ.ପ୍ର.):** ମାଲାକାନଗିରିକୁ ରେଳସେବା ପାଇଁ ଦୀର୍ଘବର୍ଷ ହେଲା ଜିଲାବାସୀ ଚାହିଁ ରହିଛନ୍ତି। ଏବେ ଇଷ୍ଟକୋଷ୍ଟ ରେଲୱେର ନିର୍ଦ୍ଦେଶ ଜିଲା ପ୍ରଶାସନକୁ ମିଳିଛି। ଜୟପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ୧୨୬ କିମି ରେଳ ଲାଇନ ଆସିବା ପାଇଁ ଏହାର ମ୍ୟାପ କରିବା ଓ ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି। ଶୁକ୍ରବାର ଜିଲାପାଳ ମନୀଷ ଅଗ୍ରୱାଲ ମାଲକାନଗିରି ଓ ମାଥିଲି ତହସିଲଦାରଙ୍କୁ ମ୍ୟାପ ଓ ଜମି ଅଧିଗ୍ରହଣ ନେଇ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୩୩ ଗ୍ରାମ ଦେଇ ଏହି ରେଲଲାଇନ ଯିବ। ସମସ୍ତ ଗ୍ରାମ ସମ୍ପର୍କରେ ସର୍ଭେ ସରିଛି।




# ଉତ୍କଟ ଆର୍ଥିକ ସ୍ଥିତିର ସମ୍ମୁଖୀନ ୩୬% ଓଡ଼ିଆ

- ୟୁପିର ୪୫% ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡ଼ିଛି
- କୋଭିଡ୍ ପ୍ରଭାବକୁ ନେଇ ସର୍ଭେ ରିପୋର୍ଟ

**ନୂଆଦିଲ୍ଲୀ,୨୪।୭**



କରୋନା ମହାମାରୀ ଯୋଗୁ ଓଡ଼ିଶାର ୩୬ ପ୍ରତିଶତ ପରିବାର ଉତ୍କଟ ଆର୍ଥିକ ସ୍ଥିତିର ସମ୍ମୁଖୀନ ହୋଇଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡିଛି। ନିକଟ ଭବିଷ୍ୟତରେ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିବାର ସମ୍ଭାବନା ଦେଖାଯାଉନାହିଁ। ଉତ୍ତରପ୍ରଦେଶରେ ସ୍ଥିତି ଆହୁରି ଖରାପ। ସେଠାରେ ୪୫ ପ୍ରତିଶତ ପରିବାର ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। କାମଧନ୍ଦା ଓ ଆୟ ସ୍ୱାଭାବିକ ହେବାକୁ ୬ ମାସ ଲାଗିଯିବ ବୋଲି ଓଡ଼ିଶାର ୫୩ ପ୍ରତିଶତ ପରିବାର ଅନୁଭବ କରୁଥିବାବେଳେ ୟୁପିର ୩୩ ପ୍ରତିଶତ ଏଭଳି ଆଶାପୋଷଣ କରିଛନ୍ତି। ଲକ୍‌ଡାଉନ ବେଳେ ପଡୋଶୀମାନଙ୍କ ସ୍ୱଚ୍ଛନ୍ଦତାକୁ ନେଇ ଓଡ଼ିଶାର ୮୧ ପ୍ରତିଶତ ପରିବାର ଚିନ୍ତା ପ୍ରକଟ କରିଛନ୍ତି। ନୂଆଦିଲ୍ଲୀର ଏକ ପଲିସି ଥିଙ୍କ୍‌ଟ୍ୟାଙ୍କ୍ ନ୍ୟାଶନାଲ କାଉନସିଲ୍ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ ରିସର୍ଚ୍ଚ (ଏନ୍‌ସିଏଇଆର୍) ଏବଂ ମେଲ୍‌ବର୍ନ ୟୁନିଭର୍ସିଟିରେ ନୋସାଲ ଇନ୍‌ଷ୍ଟିଚ୍ୟୁଟ୍ ଫର ପବ୍ଲିକ୍ ହେଲ୍‌ଥ ମିଳିତ ଭାବେ ଏହି ସର୍ଭେ କରିଥିଲେ। ଲକ୍‌ଡାଉନ ଉଠିବା ପରେ ଜୁନ୍ ୯ରୁ ୧୮ ତାରିଖ ମଧ୍ୟରେ ଓଡ଼ିଶାର ବରଗଡ଼ ଏବଂ ଢେଙ୍କାନାଳ ଜିଲା ଏବଂ ୟୁପିର ଚନ୍ଦୌଲି ଓ ଫିରୋଜାବାଦ ଜିଲାର ଲୋକଙ୍କୁ ନେଇ ସର୍ଭେ କରାଯାଇଥିଲା। ଆୟ, ନିଯୁକ୍ତି, ଅନ୍ୟ ରାଜ୍ୟକୁ ଯାଇ କାମଧନ୍ଦା କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ଏବଂ ଦୁଇ ରାଜ୍ୟରେ ବର୍ତ୍ତମାନର ସ୍ୱାସ୍ଥ୍ୟାବସ୍ଥା ଉପରେ କୋଭିଡ୍-୧୯ର ପ୍ରଭାବ ସମ୍ପର୍କରେ ସେମାନଙ୍କୁ ପ୍ରଶ୍ନ କରାଯାଇଥିଲା। ସେମାନେ ଦୁଇ ରାଜ୍ୟର ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟେଲିଫୋନ୍ ଯୋଗେ ପଚାରି ବୁଝିଥିଲେ।

ସରକାରଙ୍କ ଲକ୍‌ଡାଉନ ଘୋଷଣା ପଦକ୍ଷେପକୁ ୯୫ ପ୍ରତିଶତ ପରିବାର ସମର୍ଥନ କରିଥିଲେ। ସେହିପରି ୯୨ ପ୍ରତିଶତ ପରିବାର ସରକାରଙ୍କ କୋଭିଡ୍ ସଙ୍କଟ ପରିଚାଳନା ସାମର୍ଥ୍ୟ ଉପରେ ଆସ୍ଥା ପୋଷଣ କରିଥିଲେ। ଓଡ଼ିଶାରେ ୯୭ ପ୍ରତିଶତ ଲୋକଙ୍କର ସରକାରଙ୍କ ଉପରେ ଆସ୍ଥା ରହିଥିବାବେଳେ ୟୁପିରେ ୮୮ ପ୍ରତିଶତଙ୍କର ରହିଥିଲା।

ବିଶେଷ କରି ଲକ୍‌ଡାଉନ ପୂର୍ବରୁ ଓ ଲକ୍‌ଡାଉନ ସମୟର ଆୟର ମୁଖ୍ୟ ଉତ୍ସକୁ ନେଇ ସର୍ଭେ କରଯାଇଥିଲା ବୋଲି ପ୍ରମୁଖ ଅନୁଧ୍ୟାନକାରୀ ପି.କେ. ଘୋଷ କହିଛନ୍ତି। ଲକ୍‌ଡାଉନ ବେଳେ ଶ୍ରମିକ ଓ ଅଣକୃଷି କାର୍ଯ୍ୟରେ ଆତ୍ମନିଯୁକ୍ତ ପରିବାରଗୁଡ଼ିକ ଉପରେ ଗୁରୁତର ପ୍ରଭାବ ପଡ଼ିଥିବା ଦେଖାଯାଇଥିଲା। ଏହି ସମୟରେ ଉତ୍ତରପ୍ରଦେଶର ୩୦ ପ୍ରତିଶତ ଏବଂ ଓଡ଼ିଶାର ୨୭ ପ୍ରତିଶତ ପରିବାର ସମ୍ପୂର୍ଣ୍ଣ ରୋଜଗାର ହରାଇଥିଲେ। ମହାମାରୀ ଅନେକ ପରିବାରକୁ ପେସା ବଦଳାଇବା ପାଇଁ ବାଧ୍ୟ କରିଥିଲା। ଦୁଇ ରାଜ୍ୟର ୪୦ ପ୍ରତିଶତ ପରିବାର ମୁଖ୍ୟ ପେସାରୁ ଆୟ ହରାଇଥିବାବେଳେ ୧୧ ପ୍ରତିଶତ ପେସା ବଦଳାଇଥିଲେ। ୨୯ ପ୍ରତିଶତ ପରିବାର ସମସ୍ତ ଆୟ ଉତ୍ସ ହରାଇଥିଲେ ବୋଲି ସର୍ଭେରୁ ଜଣାପଡିଛି। ଅନିୟମିତ ଶ୍ରମିକ ସର୍ବାଧିକ ୧୮.୧ ପ୍ରତିଶତ ପେସା ବଦଳାଇଥିବାବେଳେ ୪୬.୫% ରୋଜଗାର ହରାଇଥିଲେ। ଉତ୍ତରପ୍ରଦେଶର ୭୭% ଏବଂ ଓଡ଼ିଶାର ୮୧% ପରିବାରର ଆୟ ହ୍ରାସ ପାଇଥିଲା। ଫଳରେ ଓଡ଼ିଶାର ୫୯.୩% ପରିବାର ଚଳିବା ପାଇଁ ସଞ୍ଚୟ ଅର୍ଥ ବ୍ୟୟ କରିଥିଲେ କିମ୍ବା ସମ୍ପତ୍ତି ବିକ୍ରି କରିଥିଲେ। ଲକ୍‌ଡାଉନ ଉଠିବା ବେଳକୁ ସବୁ ଆୟ ହରାଇସାରିଥିବା ଓଡ଼ିଶାର ୭୫% ପରିବାର କାମକୁ ଫେରିଯାଇଥିଲେ ବୋଲି ସର୍ଭେରେ କୁହାଯାଇଛି।

## ୫ ବର୍ଷର ଶିଶୁକୁ ଝୁଣି ମାରିଲେ କୁକୁରପଲ

**କୋକସରା, ୨୪।୭ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଖୁଣ୍ଟିଆ ଗାଁରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଗାଁର ଏକ ୫ ବର୍ଷର ଶିଶୁକୁ କୁକୁରପଲ ଗୋଡ଼ାଇ ଗୋଡ଼ାଇ କାମୁଡିବା ଫଳରେ ପିଲାଟିର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗାଁର ଲକ୍ଷ୍ମୀଧର ଧରୁଆଙ୍କ ୫ ବର୍ଷର ପୁଅ ବସନ୍ତ ଗୁରୁବାର ସାଙ୍ଗମାନଙ୍କ ସହ ଘର ନିକଟ ପୋଖରୀ ପାଖରେ ଖେଳୁଥିଲା। ଏହି ସମୟରେ ହଠାତ୍ କୁକୁର ପଲ ସେମାନଙ୍କୁ ଗୋଡ଼ାଇ ଥିଲେ। ସମସ୍ତେ ଦୌଡି ପଳାଇଯାଇଥିଲେ ମଧ୍ୟ ବସନ୍ତଙ୍କୁ କୁକୁରପଲ ମାଡି ବସି ଝୁଣି ପକାଇଥିଲେ। ବାଟରେ ଯାଉଥିବା ଲୋକେ ବସନ୍ତକୁ କୁକୁରଙ୍କ କବଳରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପରିବାର ଲୋକେ ତାକୁ ନିକଟସ୍ଥ ପର୍ଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଧର୍ମଗଡ଼ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସା ପରେ ପୁଅକୁ ଧରି ପରିବାର ଲୋକେ ଫେରିଥିଲେ। ହେଲେ ଶୁକ୍ରବାର ଶିଶୁଟିର ମୃତ୍ୟୁ ଘଟିଛି। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଅଯୋଧ୍ୟା ପଠାଗଲା ସମଲେଇ ପୀଠର ମାଟି, ଜଳ

**ସମ୍ବଲପୁର, ୨୪।୭ (ବ୍ୟୁରୋ)**

ଅଗଷ୍ଟ ୫ ତାରିଖରେ ଅଯୋଧ୍ୟାଠାରେ ରାମ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜା ହେବ। ତେଣୁ ସମଗ୍ର ଦେଶର ବିଭିନ୍ନ ପ୍ରାନ୍ତରୁ ପବିତ୍ର ଭୂମି ଓ ଜଳ ଅଯୋଧ୍ୟାକୁ ଯିବ। ଏହି କ୍ରମରେ ସମ୍ବଲପୁର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଇଷ୍ଟଦେବୀ ସମଲେଇ ପୀଠର ଭୂମି ଓ ମହାନଦୀ ସମଲେଇ ଘାଟର ଜଳ ଡାକ ଯୋଗେ ଅଯୋଧ୍ୟାକୁ ଶୁକ୍ରବାର ପଠାଯାଇଛି। ପୂର୍ବାହ୍ନ ୧୧ଟାରେ ପ୍ରଥମେ ସମଲେଶ୍ୱରୀ ମନ୍ଦିରଠାରେ ମାଟି ଓ ଜଳକୁ ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟ ପୂଜାର୍ଚ୍ଚନା କରିଥିଲେ। ଏହାପରେ ବିଶ୍ୱ ହିନ୍ଦୁ ପରିଷଦ ସଭ୍ୟ ସୁଧୀରରଞ୍ଜନ ବହିଦାର ଓ କୁନ୍ଦନ ପ୍ରଧାନଙ୍କୁ ମନ୍ଦିର ଫାଟକରେ ଭୂମି ଓ ଜଳ ପ୍ରଦାନ କରାଯାଇଥିଲା।




# କରୋନାକୁ ନେଇ ଗୋଷ୍ଠୀ ସଂଘର୍ଷ


ନିଶିଭଅଁର ଗାଁରେ ମୁତୟନ ପୋଲିସ ଫୋର୍ସ


ଆହତ ବିଚିତ୍ର ପ୍ରଧାନ

- ଏକାଧିକ ବୋମାମାଡ଼, ଜଣେ ଆହତ
- ପୋଲିସ ଭୟରେ ନିଶିଭଅଁର ଗାଁ ପୁରୁଷ ଶୂନ୍ୟ
- ୨ ପ୍ଲାଟୁନ ଫୋର୍ସ ମୁତୟନ: ଜଣେ ଗିରଫ ଓ ୧୫ ଅଟକ

**ପୁରୀ ଅଫିସ/ ବ୍ରହ୍ମଗିରି (ଡି.ଏନ୍.ଏ.)୨୪।୭**

ମହାମାରୀ କରୋନାକୁ ନେଇ ଏବେ ସବୁଠି ଭୟର ବାତାବରଣ। ରାଜ୍ୟରେ ପ୍ରତିଦିନ ଶହ ଶହ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ମୃତ୍ୟୁ ସଂଖ୍ୟା ବଢିଚାଲିଛି। କରୋନା ସଂକ୍ରମଣଠାରୁ କିପରି ଲୋକେ ଦୂରେଇ ରହିବେ ସେ ନେଇ ସରକାର ବିଭିନ୍ନ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ତେବେ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ନିଶିଭଅଁର ଗାଁରେ କରୋନା ପଜିଟିଭ ବାହାରିବାକୁ ନେଇ ଗୋଷ୍ଠୀ ସଂଘର୍ଷ ଓ ବୋମାମାଡ଼ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ନିଶିଭଅଁର ଗାଁରେ ଚାପା ଉତ୍ତେଜନା ଲାଗିରହିଥିବାରୁ ୨ ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି। ପୋଲିସ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇପଡ଼ିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫ରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ୧୫ଜଣଙ୍କୁ ପୋଲିସ ପୁରୀ ସଦର ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ଗୁରୁବାର ବ୍ରହ୍ମଗିରି ବ୍ଲକରେ ୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରେ ନିଶିଭଅଁର ଗ୍ରାମର ଜଣେ ରହିଥିଲେ। ପଜିଟିଭ ଚିହ୍ନଟଙ୍କ ସଂସ୍ପର୍ଶରେ ଆସିଥିବା ଜଣେ ଯୁବକ ଗୁରୁବାର ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ଏହି ସମୟରେ ଶ୍ୱଶୁରଘର ଗାଁ ଲୋକେ କୌଣସି ସୂତ୍ରରୁ ଯୁବକ ଜଣଙ୍କ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଖବର ପାଇଥିଲେ। ତେଣୁ ତାଙ୍କୁ ବାରଣ କରିଥିଲେ। ଫଳରେ ସେ ନିଜ ଗାଁକୁ ଫେରି ଆସିଥିଲେ ଏବଂ ଏଥିପାଇଁ ଗାଳିଗୁଲଜ କରିଥିଲେ। ମାତ୍ର ତାଙ୍କ ବିରୋଧୀ ଗୋଷ୍ଠୀ ପ୍ରତିବାଦ କରିବାରୁ ଏହାକୁ ନେଇ କଥା କଟାକଟି ହୋଇଥିଲା। ଫଳରେ ରାତିରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୁରୀ ସଦର ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଉଠାଇ ନେଇଥିଲା। ଶୁକ୍ରବାର ସକାଳୁ ଏହି ଉତ୍ତେଜନା ତୀବ୍ର ହୋଇଥିଲା। ଉଭୟ ପକ୍ଷ ପରସ୍ପରକୁ ଆକ୍ଷେପ ଓ ପ୍ରତି ଆକ୍ଷେପ କରିଥିଲେ। ଫଳରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଉଭୟ ପକ୍ଷ ବୋମାମାଡ଼ କରିଥିଲେ। ପ୍ରାୟ ୫/୬ଟି ବୋମା ମାଡ଼ ହୋଇଥିବା କୁହାଯାଉଛି। ବୋମାମାଡ଼ରେ ବିଚିତ୍ର ପ୍ରଧାନ (୬୦) ନାମକ ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବା ଖବର ପାଇ ଏସ୍‌ପି ଅଖିଳେଶ୍ୱର ସିଂ, ପୁରୀ ସଦର ଏସ୍‌ଡିପିଓ କିଶୋର କୁମାର ମୁଣ୍ଡ, ପୁରୀ ସଦର ଥାନା ଅଧିକାରୀ, ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ ଶତପଥୀ ଓ ଦୁଇ ପ୍ଲାଟୁନ ଫୋର୍ସ ଗାଁରେ ପହଞ୍ଚିଥିଲେ। ପୋଲିସ ପହଞ୍ଚିବା ଖବର ପାଇ ଉଭୟ ପକ୍ଷ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଭୟରେ ଏବେ ଗାଁ ପୁରୁଷ ଶୂନ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ ଏସ୍‌ପି ସିଂ କହିଛନ୍ତି, ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଓ ବୋମାମାଡ଼ ହୋଇଛି। ଏ ନେଇ ମାମଲା ରୁଜୁ ହୋଇଥିବାବେଳେ ଜଣଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ପୋଲିସ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି।

## ସସ୍ମିତ ପାତ୍ର ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲକୁ ମନୋନୀତ

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**


ସସ୍ମିତ ପାତ୍ର

ରାଜ୍ୟ ସଭା ପାଇଁ ଏହାର ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଉପାଧ୍ୟକ୍ଷ ପ୍ୟାନେଲର ପୁନର୍ଗଠନ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ଏହି ପ୍ୟାନେଲରେ ରାଜ୍ୟ ସଭା ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏ ନେଇ ରାଜ୍ୟ ସଭା ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲକୁ ୬ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଅନ୍ୟ ୫ ଜଣ ସଦସ୍ୟ ହେଲେ ରାଜ୍ୟ ସଭା ସଦସ୍ୟ ଭୁବନେଶ୍ୱର କାଳିତା, ବନ୍ଦନା ଚଭନ, ସୁଖେନ୍ଦୁ ଶେଖର ରାୟ, ସୁରେନ୍ଦ୍ର ସିଂ ନଗର ଏବଂ ଏଲ. ହନୁମନ୍ଥିୟା। ଗତ ୨୦ ବର୍ଷ ମଧ୍ୟରେ ଓଡିଶାରୁ ପ୍ରଥମ ରାଜ୍ୟ ସଭା ସଦସ୍ୟ ଭାବେ ପାତ୍ରଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ସଭା ଅଧିବେଶନ ବେଳେ ସେ ଆବଶ୍ୟକ ସ୍ଥଳେ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ସଭା କାର୍ଯ୍ୟ ପରିଚାଳନା କରିବେ। ଏ ନେଇ ସସ୍ମିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଇପିଏଫ୍‌ଓରେ ୩.୧୮ ଲକ୍ଷ ନୂଆ ଉପଭୋକ୍ତା

**ନୂଆଦିଲ୍ଲୀ,୨୪।୭:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ) ମେ ମାସରେ ୩.୧୮ ଲକ୍ଷ ନୂଆ ଉପଭୋକ୍ତା ଯୋଡ଼ିପାରିଛି। ଦେଶବ୍ୟାପୀ ଲକ୍‌ଡାଉନ ଥିବା ସତ୍ତ୍ୱେ ଏହା ଅଧିକ ସଂଖ୍ୟକ ଉପଭୋକ୍ତାଙ୍କୁ ଯୋଡିବାକୁ ସକ୍ଷମ ହୋଇପାରିଛି ବୋଲି ଜଣାପଡିଛି। ଏଥିରେ ୨୧୮% ବୃଦ୍ଧି ପରିଲକ୍ଷିତ ହୋଇଛି। ଏପ୍ରିଲ ମାସରେ ଇପିଏଫ୍‌ଓରେ ୧.୩୩ ଲକ୍ଷ ଉପଭୋକ୍ତା ଯୋଡି ହୋଇଥିଲେ ବୋଲି ଏହା ସୂଚନା ଦେଇଛି। ସେହିଭଳି ଏମ୍ପ୍ଲଇଜ୍ ଷ୍ଟେଟ ଇନ୍‌ସ୍ୟୁରାନ୍ସ କର୍ପୋରେଶନ (ଇଏସ୍‌ଆଇସି) ଏହି ସମୟରେ ୪.୬ ଲକ୍ଷ ଉପଭୋକ୍ତା ଯୋଡିଛି। ଏହା ଏପ୍ରିଲ ମାସରେ ୨.୪୧ ଲକ୍ଷ ରହିଥିଲା। ଏହାବାଦ ନ୍ୟାଶନାଲ ପେନ୍‌ସନ ସ୍କିମ୍‌ରେ ୪୩,୮୮୮ ସବ୍‌ସ୍କ୍ରାଇବର ଯୋଡ଼ିହୋଇଥିବା ବେଳେ ଏପ୍ରିଲରେ ଏହା ୬୪,୬୪୭ ରହିଥିଲା।

## ‘ସାଇଲେଣ୍ଟ କୋଭିଡ୍ ୱାରିଅର’ ହର୍ଷିଲ







**କାନ୍‌ଭାସ୍‌ରେ ଲକ୍‌ଡାଉନ**

- କରୋନା ସମ୍ପର୍କିତ ଚିତ୍ର ଆଙ୍କି ଲଣ୍ଡନରୁ ପୁରସ୍କାର
- ସୋସିଆଲ ମିଡିଆରେ ବହୁ ଶେୟାର ପାଉଛି ତାଙ୍କ ଚିତ୍ର

**କଟକ ଅଫିସ,୨୪।୭**

ଲକ୍‌ଡାଉନ ବେଳର ଚିତ୍ର ଆଙ୍କି ବିଶ୍ୱସ୍ତରରେ କୃତିତ୍ୱ ହାସଲ କରିଛନ୍ତି କଟକର ୯ ବର୍ଷୀୟ ହର୍ଷିଲ ଅଗ୍ରୱାଲ। ଲଣ୍ଡନର ୱାର୍ଲଡ ବୁକ୍ ଅଫ୍ ରେକର୍ଡ ହର୍ଷିଲଙ୍କୁ ‘ସାଇଲେଣ୍ଟ କୋଭିଡ୍ ୱାରିୟର’ ଭାବେ ସମ୍ମାନିତ କରିଛି। ଏହାଛଡ଼ା ଏକ୍ସକ୍ଲୁସିଭ ୱାର୍ଲ୍ଡ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ତାଙ୍କ କଳାକୃତିକୁ ସ୍ଥାନ ମିଳିଛି। ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ ପାଇଁ ହର୍ଷିଲଙ୍କ ନାମ ଆବେଦନ କରାଯାଇଛି। ସଞ୍ଜୟ ଅଗ୍ରୱାଲ ଓ ରିଙ୍କି ଅଗ୍ରୱାଲଙ୍କ ଏକମାତ୍ର ପୁଅ ହେଉଛନ୍ତି ହର୍ଷିଲ। ତାଙ୍କ ଘର ମହତାବ ରୋଡ୍। ଏବେ ସେ ଷ୍ଟିୱାର୍ଟ ସ୍କୁଲରେ ୫ମ ଶ୍ରେଣୀରେ ପଢୁଛନ୍ତି। ୬ ବର୍ଷ ବୟସରୁ ସେ ସଦାକତ ଅଲ୍ଲୀଙ୍କଠାରୁ ଚିତ୍ରାଙ୍କନ ଶିଖୁଛନ୍ତି। ଲକ୍‌ଡାଉନ ଜାରି ହେବା ପରେ ହର୍ଷିଲ ପ୍ରତ୍ୟେକ ଦିନ କରୋନାକୁ ନେଇ ଗୋଟିଏ ଚିତ୍ର ଆଙ୍କନ୍ତି। ତାହାର ଫଟୋକୁ ବାପା ସଞ୍ଜୟ ସୋସିଆଲ ମିଡିଆରେ ଅପଲୋଡ୍ କରୁଥିଲେ। ଇନ୍‌ଷ୍ଟାଗ୍ରାମ କିମ୍ବା ଟୁଇଟରରେ ଅପଲୋଡ୍ କରିବା ବେଳେ ହ୍ୟାସ୍‌ଟ୍ୟାଗ ଦେଇ ପିଏମ୍, ସିଏମ୍‌ଓ, ଡବ୍ଲ୍ୟୁଏଚ୍‌ଓ, ଷ୍ଟେ ହୋମ ଷ୍ଟେ ସେଫ ଆଦିକୁ ଟ୍ୟାଗ କରୁଥିଲେ। ଚିତ୍ରଗୁଡ଼ିକୁ ମାତ୍ରାଧିକ ଶେୟାର ମିଳୁଥିଲା। କିଛି ଦିନ ପରେ ଏକ୍ସକ୍ଲୁସିଭ ୱାର୍ଲ୍ଡ ରେକର୍ଡ ଫାଉଣ୍ଡେଶନ ସଞ୍ଜୟଙ୍କୁ ଯୋଗାଯୋଗ କରିଥିଲା। ଏହାପରେ ସଞ୍ଜୟ ଲଣ୍ଡନର ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ, ଏକ୍ସକ୍ଲୁସିଭ ୱାର୍ଲ୍ଡ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡକୁ ଆବେଦନପତ୍ର ଲେଖିଥିଲେ। ଜୁରୀ ମେମ୍ବରଙ୍କ ଦ୍ୱାରା ଏହା ଚୟନ ହେବା ପରେ ହର୍ଷିଲଙ୍କୁ ବିଶ୍ୱ ରେକର୍ଡର ଟାଇଟଲ ଦିଆଯାଇଛି। ୨ଦିନ ତଳେ କୋରିୟରରେ ମାନପତ୍ର ଓ ମେଡାଲ କଟକରେ ପହଞ୍ଚିଥିଲା ବୋଲି ସଞ୍ଜୟ କହିଛନ୍ତି।

# ପ୍ଲାଜ୍‌ମା ଥେରାପିର ପ୍ରଥମ ସଫଳତା

- ଆରୋଗ୍ୟ ହୋଇ ଘରକୁ ଫେରିଲେ ଗୁରୁତର ମହିଳା
- କୋଭିଡ୍ ଚିକିତ୍ସାରେ ଯୋଡ଼ିହେଲା ନୂଆ ଫର୍ଦ୍ଦ
- ରାଜ୍ୟରେ ଆହୁରି ହ୍ରାସ ପାଇବ କରୋନା ମୃତ୍ୟୁ ହାର

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**



ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ହସ୍ପିଟାଲରୁ ବାହାରୁଛନ୍ତି ମମତା ।

କରୋନା ଚିକିତ୍ସା କ୍ଷେତ୍ରରେ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଆରମ୍ଭ ହୋଇଥିବା ପ୍ଲାଜ୍‌ମା ଥେରାପି ସଫଳ ହୋଇଛି। ପ୍ଲାଜ୍‌ମା ଥେରାପି ପରେ ଜଣେ ଗୁରୁତର କରୋନା ଆକ୍ରାନ୍ତ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ସେ ହେଲେ କଟକର ୪୮ବର୍ଷୀୟ ମମତା ସେନ୍। ମହିଳା ଜଣକ ଗୁରୁତର ଅବସ୍ଥାରେ କଟକ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ରାଜ୍ୟର ପ୍ରଥମ ପ୍ଲାଜ୍‌ମା ଥେରାପି ନେଇଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଗୁରୁତର ଥିବା ମମତା କରୋନାରୁ ଆରୋଗ୍ୟ ହୋଇ ଘରକୁ ଫେରିଥିବାରୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଅନ୍ୟ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ହାର ହ୍ରାସ କରିବାରେ ପ୍ଲାଜ୍‌ମା ଥେରାପି ସହାୟକ ହୋଇଛି। ଓଡ଼ିଶାରେ ବର୍ତ୍ତମାନ କରୋନା ମୃତ୍ୟୁହାର ଏକ ପ୍ରତିଶତରୁ କମ୍ ଅଥାତ୍ ୦.୫୦% ରହିଛି। ତେବେ ପ୍ଲାଜ୍‌ମା ଥେରାପି ସଫଳ ହେଉଥିବାରୁ ମୃତ୍ୟୁ ହାର ଆହୁରି ହ୍ରାସ ପାଇବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ରାଜ୍ୟରେ ଏପର୍ଯ୍ୟନ୍ତ ୧୩ଜଣ କରୋନା ଆକ୍ରାନ୍ତ ପ୍ଲାଜ୍‌ମା ଥେରାପି ଗ୍ରହଣ କରିଛନ୍ତି। ସେମାନେ ସମସ୍ତେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ଭୁବନେଶ୍ୱର ଏବଂ କଟକସ୍ଥିତ ୩ଟି ଉତ୍ସର୍ଗୀକୃତ କୋଭିଡ୍-୧୯ ହସ୍ପିଟାଲରେ ଗୁରୁତର ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଓଡ଼ିଶା ସରକାର ପ୍ଲାଜ୍‌ମା ଥେରାପି ଆରମ୍ଭ କରିଛନ୍ତି। ପ୍ରଥମେ ଭୁବନେଶ୍ୱରର ସମ୍ ହସ୍ପିଟାଲ ଓ କିମ୍ସ ହସ୍ପିଟାଲ ଏବଂ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ପ୍ଲାଜ୍‌ମା ଥେରାପି ଆରମ୍ଭ ହୋଇଥିବାବେଳେ ଏବେ ଗୋପାଳପୁର ଟାଟା କୋଭିଡ୍ ହସ୍ପିଟାଲରେ ମଧ୍ୟ ଏହି ଚିକିତ୍ସା ଚାଲିଛି। କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ଲାଜ୍‌ମା ବ୍ୟାଙ୍କ୍ କାର୍ଯ୍ୟ କରୁଛି। ଆଗାମୀ ଦିନରେ ବ୍ରହ୍ମପୁର ଏମ୍‌କେସିଜି ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସମେତ ପଶ୍ଚିମ ଓଡ଼ିଶାରୁ ମଧ ପ୍ଲାଜ୍‌ମା ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଛି। ତେବେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ନୋଡାଲ ସେଣ୍ଟର ଭାବେ କାର୍ଯ୍ୟ କରୁଛି। ଏଠାରୁ ପ୍ରଥମ ଦିନରେ ୪ଜଣ ପ୍ଲାଜ୍‌ମା ଦାନ କରିଥିଲେ। ଏମାନଙ୍କଠାରୁ ସଂଗୃହୀତ ୮ ୟୁନିଟ୍ ପ୍ଲାଜ୍‌ମାରୁ ପ୍ରଥମ ପର୍ଯ୍ୟାୟରେ ସମ୍ କୋଭିଡ୍ ହସ୍ପିଟାଲରେ ୪ଜଣ ଓ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ୨ଜଣ ଗୁରୁତର କରୋନା ରୋଗୀଙ୍କୁ ଦିଆଯାଇଥିଲା। ପ୍ଲାଜ୍‌ମା ଥେରାପି ନେବା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ନୂଆ ଆଶା ସଞ୍ଚାରିତ ହୋଇଥିଲା। ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଥିବା ମମତା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଥମେ ଆଠଗଡ଼ସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ଗତ ୧୪ ତାରିଖରେ ଭର୍ତ୍ତି ହୋଇଥିଲେ। ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଶ୍ୱାସକ୍ରିୟାଜନିତ ଜଟିଳ ସମସ୍ୟା ରହିଥିବାରୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇ ଅକ୍ସିଜେନ ଥେରାପି ଚିକିତ୍ସା କରାଯାଇଥିଲା। ହେଲେ ତାହା କାମ ନ ଦେବାରୁ ଶେଷରେ ମମତାଙ୍କୁ ପ୍ଲାଜ୍‌ମା ଥେରାପି ଦେବାକୁ ନିଷ୍ପତ୍ତି ହୋଇଥିଲା। ୧୫ ତାରିଖରେ ସେ ପ୍ଲାଜ୍‌ମା ଥେରାପି ନେଇଥିଲେ। ଏହାର ୩ ଦିନ ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବାରୁ ତାଙ୍କୁ ଆଇସିୟୁରୁ ବାହାର କରାଯାଇ ଚିକିତ୍ସା ଜାରି ରହିଥିଲା।

**ଆଜିର ମନ୍ତବ୍ୟ**

ପି.ଭି. ନରସିଂହ ରାଓଙ୍କୁ ବାସ୍ତବରେ ଭାରତରେ ଆର୍ଥିକ ସଂସ୍କାରର ଜନକ କୁହାଯାଇପାରିବ।
**-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଶ୍ରୀ ରାଜ୍ ରଞ୍ଜନ
ପରିବାରବର୍ଗ


ସଙ୍ଗୀତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରପଞ୍ଚଙ୍କୁ ପିଟିଲା ପୋଲିସ, ୩ ଘଣ୍ଟା ରାସ୍ତାରୋକୋ

**କବିସୂର୍ଯ୍ୟନଗର,୨୪।୭(ଡି.ଏନ୍.ଏ.)**

## କନଷ୍ଟେବଲ ନିଲମ୍ବିତ, ଏସ୍ଆଇଙ୍କୁ ବଦଳି କଲେ ଏସ୍‌ପି

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଛନ୍ତି। ମାତ୍ର ଜଣେ ସରପଞ୍ଚ ସଙ୍ଗରୋଧ କେନ୍ଦ୍ର ତଦାରଖ ସାରି ଫେରୁଥିବାବେଳେ ପୋଲିସ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତାରୋକୋ କରିବା ପରେ ଏସ୍‌ପି ଜଣେ କନଷ୍ଟେବଲଙ୍କୁ ନିଲମ୍ବିତ କରିବା ସହ ଏସ୍ଆଇଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଛନ୍ତି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଆଠଗଡପାଟଣା ପଞ୍ଚାୟତରେ। ଆଠଗଡପାଟଣା ସରପଞ୍ଚ ସୁନୀଲ କୁମାର ପୋଲେଇ ଶୁକ୍ରବାର ସକାଳେ କବିସୂର୍ଯ୍ୟ ବିଦ୍ୟାପୀଠ ସ୍ଥିତ ସଙ୍ଗରୋଧ କେନ୍ଦ୍ରକୁ ଯାଇ ଅନ୍ତେବାସୀଙ୍କ ଖାଦ୍ୟପେୟ ବ୍ୟବସ୍ଥା ତଦାରଖ କରି ଘରକୁ ଫେରୁଥିଲେ। ରାସ୍ତାରେ ପୋଲିସ ପାଟ୍ରୋଲିଂ ଭ୍ୟାନ ତାଙ୍କୁ ଅଟକାଇ ମାସ୍କ କାହିଁକି ପିନ୍ଧିନାହଁ ବୋଲି ପଚାରିବା ସହ ନିସ୍ଥୁକ ପିଟିଥିଲା। ସରପଞ୍ଚ ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ କହିବା ପରେ ଶତାଧିକ ଲୋକ ଆସି ଆସିକା-ଭୁବନେଶ୍ୱର ମୁଖ୍ୟରାସ୍ତାକୁ ପ୍ରାୟ ୩ ଘଣ୍ଟା ଧରି ଅବରୋଧ କରିଥିଲେ। କବିସୂର୍ଯ୍ୟନଗର ତହସିଲଦାର ପ୍ରକାଶ କୁମାର ମିଶ୍ର, ଥାନା ଅଧିକାରୀ ପ୍ରଭାତ ସାହୁ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏନେଇ ଏସ୍‌ପି ବ୍ରିଜେଶ କୁମାର ରାଏଙ୍କୁ ଅବଗତ କରାଯାଇଥିଲା। କର୍ତ୍ତବ୍ୟରତ ସରପଞ୍ଚଙ୍କୁ ମାଡ଼ ମାରିଥିବା କନଷ୍ଟେବଲ ଅଶୋକ ମଲ୍ଲିକଙ୍କୁ ନିଲମ୍ବିତ କରିବା ସହ ସବ୍ ଇନ୍ସପେକ୍ଟର ଅର୍ଜ୍ଜୁନ କହଁରଙ୍କୁ କବିସୂର୍ଯ୍ୟନଗର ଥାନାରୁ ଜିଲା ମୁଖ୍ୟାଳୟକୁ ବଦଳି ଆଦେଶ ଦେଇଥିଲେ ଏସ୍‌ପି ରାଏ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନରେ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷା, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କୁ ନେଇ ଏକ ବୈଠକ ହୋଇଥିଲା। ମାଡ ମାରିଥିବା ପୋଲିସଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜନପ୍ରତିନିଧିମାନେ ସମୂହ ଇସ୍ତଫା ଦେବାକୁ ନିଷ୍ପତ୍ତି ହୋଇଥିବା ଅଧ୍ୟକ୍ଷ ପାଢୀ କହିଛନ୍ତି।

# ରାଜଭବନରେ ଏବର୍ଷ ହେବନି 'ଆଟ୍ ହୋମ୍' ଉତ୍ସବ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ଚଳିତବର୍ଷ ସ୍ୱାଧୀନତା ଦିବସ ଅବସରରେ ରାଜ ଭବନରେ 'ଆଟ୍ ହୋମ୍' ଉତ୍ସବ ଆୟୋଜନ ନ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନିଷ୍ପତ୍ତି ନେଇଛନ୍ତି। ଦେଶରେ ଜାରି ରହିଥିବା କରୋନା ମହାମାରୀ ପାଇଁ ସାମାଜିକ ସମାବେଶ ତଥା ସମାରୋହରେ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ପରିପ୍ରେକ୍ଷୀରେ 'ଆଟ୍ ହୋମ୍' କାର୍ଯ୍ୟକ୍ରମ ପାଳନ ହେବ ନାହିଁ ବୋଲି ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସ୍ୱାଧୀନତା ଦିବସ ପାଳନ ପାଇଁ ଗୃହ ମନ୍ତ୍ରଣାଳୟ ଦ୍ୱାରା ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି ହୋଇଛି। ଏହି ଅନୁଯାୟୀ ସାଧାରଣ ସଭାକୁ ଏଡ଼ାଇବା ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ପରାମର୍ଶ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗତବର୍ଷ ମଧ୍ୟ ରାଜ୍ୟପାଳ ବାତ୍ୟା 'ଫନୀ'ରେ ପ୍ରଭାବିତ ଲୋକଙ୍କ ପାଇଁ 'ଆଟ୍ ହୋମ୍' କାର୍ଯ୍ୟକ୍ରମକୁ ବାତିଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥାନ୍ତି।

# ୧୦ ଏଜେନ୍ସି ସହ ଡାଟା ଶେୟାର କରିବ ଆୟକର ବିଭାଗ

**ନୂଆଦିଲ୍ଲୀ,୨୪।୭**

ଆୟକର ବିଭାଗ ଦେଶର ୧୦ ତଦନ୍ତକାରୀ ଏବଂ ଇଣ୍ଟେଲିଜେନ୍ସ ଏଜେନ୍ସି ସହ ଡାଟା ଶେୟାର କରିବ। ପାନ୍ କିମ୍ବା ସଂସ୍ଥାଗୁଡିକର ବ୍ୟାଙ୍କ ଆକାଉଣ୍ଟ ସଂକ୍ରାନ୍ତ ତଥ୍ୟ ଏହାଦ୍ୱାରା ଆଦାନପ୍ରଦାନ ହେବ। ଆତଙ୍କବାଦ ନିରୋଧୀ ପ୍ଲାଟ୍‌ଫର୍ମ ନ୍ୟାଶନାଲ ଇଣ୍ଟେଲିଜେନ୍ସ ଗ୍ରୀଡ୍(ନ୍ୟାଟ୍‌ଗ୍ରୀଡ୍) ଅଧୀନରେ ଏହି ତଥ୍ୟ ସିବିଆଇ ଏବଂ ଏନ୍ଆଇଏ ଭଳି ଏଜେନ୍ସିଗୁଡିକ ସହ ଶେୟାର କରାଯିବା ନେଇ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆୟକର ବିଭାଗ ପକ୍ଷରୁ ନିକଟରେ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ପାନ୍, ଟାନ୍, ଟିଡିଏସ୍ ସମେତ ଅନ୍ୟ ସୂଚନା ଏଜେନ୍ସିଗୁଡିକୁ ପ୍ରଦାନ କରାଯିବ। ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା, ସନ୍ଦିଗ୍ଧଙ୍କ ଉପରେ ରିୟଲ ଟାଇମ ଭିତ୍ତିରେ ନିଜର ରଖିବା ଲାଗି ଡାଟା ସମେତ ଅନ୍ୟ ବର୍ଗରେ ଡାଟା ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟ ଏଜେନ୍ସିଗୁଡିକ ମଧ୍ୟରେ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ, କ୍ୟାବିନେଟ ସେକ୍ରେଟାରିଏଟ, ଇଣ୍ଟେଲିଜେନ୍ସ ବ୍ୟୁରୋ, ଜିଏସ୍‌ଟି ଗୋଇନ୍ଦା ମହାନିର୍ଦ୍ଦେଶାଳୟ, ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ, ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ ରହିଛନ୍ତି। ସଦ୍ୟତମ ସୂଚନା ଆଦାନପ୍ରଦାନ ନେଇ ନିକଟରେ ସିବିଡିଟି ଏବଂ ନ୍ୟାଟ୍‌ଗ୍ରୀଡ୍ ଚୁକ୍ତିରେ ସାମିଲ ହୋଇଥିବା ଜଣାପଡିଛି।

# ସର୍ବାଧିକ ୮୦୮ ଆକ୍ରାନ୍ତ ସୁସ୍ଥ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ରାଜ୍ୟରେ କରୋନା ପଜିଟିଭ୍ ସଂଖ୍ୟା ବଢୁଛି। ଅନୁରୂପ ଭାବେ ଆରୋଗ୍ୟ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଶୁକ୍ରବାର ସର୍ବାଧିକ ୮୦୮ଜଣ ଆକ୍ରାନ୍ତ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୧୫,୨୦୦ ଛୁଇଁଛି। ଦିନକରେ ଏତେ ସଂଖ୍ୟକ ଆକ୍ରାନ୍ତ ଆରୋଗ୍ୟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ କରୋନା ଯୋଦ୍ଧାଙ୍କୁ ଶୁଭେଚ୍ଛା ଜଣାଇଛି। ଆରୋଗ୍ୟ ୮୦୮ଜଣଙ୍କ ମଧ୍ୟରୁ ଗଞ୍ଜାମରେ ସର୍ବାଧିକ ୫୩୦ଜଣ ଥିବାବେଳେ ରାୟଗଡ଼ା ୬୧, କଟକ ୩୫, ମାଲକାନଗିରି ୩୦, ଗଜପତି ୨୨, ବାଲେଶ୍ୱର ଓ ଖୋର୍ଦ୍ଧାରୁ ୧୯ଜଣ ଲେଖାଏ, ବରଗଡ଼, ଭଦ୍ରକାରୁ ୧୮ଜଣ ଲେଖାଏ, ବୌଦ୍ଧ ୮, ଝାରସୁଗୁଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କେନ୍ଦୁଝରରୁ ୭ଜଣ ଲେଖାଏ ରହିଛନ୍ତି। ସେହିପରି ସମ୍ବଲପୁର ୫, ନବରଙ୍ଗପୁର ୪, ସୁନ୍ଦରଗଡ଼ ୩, ଅନୁଗୋଳ, ଯାଜପୁର ଓ ପୁରୀରୁ ୨ଜଣ ଲେଖାଏ ଥିବାବେଳେ କୋରାପୁଟ ଓ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କରୋନାରେ କଲବଲ ...

ମାତ୍ରାରେ ବଢିଯିବ ବୋଲି ଆକଳନ କରାଯାଇଛି। ପିଲାମାନଙ୍କ ଯତ୍ନ ନେଉଥିବା ଅଙ୍ଗନୱାଡି, ଆଶାକର୍ମୀ ଓ ଏଏନ୍ଏମ୍‌ମାନେ ଶିଶୁମାନଙ୍କର ଯତ୍ନ ଛାଡି ଏବେ କରୋନା ସଂକ୍ରମଣ ପାଇଁ କାମ କରୁଛନ୍ତି। ଘର ଘର ବୁଲି କରୋନା ସଂକ୍ରମିତଙ୍କୁ ଚିହ୍ନଟ କରୁଛନ୍ତି। ଏହି ମହାମାରୀ ଯୋଗୁ ରାଜ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଛି। ପିଲାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଠିକ୍ ଭାବେ ନିଆଯାଇ ପାରୁ ନାହିଁ। କେଉଁ ଶିଶୁ କେତେ ଓଜନ ଓ କାହାର କି ପ୍ରକାର ସମସ୍ୟା ରହିଛି ତାହା ଦେଖିବାକୁ ସେହି କର୍ମଚାରୀମାନଙ୍କର ବେଳ ନାହିଁ। ଯଦିଓ ସରକାର ଶୁଖିଲା ଶିଶୁଖାଦ୍ୟ ଘରେ ପହଞ୍ଚାଇବାକୁ ବ୍ୟବସ୍ଥା କରିଛନ୍ତି, ତେବେ ତାହା ପୁଷ୍ଟିହୀନତା ରୋକିବାରେ ବିଶେଷ ସହାୟକ ହେବ ନାହିଁ । ଦୁର୍ଗମ ଆଦିବାସୀ ବହୁଳ ଜିଲାଗୁଡ଼ିକରେ ଏହି ସମସ୍ୟା ଆହୁରି ଭୟଙ୍କର ହେବାକୁ ଯାଉଛି। କାମଧନ୍ଦା ପାଉ ନ ଥିବାରୁ ଗରିବ ଶ୍ରମିକ ଶ୍ରେଣୀଙ୍କ ପିଲାମାନେ ପୁଷ୍ଟିହୀନତାର ଶିକାର ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଶିଶୁମାନଙ୍କ ଶାରୀରିକ, ମାନସିକ ବିକାଶ ଏବଂ ଶିଶୁ ମୃତ୍ୟୁ ହାର କମାଇବା ଲକ୍ଷ୍ୟରେ ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍) ଚାଲୁ ରହିଛି। ଏଥିପାଇଁ ୩ ବର୍ଷ ପର୍ଯ୍ୟନ୍ତ ସାଧାରଣ ଶିଶୁଙ୍କୁ ମୁଣ୍ଡ ପିଛା ଦୈନିକ ୮ ଟଙ୍କା ଓ ପୁଷ୍ଟିହୀନତାର ଶିକାର ହୋଇଥିବା ଶିଶୁଙ୍କୁ ଦୈନିକ ୧୨ ଟଙ୍କାର ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବାକୁ ବ୍ୟବସ୍ଥା ହୋଇଛି। ଶିଶୁମାନଙ୍କ ପାଇଁ ଚାଲୁରହିଥିବା ଏହି ଯୋଜନାର ମାପଦଣ୍ଡ ଅନୁଯାୟୀ ୦-୩ ବର୍ଷର ଶିଶୁଙ୍କୁ ମାସକୁ ଥରେ ଓଜନ କରିବା ବ୍ୟବସ୍ଥା ରହିଛି। ଶିଶୁ ଓଜନ ଠିକ୍ ଅଛି କି ନାହିଁ ତାହା ରେଜିଷ୍ଟରରେ ଲିପିବଦ୍ଧ କରାଯିବ। ଗୁରୁତର ପୁଷ୍ଟିହୀନତାର ଶିକାର ପିଲାଙ୍କୁ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ତେବେ ଗତ ୪ ମାସ ହେବ ଅଙ୍ଗନୱାଡି ବନ୍ଦ ଥିବାରୁ ଏହା ଏକ ପ୍ରକାର ସ୍ଥାଣୁ ହୋଇଯାଇଛି। ରାଜ୍ୟରେ କେଉଁ ପିଲାର ଓଜନ କେତେ ତାହା ମଧ୍ୟ ମପାଯାଇ ପାରୁ ନାହିଁ। କରୋନା ସଂକ୍ରମଣ ଯୋଗୁ ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ମୌଳିକ ସୁବିଧା ଗୁରୁତର ବାଧାପ୍ରାପ୍ତ ହୋଇଛି। ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୫୨.୭୩ ଲକ୍ଷ ଶିଶୁ ଥିଲେ। ସେମାନଙ୍କ ମଧ୍ୟରୁ ୨୨.୭ ପ୍ରତିଶତ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଥିଲେ। ତେବେ ଗତ ୯ ବର୍ଷ ମଧ୍ୟରେ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ଆହୁରି ବୃଦ୍ଧି ଘଟିଛି। ଦେଶରୁ ପିଲାମାନଙ୍କର ପୁଷ୍ଟିହୀନତା କମାଇବା ପାଇଁ କେନ୍ଦ୍ର ଜାତୀୟ ପୋଷଣ ଅଭିଯାନ (ଏନ୍ଏନ୍ଏମ୍)୨୦୧୭-୧୮ ଆର୍ଥିକ ବର୍ଷରେ ଆରମ୍ଭ କରିଛନ୍ତି । ଓଡ଼ିଶାର ୧୧ଟି ଅତି ସମ୍ବେଦନଶୀଳ ଜିଲାକୁ ଏଥିରେ ସାମିଲ କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ସମ୍ବଲପୁର, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର। ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଏହି ଅଭିଯାନରେ ରାଜ୍ୟରୁ ୨ ପ୍ରତିଶତ ପୁଷ୍ଟିହୀନତା ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଏହା କେତେଦୂର ପୂରଣ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, କରୋନା ମହାମାରୀ ଯୋଗୁ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଛି। ତେବେ ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ଖାଦ୍ୟସାମଗ୍ରୀ ବଣ୍ଟନ କରୁଛନ୍ତି। ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି।

### ୨୪ ଘଣ୍ଟାରେ ୧,୫୯୪ ...

ଏହି ଦୁଇ ଜିଲାରେ କରୋନା ହୁ ହୁ ହୋଇ ମାଡ଼ି ଚାଲିଛି। ସବୁଠାରୁ ବଡ଼ କଥା ହେଉଛି, ଖୋର୍ଦ୍ଧା ଜିଲାରେ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱରର ପ୍ରାୟ ୮୦ପ୍ରତିଶତ ରହୁଛନ୍ତି। ଶେଷ ଦୁଇଦିନରେ ୯୧ ଓ ୧୨୬ଜଣ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ୨୪୮ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଅନ୍ୟପକ୍ଷରେ ଆଉ ୮ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ତିନିଦିନରେ ୨୦ଜଣ ଆକ୍ରାନ୍ତଙ୍କ ଜୀବନ ଗଲାଣି। କରୋନାରେ ୧୭ଜଣ ଓ ଅନ୍ୟ ରୋଗରେ ୩ଜଣ ଆକ୍ରାନ୍ତ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି। ତେବେ ନୂଆ ଚିହ୍ନଟ ହୋଇଥିବା ୧,୫୯୪ ଆକ୍ରାନ୍ତ ୨୮ ଜିଲାର। ଗଞ୍ଜାମରୁ ସର୍ବାଧିକ ୭୩୨ଜଣ ଥିବାବେଳେ ଖୋର୍ଦ୍ଧାରୁ ୩୨୦, କଟକ ୧୩୬, ଭଦ୍ରକ ୬୦, ସୁନ୍ଦରଗଡ଼ ୫୬, ବୌଦ୍ଧ ୪୧, କୋରାପୁଟ ୩୩, ମୟୂରଭଞ୍ଜ ୩୨, ପୁରୀ ୩୦, ବାଲେଶ୍ୱର ୨୨, କେନ୍ଦୁଝର ୨୦, କନ୍ଧମାଳ ୧୭, ସମ୍ବଲପୁର ୧୩, ଅନୁଗୋଳ ଓ ନୟାଗଡ଼ରୁ ୧୦ଜଣ ଲେଖାଏ, ମାଲକାନଗିରି ୯, ବରଗଡ଼ ଓ ଝାରସୁଗୁଡ଼ାରୁ ୮ଜଣ ଲେଖାଏ, ବଲାଙ୍ଗୀର ଓ ଭଦ୍ରକରୁ ୬ଜଣ ଲେଖାଏ, ଯାଜପୁର ୫, ସୋନପୁର ୪, ଗଜପତି, ଜଗତ୍‌ସିଂହପୁର ଓ ନବରଙ୍ଗପୁରରୁ ୩ଜଣ ଲେଖାଏ, ଢେଙ୍କାନାଳରୁ ୨ ଏବଂ କଳାହାଣ୍ଡି ଓ ନୂଆପଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୨୨,୬୯୩ରେ ପହଞ୍ଚିଛି।ସେପଟେ ରାଜ୍ୟରେ ପ୍ରାଣ ହରାଇଥିବା ଆଉ ୮ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୬ଜଣଙ୍କର କରୋନାଜନିତ ମୃତ୍ୟୁ ହୋଇଥିବାବେଳେ ୨ଜଣଙ୍କର ଅନ୍ୟ ରୋଗରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କରୋନାରେ ମୃତ୍ୟୁ ଘଟିଥିବା ୬ଜଣଙ୍କ ମଧ୍ୟରୁ ଗଞ୍ଜାମ ଜିଲାରୁ ୩ଜଣ ଥିବା ବେଳେ ରାୟଗଡ଼ା, ଗଜପତି ଓ ଭଦ୍ରକ ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨୦ରେ ପହଞ୍ଚିଥିବାବେଳେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୩୩ ହୋଇଛି।

### ପୋଲସରା ବିଧାୟକ ...

ଗଞ୍ଜାମରେ ଥିବା ବେଳେ ଗତ ଶନିବାର ତାଙ୍କର ସାଧାରଣ ଜ୍ୱର ହୋଇଥିଲା। ତେଣୁ ଭୁବନେଶ୍ୱର ଆସି ମଙ୍ଗଳବାର ନିଜର ଓ ସ୍ତ୍ରୀଙ୍କ ସ୍ୱାବ୍ ନମୁନା ପରୀକ୍ଷା କରାଇଥିଲେ। ଗୁରୁବାର ଉଭୟଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ବିଧାୟକ ସାହୁ କହିଛନ୍ତି। ବର୍ତ୍ତମାନ ଉଭୟେ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ କ୍ୱାରାଣ୍ଟାଇନ୍‌ରେ ରହି ଚିକିତ୍ସିତ ହେଉଛନ୍ତି। ସେମାନେ ସୁସ୍ଥ ଥିବା ବିଧାୟକ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଏହା ପୂର୍ବରୁ ବାଲେଶ୍ୱର ଜିଲା ନୀଳଗିରି, ରେମୁଣା ଓ କଟକ ଜିଲା ସାଲେପୁର ବିଧାୟକ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲେ।

### ବାଚସ୍ପତିଙ୍କ ଅଧିକାରରେ ...

ପରିଭାଷାକୁ ବଦଳାଇ ଦେବାର ଆଶଙ୍କା ସୃଷ୍ଟି କରିଛି। ଏଥିସହ ଗୃହ ଭିତରେ ବାଚସ୍ପତି ନା ହାଇକୋର୍ଟ କିଏ ବଡ଼ ଏହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରିବା ଲାଗି ବିଧାୟକ ପୃଥ୍ୱୀରାଜ ମୀନାଙ୍କ ପକ୍ଷରୁ ଦାଏର ପିଟିଶନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ବୁଧବାର ମୀନା ଦାଏର କରିଥିବା ପିଟିଶନରେ ଉଲ୍ଲେଖ କରିଥିଲେ ଯେ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ସଚିବଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ରିଟ୍ ପିଟିଶନର ଏକ ପକ୍ଷ କରାଯାଉ। ହାଇକୋର୍ଟ ଏହାକୁ ଗ୍ରହଣ କରିଥିଲେ ହେଁ ଏହି ପ୍ରସଙ୍ଗ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଅଛି ବୋଲି କହିଛନ୍ତି। ଜୁଲାଇ ୧୪ରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ମଧ୍ୟରେ ଲାଗିରହିଥିବା କ୍ଷମତାଯୁଦ୍ଧ ଖୋଲାଖୋଲି ଭାବେ ସାମ୍ନାକୁ ଆସିଥିଲା। ଗେହଲଟଙ୍କ ବିରୋଧରେ ପାଇଲଟ ଗୋଷ୍ଠୀ ବିଦ୍ରୋହ କରିବା ପରେ ସେମାନଙ୍କୁ ଉଭୟ ସରକାର ଓ ଦଳୀୟ ପଦ ପଦବୀରୁ ହଟାଇ ଦିଆଯାଇଥିଲା। ୧୩ ଓ ୧୪ ତାରିଖରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳର ଦୁଇଟି ବୈଠକରେ ପାଇଲଟ ଓ ତାଙ୍କ ଅନୁଗତମାନେ ଅନୁପସ୍ଥିତ ରହିଥିଲେ। ଫଳରେ ବିଧାନସଭାରୁ ସେମାନଙ୍କ ସଦସ୍ୟତା ରଦ୍ଦ କରାଯାଉ ବୋଲି କଂଗ୍ରେସ ମୁଖ୍ୟ ସଚେତକ ମହେଶ ଜୋଷୀ ଦାବି କରିଥିଲେ। ବାଚସ୍ପତି ସି.ପି. ଜୋଷୀ ପାଇଲଟଙ୍କ ସମେତ ୧୯ ଅସନ୍ତୁଷ୍ଟଙ୍କୁ କାହିଁକି ଅଯୋଗ୍ୟ ଘୋଷଣା କରାଯିବ ନାହିଁ ବୋଲି ପ୍ରଶ୍ନ କରି ୧୭ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ନୋଟିସ ଦେଇଥିଲେ। ଇତିମଧ୍ୟରେ ବିଦ୍ରୋହୀ ଗୋଷ୍ଠୀ ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ୧୬ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ୧୭ରେ ଏହା ଉପରେ ଶୁଣାଣି ଆରମ୍ଭ କରିଥିଲେ। ମୁଖ୍ୟ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ଜଷ୍ଟିସ୍ ପ୍ରକାଶ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୧ ତାରିଖରେ ଅଯୋଗ୍ୟତା ନୋଟିସ ବିରୋଧରେ ପାଇଲଟ ଗୋଷ୍ଠୀ ପକ୍ଷରୁ ଦାଏର ରିଟ୍ ପିଟିଶନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଏହାସହ ୨୪ ତାରିଖରେ (ଶୁକ୍ରବାର) ରାୟ ଶୁଣାଇବା ପର୍ଯ୍ୟନ୍ତ ଜବାବ ଦାଖଲର ସମୟ ବଢ଼ାଇବା ପାଇଁ ସ୍ପିକରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଶୁକ୍ରବାର ଏହି ରାୟ ପ୍ରକାଶ ପାଇବାକୁ ଥିବାବେଳେ ବାଚସ୍ପତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁରୂପ ଭାବେ ବିଦ୍ରୋହୀ ଗୋଷ୍ଠୀ ମଧ୍ୟ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ ଯେ, ହାଇକୋର୍ଟ ଶୁଣାଇବାକୁ ଥିବା ନିର୍ଣ୍ଣୟ ସର୍ବୋଚ୍ଚ ଅଦାଲତଙ୍କ ରାୟର ଅଧୀନ ହେବ। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ, ବାଚସ୍ପତିଙ୍କ ଦ୍ୱାରା ଦାଏର ବିଶେଷ ଅନୁମତି ଆବେଦନ ଉପରେ ସୋମବାର ଶୁଣାଣି କରାଯିବ, ଯେଉଁଥିରେ 'ଗଣତନ୍ତ୍ର ସମ୍ପର୍କିତ ଗମ୍ଭୀର ପ୍ରଶ୍ନ' ମାମଲାଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ।

### ଏବେଠୁ କୌଣସି ନିଷ୍ପତ୍ତିରେ ପହଞ୍ଚିବା ଠିକ୍ ନୁହେଁ

ରାଜସ୍ଥାନରେ କଂଗ୍ରେସ ହାଇକମାଣ୍ଡଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ବିଧାୟକମାନେ ବିଦ୍ରୋହୀ ହୋଇପଡ଼ିଛନ୍ତି। କଂଗ୍ରେସ ଏବଂ ଏହାର ବିଧାୟକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏଭଳି ସମୟରେ ବିଧାନସଭା ବାଚସ୍ପତି ଏହି ବିଦ୍ରୋହୀ ବିଧାୟକମାନଙ୍କୁ ନୋଟିସ ଜାରି କରିଛନ୍ତି, ଯାହା ବିରୋଧରେ ବିଧାୟକମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦି ଜଣେ ବିଧାୟକ ଅନୁଭବ କରନ୍ତି ଯେ, ତାଙ୍କ ଉପରେ ବେଆଇନ୍ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତେବେ ସେ ଆଇନର



ଆଶ୍ରୟ ନେଇପାରିବେ। ରାଜସ୍ଥାନ ବିଧାୟକଙ୍କ ଯୁକ୍ତି ହେଲା, କଂଗ୍ରେସ ହାଇକମାଣ୍ଡଙ୍କ ବିରୋଧରେ ସେମାନେ ବିଦ୍ରୋହୀ ହୋଇଛନ୍ତି। ଏଣୁ କୌଣସି ପ୍ରକାରେ ସେମାନେ ବିଧାନସଭାର କୌଣସି ନିୟମକୁ ଭଙ୍ଗ କରିନାହାନ୍ତି। ଏଭଳି ସ୍ଥଳେ ବାଚସ୍ପତି ସେମାନଙ୍କୁ ନୋଟିସ ଜାରି କରିବା ନିୟମ ବହିର୍ଭୂତ। ଅପରପକ୍ଷେ ହାଇକୋର୍ଟ ଅନ୍ତରୀଣ ଆଦେଶରେ ବାଚସ୍ପତିଙ୍କ ନୋଟିସ ଉପରେ ସ୍ଥିତାବସ୍ଥା ଜାରି କରିଛନ୍ତି। ଏହା ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ନୁହେଁ। ଏଣୁ ଏବେଠୁ କୌଣସି ନିଷ୍ପତ୍ତିରେ ପହଞ୍ଚିବା ଠିକ୍ ନୁହେଁ।

**-ଯଶୋବନ୍ତ ଦାସ, ବରିଷ୍ଠ ଆଇନ୍‌ଜୀବୀ, ସୁପ୍ରିମକୋର୍ଟ**

### ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ

ରାଜସ୍ଥାନର ବିଦ୍ରୋହୀ କଂଗ୍ରେସ୍ ବିଧାୟକମାନଙ୍କୁ ବାଚସ୍ପତି ଜବାବ ଦାଖଲ ପାଇଁ ନୋଟିସ ଜାରି କରିଥିଲେ। ଏହି ନୋଟିସରେ ବିଧାୟକମାନେ ଜବାବ ରଖିବା କଥା। ତାହା ସେମାନେ କରିନାହାନ୍ତି। ଏଭଳି ସମୟରେ ହାଇକୋର୍ଟ ହସ୍ତକ୍ଷେପ କରିଛନ୍ତି। ଏହା ଭାରତୀୟ ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ।



ବିଧାୟକମାନଙ୍କୁ ନୋଟିସ ପଠାଇବା ଅଧିକାର ବାଚସ୍ପତିଙ୍କ ରହିଛି। କିନ୍ତୁ ରାଜସ୍ଥାନ ହାଇକୋର୍ଟ ବାଚସ୍ପତିଙ୍କ ଅଧିକାର ଉପରେ ଅଯଥାରେ ହସ୍ତକ୍ଷେପ କରିଛନ୍ତି।

**-କ୍ଷୀରୋଦ ରାଉତ, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**

### ହାଇକୋର୍ଟ ଆଇନଗତ ତର୍ଜମା କରିପାରିବେ

ଭାରତର ସମ୍ବିଧାନ ଅନୁଯାୟୀ ବାଚସ୍ପତିଙ୍କୁ କେତେକ କ୍ଷମତା ଦିଆଯାଇଛି। ତଦନୁଯାୟୀ ବାଚସ୍ପତି କାର୍ଯ୍ୟ କରିଥାନ୍ତି। ଯଦି ସେ ସାମ୍ବିଧାନିକ ଅଧିକାର ବହିର୍ଭୂତ କୌଣସି ନିର୍ଦ୍ଦେଶ କିମ୍ବା ନିଷ୍ପତ୍ତି ନେଉଛନ୍ତି, ତେବେ କୋର୍ଟ ସେଥିରେ ହସ୍ତକ୍ଷେପ କରି ଆଇନଗତ ତର୍ଜମା କରିପାରିବେ। ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ରୋକ୍ ଲଗାଇପାରିବେ। ରାଜସ୍ଥାନ ପ୍ରସଙ୍ଗରୁ ଯାହା ଜଣାପଡୁଛି, ବୋଧେ ବାଚସ୍ପତି କୌଣସି ପ୍ରକାର ସମ୍ବିଧାନ ବହିର୍ଭୂତ କାର୍ଯ୍ୟ କରିଥିବା



ହାଇକୋର୍ଟ ମନେକରୁଛନ୍ତି। ସେଥିପାଇଁ ସ୍ଥିତାବସ୍ଥା ଜାରି କରିଛନ୍ତି। କିନ୍ତୁ ହାଇକୋର୍ଟଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶ ପରେ ହିଁ ସ୍ପଷ୍ଟ ହୋଇପାରିବ।

**-ଧରଣୀଧର ନାୟକ, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦାମିନୀ ଯୋଗ ପ୍ରଭାବରୁ ଦୀର୍ଘଦିନରୁ ଆଶା କରିଥିବା ମୂଲ୍ୟବାନ ଦ୍ରବ୍ୟଟି ବନ୍ଧୁଙ୍କ ଜରିଆରେ ପାଇପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ବ୍ୟବସାୟିକ, ସାମାଜିକ ଓ ଆନୁଷ୍ଠାନିକ ସ୍ଥିତି ଠିକ୍ ରହିବ। ପାରିବାରିକ ସମସ୍ୟା ସଜାଡିବାରେ ବ୍ୟସ୍ତ ରହିପାରନ୍ତି।

**ବୃଷ** କ୍ଷେତ୍ରସିଂହାସନ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ନିଜ ସମ୍ପର୍କୀୟ ବନ୍ଧୁ ମାନଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। ବରାଦ ଅନୁସାରେ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମିଥୁନ** ମୁଖଭାବରେ ସୂର୍ଯ୍ୟଙ୍କ ସ୍ଥିତି ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରତିହତ କରିବାରେ ସମର୍ଥ ହେବ। ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ରହିବ। ପାଖ, ପଡୋଶୀମାନେ ଆପଣଙ୍କ କାର୍ଯ୍ୟାବଳୀର ଭୂରିଭୂରି ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ପ୍ରଶାସନ,ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କର୍କଟ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ମାନସିକ ଅସ୍ଥିରତା କାରଣରୁ ବିଶୃଙ୍ଖଳା ଘଟିପାରେ। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ବହୁ ଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିବେ। ବନ୍ଧୁଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବା କାରଣରୁ ସେ ଅଭିମାନ କରିପାରନ୍ତି।

**ସିଂହ** ସେପରି କିଛି ବଡ ଧରଣର ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିବ। କେତେକ କ୍ଷେତ୍ରରେ ପୂର୍ବାଫାଲଗୁନୀ ପାଇଁ ଆତ୍ମୀୟମାନେ ଆବଶ୍ୟକୀୟ ସହଯୋଗ କରିବେ। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ କିନ୍ତୁ ସାମୟିକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ ।

**କନ୍ୟା** ଦୀର୍ଘଦିନର ଅପୂରଣୀୟ ଆଶା ମନକୁ ବାରମ୍ବାର ଆଲୋଡନ କରି ଅଶାନ୍ତି ସୃଷ୍ଟି କରିପାରେ। କୃତ୍ତିକା ନକ୍ଷତ୍ରସ୍ଥ ଚନ୍ଦ୍ର ପ୍ରଭାବରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଯାନବାହନ, ବିବାଦୀୟ ସ୍ଥାନ,ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ ହେବ।

**ତୁଳା** ବୁଧ ନକ୍ଷତ୍ରସ୍ଥ ମଙ୍ଗଳ ଯୋଗୁ ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ନିର୍ଦ୍ଦେଶାନୁସାରେ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଅଭାବରୁ ମନ ଭଲ ଲାଗି ନ ପାରେ । ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** ଆଜି ଭାଗ୍ୟାଧିପ କେନ୍ଦ୍ରସ୍ଥ ଯୋଗୁ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ଅବଶ୍ୟମ୍ଭାବୀ। ଆଲୋଚନା କାଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢିପାରେ। ଭ୍ରମଣ କିମ୍ବା କାମର ଚାପ ହେତୁକ କ୍ଳାନ୍ତି ଅନୁଭବ କରିବେ।

**ଧନୁ** ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କଥାକୁ ଜାଣିଶୁଣି ନୀରବତା ଅବଲମ୍ବନରୁ ଭର୍ତ୍ସିତ ହୋଇପାରନ୍ତି। ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ମକର** କର୍ମାଧିପ କୋଣଭାବସ୍ଥ ସ୍ୱଗୃହୀ ଯୋଗୁଁ ଆଜି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ଆତ୍ମୀୟମାନଙ୍କ ହୀନମନ୍ୟତା କାରଣରୁ ମନଟା ଭଲ ଲାଗିବ ନାହିଁ। ସଭାସମିତି, ଆଲୋଚନା ଚକ୍ର, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

**କୁମ୍ଭ** ବଳବାନ୍ ଚତୁର୍ଥାଧିପତଙ୍କ ଯୋଗୁ ପାରିବାରିକ ଓ କର୍ମକ୍ଷେତ୍ରରେ ସହଜରେ କାମ ହାସଲ କରିବେ। ସଭାସମିତିର ଆଲୋଚନା ପରିସରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** ପାପଗ୍ରହଯୁକ୍ତ ବୁଧଙ୍କ ଯୋଗୁ ପାରିବାରିକ ସମସ୍ୟା ସମାଧାନର ଚିନ୍ତାକରି ଦୁର୍ଭାବନା ବଢିଚାଲିବ। ଶତ୍ରୁତା ଓ ସ୍ୱାସ୍ଥ୍ୟହାନି ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ବାତାବରଣ ସୃଷ୍ଟି କରିପାରେ। ବାଣିଜ୍ୟ, ବ୍ୟବସାୟ ମନ୍ଦ ହେବେନି। ଆଲୋଚନା, ପାଇବାକୁଥିବା ଅର୍ଥ ସମ୍ପର୍କୀୟ କାର୍ଯ୍ୟପାଇଁ ଅସୁବିଧା ହେବନି।

ଆଜି ଶ୍ରାବଣ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଶନିବାର, ଜୁଲାଇ ୨୫ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା, ଦିବା ଘ. ୦୨.୮ମି. ଗତେ ହସ୍ତା ନକ୍ଷତ୍ର, ବୃଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୩ ମି. ଗତେ ଘ.୦୧.୧୧ମି. ମଧ୍ୟେ, ରାତ୍ରି ଘ.୦୮.୩୪ମି. ଗତେ ଘ.୧୦.୪୭ମି. ମଧ୍ୟେ, ଘ.୧୨.୧୫ମି. ଗତେ ଘ.୦୧.୪୩ମି. ମଧ୍ୟେ, ରାତ୍ରି ଘ.୦୨.୨୭ମି. ଗତେ ଘ.୦୩.୫୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୮.୩୮ମି. ଗତେ ଘ.୧୦.୧୬ ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate** | **to-let** | **business**

**SALE**

**Bharatpur GA Freehold Plot 40 × 60 (2400 Sq.ft.) East facing near 200ft Road for sale. Genuine buyer please contract. Brokers will not be entertained. Price 1.3 Cr. Contact: 9937045105.** D-68097

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି। 8093465134. D-69132

A house for rent basis for monthly, total room 25 Nos. Shyamakunj lane grand road, Puri. 9439049996, 9938072500. D-69020

2BHK opposite Hotel presidency, Nayapalli, 1st floor. Contact: 7077754377. D-69134

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଘରେବସି ୩,୦୦୦/- ବିନିଯୋଗରେ SMS send କରି ମାସିକ ୧୨,୦୦୦/- ରୋଜଗାର କରନ୍ତୁ। 7077448116. D-59954

**Hotel Rooms for Self Quarantine with all facilities in Bhubaneswar. Contact: 9776048587.** D-67559

**AFFIDAVIT**

Before the Executive Magistrate, Cuttack, I have changed my name from Monalisha Mohapatra to Monalisha Panda, W/o- Sarada Panda. Henceforth, I shall be Known as MONALISHA PANDA for all purpose. D-69709

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଜୁଲାଇ, ୨୦୨୦

**ପିପିଲିରେ ପୁଣି ୬ ପଜିଟିଭ୍**

**ପିପିଲି,(ସ୍ୱ.ପ୍ର.):** ପିପିଲି ବ୍ଲକରେ ଶୁକ୍ରବାର ପୁଣି ୬ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଜଗନ୍ନାଥପୁର ପଞ୍ଚାୟତର ଲୋହପୁର ଗାଁରୁ ଜଣେ ଗର୍ଭବତୀ ମହିଳା, ଏନଏସି ଅଞ୍ଚଳର ୪ଜଣ, ରୂପଦେଇପୁର ଭଗବତୀ ହାଇସ୍କୁଲରେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପମସରା ଅଞ୍ଚଳର ଜଣେକ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ଏମାନେ ସମସ୍ତେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଚିହ୍ନଟ ହୋଇଛନ୍ତି। ଲେହପୁର ଗ୍ରାମରେ ଚିହ୍ନଟ ପରେ ଗାଁକୁ ଶଟଡାଉନ କରଯାଇଛି। ଏହାସହ ଗ୍ରାମର ଚତୁଃପାର୍ଶ୍ୱ ରାସ୍ତାକୁ ସିଲ କରାଯାଇଛି। ଅଗ୍ନିଶମ କର୍ମଚାରୀ ଆସି ଗାଁକୁ ସାନିଟାଇଜ କରିଯାଇଛନ୍ତି। ଏବେ ଏହାର ସଂଖ୍ୟା ବୃଦ୍ଧି ପାଇ ୩୭ ରେ ପହଞ୍ଚିଛି।



## ସଂକ୍ଷେପରେ

### ନିମାପଡ଼ାରେ ପୁଣି ୫ ପଜିଟିଭ୍

**ନିମାପଡ଼ା,୨୪।୭(ଡି.ଏନ୍.ଏ):** ନିମାପଡ଼ା ବ୍ଲକ ଓ ଏନ୍ଏସିରେ ଶୁକ୍ରବାର ପୁଣି ୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ୯ନଂ. ୱାର୍ଡର ୪୮ବର୍ଷୀୟ ଯୁବକ, ସଲଙ୍ଗ ପଞ୍ଚାୟତର ଟିଏମ୍ସିରେ ଦାଦ୍ରା ଏବଂ ନଗର ହାବେଲୀରୁ ଫେରିଥିବା ୨୨ବର୍ଷୀୟ ଯୁବକ, ତୁଳସୀପୁର ପଞ୍ଚାୟତର ୩୦ବର୍ଷୀୟ ଯୁବକ ଦୁବାଇରୁ ଫେରି ପ୍ରଥମେ ସରକାରୀ ସଙ୍ଗରୋଧ ପରେ ନିଜ ଘରେ ଥିଲେ। ସେହିପରି ମହାରାଷ୍ଟ୍ର ଫେରନ୍ତା ୩୫ବର୍ଷୀୟ ଯୁବକ ଓ ତୁଳସୀପୁର ପଞ୍ଚାୟତର ୨୪ ବର୍ଷୀୟ ଯୁବକ ମୁମ୍ବାଇରୁ ଫେରି ଗୃହ ସଙ୍ଗରୋଧରେ ଥିଲେ। ଏହି ୫ଜଣଙ୍କ ସ୍ୱାବ ପୂର୍ବରୁ ସଂଗ୍ରହ କରାଯାଇଥିବାବେଳେ ଶୁକ୍ରବାର ରିପୋର୍ଟ ପଜିଟିଭ୍ ଆସିଥିବା ବିଡିଓ ମନୋଜ କୁମାର ବେହେରା, ତୁଳସୀପୁର ସରପଞ୍ଚ ଭଗବାନ ମିଶ୍ର, ସଲଙ୍ଗ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ତ୍ରିପାଠୀ ଜଣାଇଛନ୍ତି। ତୁଳସୀପୁରର ୨ଜଣଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବା ସହ ଉଭୟଙ୍କ ପରିବାରର ୧୪ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ହେଲେ ୯ନଂ. ୱାର୍ଡରୁ ଚିହ୍ନଟ ଯୁବକଙ୍କ ଘରେ ତାଲା ପଡ଼ିଥିବାରୁ ପୋଲିସ ପାଇଁ ଚିନ୍ତା ବଢ଼ିଛି। ତେବେ ଏହି ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ନିଜ ଆଡୁ ପୋଲିସ ଓ ପ୍ରଶାସନକୁ ଜଣାଇବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ କୁହାଯାଇଛି। ଏବେ ନିମାପଡ଼ାରେ ଆକ୍ରାନ୍ତ ସଂଖ୍ୟା ୨୮ରେ ପହଞ୍ଚିଛି।

### ଜଙ୍କିଆ ପଞ୍ଚାୟତ ୩ଦିନ ଶଟ୍ଡାଉନ

**ନିରାକାରପୁର,୨୪।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଅଞ୍ଚଳରେ ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସରପଞ୍ଚ ରାଜେନ୍ଦ୍ର ସାମନ୍ତରାୟ ଉକ୍ତ ପଞ୍ଚାୟତକୁ ୩ଦିନ ଲାଗି ଶଟ୍ଡାଉନ ଘୋଷଣା କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ୬ଟାରୁ ଆସନ୍ତା ୨୭ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଏବଂ ଘରୋଇ ଅନୁଷ୍ଠାନ ସମେତ ଦୋକାନବଜାର ବନ୍ଦ ରହିବ। ଏ ନେଇ ଚିଠି ମାଧ୍ୟମରେ ଜିଲାପାଳଙ୍କୁ ଅବଗତ କରାଯାଇଥିବା ସରପଞ୍ଚ ସାମନ୍ତରାୟ କହିଛନ୍ତି।

### ୩ ଗ୍ରାମ ୭୨ଘଣ୍ଟା କଣ୍ଟେନ୍ମେଣ୍ଟ ଜୋନ୍

**ବେଗୁନିଆ,୨୪।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଶୁକ୍ରବାର ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ବ୍ଲକ ଅନ୍ତର୍ଗତ ସିମୋର ପଞ୍ଚାୟତର କଣ୍ଡାମଲିମ ଗ୍ରାମରୁ ଜଣେ ପଜିଟିଭ୍ ଚିହ୍ନଟ ହେବା ପରେ କଣ୍ଡାମଲିମ ଓ ଗଁପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ଭାବେ ଘୋଷଣା କରାଯାଇଛି। ସେହିପରି ରାଉତପଡ଼ା ପଞ୍ଚାୟତ ଅଧୀନ ରାଉତପଡ଼ା ଗାଁରୁ ଜଣେ ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଗ୍ରାମକୁ ମଧ ୭୨ଘଣ୍ଟା ଲାଗି କଣ୍ଟେନମେଣ୍ଟ ଜୋନ୍ ଭାବେ ଜିଲାପାଳ ଶୀତାଂଶୁ କୁମାର ରାଉତ ଘୋଷଣା କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ୫ଟାରୁ ଆସନ୍ତା ୨୭ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ବ୍ଲକ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୪୯ରେ ପହଞ୍ଚିଛି।

# ଭୁବନେଶ୍ୱରରେ ସଂକ୍ରମଣ ଉପରମୁହାଁ

**ଜୁଲାଇରେ ୧୩୯୭ ସଂକ୍ରମିତ, ୬୪୯ ସୁସ୍ଥ**

- ହୁ ହୁ ହୋଇ ବଢ଼ୁଛନ୍ତି ସଂକ୍ରମିତ, ସୁସ୍ଥ ହାର ସ୍ଥିର
- ଦିନକରେ ସର୍ବାଧିକ ୨୪୮ ନୂଆ ପଜିଟିଭ୍, ୨୯ ସୁସ୍ଥ
- ଚିନ୍ତା ବଢ଼ାଇଲା ମହିଁଷାଖାଲ ବସ୍ତି, ଦିନକରେ ୪୫ ଚିହ୍ନଟ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ଲଗାତର ଦ୍ୱିତୀୟ ଦିନରେ ଭୁବନେଶ୍ୱରରୁ ପୁଣି ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟାରେ କେବଳ ଭୁବନେଶ୍ୱରରୁ ୨୪୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୁଖ୍ୟ କଥା ହେଲା, ଜୁଲାଇ ପହିଲାରୁ ଏଯାବତ୍ କେବଳ ଭୁବନେଶ୍ୱରରୁ ୧୩୯୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଓ ୬୪୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ସୁସ୍ଥ ହାର ଅପେକ୍ଷା ସଂକ୍ରମିତଙ୍କ ହାର ଦୁଇଗୁଣା ବୋଲି ବିଏମ୍ସି ତଥ୍ୟରୁ ଜଣାପଡ଼ିଛି। ଗତ ୭ଦିନର ତଥ୍ୟ ଅନୁଯାୟୀ, ୬୩୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମାତ୍ର ୩୭୭ ଜଣ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ସଙ୍ଗରୋଧରେ ଥିବାବେଳେ ଅନ୍ୟମାନେ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱରରେ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ ବୋଲି ଉଭୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଏବଂ ଆରଏମ୍ଆର୍ସି କହୁଥିବାବେଳେ ଦୈନିକ ବଢ଼ୁଥିବା ସଂକ୍ରମିତଙ୍କ ସଂଖ୍ୟା ଓ ଗୋଟିଏ ଗୋଟିଏ ସ୍ଥାନରୁ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ସଂଖ୍ୟା ଏକ ବିପରୀତ ଚିତ୍ର ପ୍ରତିପାଦିତ କରୁଛି।



ସୂଚନା ମୁତାବକ, ଭୁବନେଶ୍ୱରରୁ ଗତ ୨୪ ଘଣ୍ଟାରେ ଚିହ୍ନଟ ୨୪୮ ପଜିଟିଭ୍ଙ୍କ ମଧ୍ୟରୁ ୨୦୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ୪୧ ଜଣ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ମୁଖ୍ୟକଥା ହେଲା ସଙ୍ଗରୋଧରୁ ଚିହ୍ନଟ ୨୦୭ ମାମଲାରୁ ମାତ୍ର ୩ଟି ମାମଲାରେ ଆକ୍ରାନ୍ତଙ୍କ ଗସ୍ତ ବିବରଣୀ କୋଲକାତା ରହିଥିବାବେଳେ ୨୦୪ ଜଣ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଚିହ୍ନଟ ହୋଇଥିବା ଜଣାପଡ଼ିଛି। କେବଳ ବିଜେବି ନଗର ମହିଁଷାଖାଲ ବସ୍ତିରୁ ଏକାଥରେ ୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୩ ପୁରୁଷ ଥିବା ବେଳେ ୪ଜଣ ବାଳକ ରହିଛନ୍ତି। ଏଥିସହ ୧୮ଜଣ ମହିଳା ଓ ୧୦ଜଣ ବାଳିକାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସେହିପରି ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ୨୭ଜଣ ସ୍ୱାସ୍ଥ୍ୟକର୍ମୀ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କଣ୍ଟେନ୍ମେଣ୍ଟ ଜୋନ୍ ଥିବା ସୀତାପୁର ବସ୍ତିରୁ ପୁଣି ୨୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ଭୁବନେଶ୍ୱରରୁ ୨୯ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଏଯାବତ୍ ଭୁବନେଶ୍ୱରରେ ୧୭୧୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୮୩୪ ଜଣ ସୁସ୍ଥ ଓ ୮୭୦ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବିଏମ୍ସି ପକ୍ଷରୁ ପ୍ରକାଶ ପାଇଛି।

### ଚିହ୍ନଟ ସମସ୍ତ ସଂକ୍ରମିତ ଯାଉନାହାନ୍ତି କୋଭିଡ୍ ହସ୍ପିଟାଲ

ଭୁବନେଶ୍ୱରରୁ ଚିହ୍ନଟ ସମସ୍ତ ସଂକ୍ରମିତ କୋଭିଡ୍ ହସ୍ପିଟାଲ ଯାଉନାହାନ୍ତି। ବର୍ତ୍ତମାନ ଭୁବନେଶ୍ୱରରେ ୮୭୦ ସକ୍ରିୟ ସଂକ୍ରମିତ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୬୩ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଛନ୍ତି। ଜୁଲାଇ ୧୧ ରୁ ବିଏମ୍ସି ପକ୍ଷରୁ ଏହି ସେବା ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୪୬ ରୋଗୀ ଘରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସେ କହିଛନ୍ତି, ଏବେ ୩ କୋଭିଡ୍ କେୟାର ସେଣ୍ଟର ରହିଛି। ଯେଉଁଥିରେ ୫୦ ଲେଖାଏ ଶଯ୍ୟା ରହିଛି। ଏହା ବିଧାୟକଙ୍କ ପାଣ୍ଠି ଦ୍ୱାରା ପରିଚାଳିତ ହେବ।

# ୧୧ ପୋଲିସ କର୍ମଚାରୀଙ୍କ ସମେତ ୭୯ ପଜିଟିଭ୍

- ସାନିଟାଇଜ୍ ହେଲା ବାଣପୁର ଥାନା
- ସତର୍କ ରହିବାକୁ ଜିଲାପାଳଙ୍କ ପରାମର୍ଶ
- ଆକ୍ରାନ୍ତ ପୋଲିସଙ୍କ ହେବ କଣ୍ଟାକ୍ଟ ଟ୍ରେସିଂ

**ଖୋର୍ଦ୍ଧା ଅଫିସ,୨୪।୭:** ଖୋର୍ଦ୍ଧା ଜିଲା(ବିଏମ୍ସିକୁ ବାଦ୍ ଦେଇ)ରେ ଶୁକ୍ରବାର ୧୧ପୋଲିସ କର୍ମଚାରୀଙ୍କ ସମେତ ୭୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ପୌରାଞ୍ଚଳର ୩ଜଣ ରହିଛନ୍ତି। ତନ୍ମଧ୍ୟରୁ ଜଙ୍କିଆ ଓ ଗୁରୁଜଙ୍ଗ ମାଳିସାହିରୁ ଜଣେ ଲେଖାଏ ରହିଥିବା ବେଳେ ଖୋର୍ଦ୍ଧା ପୋଲିସ କଲୋନୀରୁ ଜଣେ ପୋଲିସ କର୍ମଚାରୀ ରହିଛନ୍ତି। ବାଣପୁର ଥାନାର ୧୦ପୋଲିସ କର୍ମଚାରୀଙ୍କ ସମେତ ଅଞ୍ଚଳରୁ ୨୩ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ବାଲୁଗାଁରୁ ୧୬, ଟାଙ୍ଗୀରୁ ୩, ଜଟଣୀରୁ ୧୧, ବେଗୁନିଆରୁ ୭, ବାଲିପାଟଣାରୁ ୭, ମେଣ୍ଢାଶାଳରୁ ୭ ଏବଂ ବୋଲଗଡ ବ୍ଲକରୁ ୨ଜଣ ରହିଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୮୬ରେ ପହଞ୍ଚିଛି। ଅନ୍ୟପଟେ ୩୬୭ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଏସ୍ପି ଅଜୟ ପ୍ରତାପ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ବାଣପୁର ଥାନାରୁ ୧୦ଜଣ ପଜିଟିଭ୍ ଚିହ୍ନଟ ପରେ ଉକ୍ତ ଥାନାକୁ ସାନିଟାଇଜ୍ କରାଯିବା ସହ ଅନ୍ୟ କର୍ମଚାରୀଙ୍କୁ ହୋମ କ୍ୱାରାଣ୍ଟାଇନ୍ରେ ରହିବାକୁ କୁହାଯାଇଛି। ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବ। ଆଇନ୍ଶୃଙ୍ଖଳା ଦୃଷ୍ଟିରୁ ସ୍ୱତନ୍ତ୍ର ପୋଲିସ ଷ୍ଟାଫ ଉକ୍ତ ଥାନାକୁ ପଠାଯିବ। କୌଣସି ଅଭିଯୋଗ ଥିଲେ ଅଭିଯୋଗ ବାକ୍ସ, ଇ-ମେଲ୍ ଯୋଗେ ପଠାଇବା ପାଇଁ ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି, ଜନସାଧାରଣ ସଚେତନ ହେବା ସହ ଘରୁ ବାହାରିଲେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ଏବଂ ଗ୍ରାମ୍ୟ, ୱାର୍ଡ ଓ ବସ୍ତି ସ୍ତରୀୟ କମିଟି ରହିଛି। ଏହି କମିଟି ନିଜ ଅଞ୍ଚଳରେ ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ, ରିପୋର୍ଟ ହାସଲ କରିବା ସହ ସଚେତନ କରୁଛନ୍ତି। ଜାମୁଝରି ଓ ଖୁଦୁପୁରଠାରେ ଦୁଇଟି କୋଭିଡ୍ କେୟାର ସେଣ୍ଟର ରହିଛି। ପ୍ରତି ପଞ୍ଚାୟତସ୍ତରରେ କୋଭିଡ୍ କେୟାର ହୋମ ରହିଛି। ଥଣ୍ଡା, କାଶ, ଜ୍ୱର ତଥା କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଏଠାରେ ରଖିବା ବ୍ୟବସ୍ଥା କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାବ୍ ସଂଗ୍ରହ କେନ୍ଦ୍ର ସହିତ ଟ୍ରୁନଟ(ତତ୍କ୍ଷଣାତ ପରୀକ୍ଷଣ) ବ୍ୟବସ୍ଥା କରାଯାଉଛି ବୋଲି ଜିଲାପାଳ କହିଛନ୍ତି।

**MILK UNION SAMBALPUR**
**CORRIGENDUM**
Due to declaration of shut down in Sambalpur and Bargarh District the tender dt. 17.07.2020 has been extended upto 2 P.M. dt. 05.08.2020 and shall be opened on the same date at 3.30 P.M. All other terms and conditions remain same.
**GENERAL MANAGER**

# କୁନି ଛାତ୍ର ନିର୍ମାଣ କଲେ ସାନିଟାଇଜ୍ ମେଶିନ

**ଗୋପ,୨୪।୭(ଡି.ଏନ୍.ଏ):** କରୋନାକୁ ନେଇ ସାରା ଦେଶ ଔଷଧ ପ୍ରସ୍ତୁତ ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏଭଳି ସମୟରେ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପୁରୀ ଜିଲା ଗୋପ ବ୍ଲକର ଜଣେ କୁନି ଛାତ୍ର ଏକ ଅଟୋମେଟିକ ସାନିଟାଇଜ୍ ମେଶିନ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ହେଉଛନ୍ତି ଗୋପ ଅଞ୍ଚଳର ମୁସଲମାନ ବସ୍ତିରେ ରହୁଥିବା ମହମ୍ମଦ ସାଦ ଅକତର। ତାଙ୍କର ଏହି ମେଶିନକୁ ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରଥମେ ଉଦ୍‌ଘାଟନ କରିବା ସହ ନିଜେ ମଧ ସାନିଟାଇଜ ହୋଇଛନ୍ତି। ଅକତରଙ୍କ ଏହି କାର୍ଯ୍ୟ ପାଇଁ ମନ୍ତ୍ରୀ ପ୍ରଶଂସା କରିବା ସହ ଭବିଷ୍ୟତରେ ରାଜ୍ୟ ତଥା ଦେଶର ନାଁ ରଖିପାରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଅକତର ନିମାପଡ଼ା ଡିଏଭି ପବ୍ଲିକ ସ୍କୁଲର ୭ମ ଶ୍ରେଣୀରେ ପାଠ ପଢ଼ନ୍ତି। କିଛିଦିନ ତଳେ ଅକତର ଗୋଟିଏ ବଡ଼ ହୋଟେଲକୁ ବୁଲିବା ଲାଗି ଯାଇଥିବାବେଳେ ସେଠାରେ ଏପରି ସାନିଟାଇଜ ମେଶିନ ଥିବା ଦେଖିଥିଲେ। ପୂର୍ବରୁ ସାଧାରଣ ରୋଗୀମାନେ ଡାକ୍ତରଖାନାକୁ ଗଲେ ନାନା ଅସୁବିଧା ହେଉଥିବା କୌଣସି ସାନିଟାଇଜ ବ୍ୟବସ୍ଥା ନ ଥିବା ଟିଭିରେ ଦେଖିଥିଲେ। ତେବେ ସେହି ଦିନରୁ ଡାକ୍ତରଖାନାକୁ ଆସୁଥିବା ଗରିବ ରୋଗୀଙ୍କ ପାଇଁ ଅଟୋମେଟିକ ସାନିଟାଇଜ ମେଶିନ କରିବା ପାଇଁ ଚିନ୍ତା କରିଥିଲେ। ବାପା ହାତ ଖର୍ଚ୍ଚ ପାଇଁ ଦେଉଥିବା ଟଙ୍କାରେ ସାନିଟାଇଜ ଓ ଆବଶ୍ୟକ ସାମଗ୍ରୀ କିଣି ୧୦/୧୨ଦିନ ମଧ୍ୟରେ ସାନିଟାଇଜ ମେଶିନ ପ୍ରସ୍ତୁତ କରିଥିଲେ। ଏହି ମେଶିନ ତିଆରି କରିବାକୁ ତାଙ୍କୁ ମାତ୍ର ୭/୮ ହଜାର ଟଙ୍କା ଲାଗିଥିବା କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଏହି ଅଟୋମେଟିକ ମେଶିନ ଦ୍ୱାରା ୮ ସେକେଣ୍ଡରେ ସାନିଟାଇଜ ହୋଇପାରିବେ ବୋଲି ଅକତ୍ର କହିଛନ୍ତି। ଏହାହେଲା ପରେ ପ୍ରଥମଥର ପାଇଁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଲଗାଯାଇଥିଲା।




ମହମ୍ମଦ ସାଦ ଅକତରଙ୍କ ନିର୍ମିତ ସାନିଟାଇଜ୍ ମେଶିନ୍କୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

### ୩ ହସ୍ପିଟାଲ, ସିଏମ୍ସିରୁ ୫୦ ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ,୨୪।୭**

କଟକ ସହରରେ ଶୁକ୍ରବାର ୫୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସ୍ସିବିରେ ଜଣେ ଗର୍ଭବତୀଙ୍କୁ ଲେବର ରୁମ୍ ନେବା ପୂର୍ବରୁ ହସ୍ପିଟାଲ ପ୍ରବେଶପଥରେ ସେ ପ୍ରସବ କରିଥିଲେ। ଉଭୟ ମା' ଓ ଶିଶୁକୁ ଆଇସୋଲେଶନରେ ରଖାଯାଇଛି। ଗୁରୁବାର ନେଫ୍ରୋଲୋଜି ବିଭାଗରେ ୨ ଆକ୍ରାନ୍ତଙ୍କ ସମ୍ପର୍କୀୟଙ୍କ ସଂସ୍ପର୍ଶରେ ଆସି ୫ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ମେଡିସିନ ଇନ୍‌ଡୋରରୁ ଜଣେ ମହିଳା ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରୁ ଆଉ ଜଣେ ରୋଗୀଙ୍କ ଆଣ୍ଟିଜେନ ରିପୋର୍ଟ ପଜିଟିଭ ବାହାରିଛି। ଏସ୍ସିବି ଆଇସୋଲେଶନ ୱାର୍ଡରୁ ଜଣେ ସେବିକାଙ୍କ ସମେତ ବିଭିନ୍ନ ଜିଲାର ଆଉ ୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସିଟି ହସ୍ପିଟାଲରୁ ଜଣେ, ଓଲ୍ଡ ରାଉସପାଟଣାରୁ ସର୍ବାଧିକ ୨୧, କାଳୀଗଳିରୁ ୩, ଶଙ୍କରପୁର, ଗୋପୀନାଥପୁର, ସେଲ୍ଟର ଛକ, ଖାନନଗର, ବାଲୁବଜାର, ଚାନ୍ଦିନଚୌକ ଅଞ୍ଚଳରୁ ୧୫ ଜଣ ଚିହ୍ନଟ ହୋଇଛନ୍ତି।

**CUTTACK MUNICIPAL CORPORATION**
**TENDER CALL NOTICE**
No.6237 Dt.24.7.2020
Cuttack Municipal Corporation invites sealed tenders from interested and reputed suppliers for supplying of Bleaching Powder for the year 2020-21.
The details can be obtained from the CMC Website, Notice Board at Biju Bhawan, Choudhury Bazar and Bikash Bhawan, Badambadi, Cuttack. The last date of submission of tender documents on Dt.05.08.2020 at or before 3 P.M.
Sd./- Commissioner
Cuttack Municipal Corporation

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

**ଗୋପ,୨୪।୭(ଡି.ଏନ୍.ଏ.)**

ଚିକିତ୍ସା ଅବହେଳାରୁ ଗୋପ ବ୍ଲକ ଅନ୍ତର୍ଗତ ମୁଗୁରିଆ ଗ୍ରାମର ତ୍ରିଲୋଚନ କାଣ୍ଡିଙ୍କ ଦେଢ଼ବର୍ଷ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋପ ପୋଲିସ ଏକ ମାମଲା (ନଂ.୧୯୫/୨୦)ରୁଜୁକରି ତଦନ୍ତ

**କାର୍ଯ୍ୟାନୁଷ୍ଠାନ ଦାବିରେ ୩ଘଣ୍ଟା ରାସ୍ତାରୋକୋ**

ଚଳାଇଛି। ଅନ୍ୟପଟେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ପରିବାର ଲୋକେ ମୃତ ଶିଶୁପୁତ୍ରକୁ ଧରି ନାଗପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୩ ଘଣ୍ଟା ରାସ୍ତାରୋକୋ କରିଥିଲେ।

ତ୍ରିଲୋଚନଙ୍କ ଦେଢ଼ବର୍ଷ ଶିଶୁପୁତ୍ରକୁ ଜ୍ୱର ହେବାରୁ ଗୁରୁବାର ପରିବାର ଲୋକେ ନାଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଉପସ୍ଥିତ ଡାକ୍ତର ଶିଶୁପୁତ୍ରକୁ ଚିକିତ୍ସା କରିବା ସହ ଔଷଧ ଲେଖିଥିଲେ। ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରୁ ମାଗଣାରେ ଔଷଧ ନେଇଥିଲେ। ରାତିରେ ଔଷଧ ଖାଇବା ପରେ ଶିଶୁପୁତ୍ରର ଦେହ ଅଧିକ ଖରାପ ହୋଇଥିଲା। ଶିଶୁପୁତ୍ରକୁ ଡାକ୍ତରଖାନା ଆଣିବା ପୂର୍ବରୁ ମୃତ୍ୟୁ ହୋଇଥିଲା। ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ପରିବାର ସଦସ୍ୟ କହିବା ସହ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ନାଗପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ତହସିଲଦାର ପୃଥ୍ୱିରାଜ ମଣ୍ଡଳ ପହଞ୍ଚି ବୁଝାଶୁଝା କରିବା ପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମୃତ ଶିଶୁ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ତହସିଲଦାର ପ୍ରଦାନ କରିଥିଲେ। ମୃତ ଶିଶୁପୁତ୍ରର ସ୍ୱାବ୍ ଟେଷ୍ଟ କରାଯିବ ବୋଲି ପୋଲିସ କହିଛି। ଚିକିତ୍ସା ଅବହେଳା ଯୋଗୁ ମୃତ୍ୟୁ ଘଟିବା ନେଇ ସମ୍ପୃକ୍ତ ଡାକ୍ତରଙ୍କୁ ପଚାରିବାରେ ସେ ଏହାକୁ ଖଣ୍ଡନ କରିଛନ୍ତି।



କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ପରିବାର ଲୋକେ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଓ ପରିସରର ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ନୋଟିସ ଦିଆଯାଉଛି ଯେ, ସମ୍ପୃକ୍ତ ସେକ୍ସନ ବାବଦରେ ସୂଚିତ ତାରିଖରେ କିମ୍ବା ତାହା ପରେ ଘରପୋଷ-ଆର୍‌ଟିଏସ୍‌ଏସ୍‌ଠାରେ ଫିଡର୍ ଲାଇନ୍ ମାଧ୍ୟମରେ ଆସୋସିଏଟେଡ୍ ସ୍ୱିଚ୍ ଗିୟର୍ ସହିତ ୧୩୨/୨୭ କେଭି, ୨x୩୦/୪୨ ଏମ୍‌ଭିଏର ବ୍ୟାକ୍ ଫିଡ୍ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। ସେହି ତାରିଖ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ଭାବେ ବିବେଚନା କରାଯିବା ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ଏହା ନିକଟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ୍ |
|---|
| ୧. ଏସ୍.ଇ. ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା ଓ ଝାରସୁଗୁଡ଼ା ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ଘରପୋଷ-ଆର୍‌ଟିଏସ୍‌ଏସ୍‌ଠାରେ ଫିଡର୍ ଲାଇନ୍ ମାଧ୍ୟମରେ ଆସୋସିଏଟେଡ୍ ସ୍ୱିଚ୍ ଗିୟର୍ ସହିତ ୧୩୨/୨୭ କେଭି, ୨x୩୦/୪୨ ଏମ୍‌ଭିଏର ବ୍ୟାକ୍ ଫିଡ୍ ବିଦ୍ୟୁତ୍ ସରବରାହ ଆରମ୍ଭ (କିମି ଏଲ୍‌ଓସି ନଂ. ୪୬୧/୧-୫ ଚେନେଜ୍ ୪୬୧/୦୫୭.୭୦ରୁ ୪୬୧/୧୬୫.୭୦ ମଧ୍ୟରେ) । **ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ: ୩୦।୦୭।୨୦୨୦।** |
| ୨. ଏସ୍.ଇ. ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା ଓ ଝାରସୁଗୁଡ଼ା ମଧ୍ୟରେ ୩ୟ ଲାଇନ୍ ନିର୍ମାଣରେ ନୂଆ ଜିପିଏଚ୍/ଆର୍‌ଟିଏସ୍‌ଏସ୍ ଗାଣ୍ଟ୍ରିରୁ ପିଟିଏଫ୍‌ଇ ଅବସ୍ଥିତି ପର୍ଯ୍ୟନ୍ତ ଘରପୋଷରୁ ସାଗ୍ରା ମଧ୍ୟରେ ୨୫ କେଭି ଫିଡର୍ ଲାଇନ୍ । (i) ଅପ୍ ଲାଇନ୍ ଏଲ୍‌ଓସି ନଂ. ୪୬୧/ଏଫ୍୩ଏ ଚେନେଜ୍ ୪୬୧/୦୫୯.୭୫ରୁ ଏଲ୍‌ଓସି ନଂ. ୪୫୭/ଏଫ୍୧ଏ ଚେନେଜ୍ ୪୫୭/୮୭୭.୧୫ ସୋଗ୍ରା ପାର୍ଶ୍ୱ = ୩୧୮୨.୬୦ ମିଟର। (ii) ଡାଉନ୍ ଲାଇନ୍ ଏଲ୍‌ଓସି ନଂ. ୪୬୧/ଏଫ୍୩ ଚେନେଜ୍ ୪୬୧/୦୬୬.୨୫ରୁ ଏଲ୍‌ଓସି ନଂ. ୪୫୭/ଏଫ୍୨ ଚେନେଜ୍ ୪୫୭/୮୬୩.୬୫ ସୋଗ୍ରା ପାର୍ଶ୍ୱ = ୩୨୦୨.୬୦ ମିଟର । (iii) ଡାଉନ୍ ଲାଇନ୍ ପାଇଁ ଜିପିଏଚ୍-ଆର୍‌ଟିଏସ୍‌ଏସ୍ ଫିଡର୍ ଲାଇନ୍ ବିପରୀତ ଗାଣ୍ଟ୍ରି ଏଲ୍‌ଓସି ନଂ. ୪୬୧/ଏଫ୍୪ ଚେନେଜ୍ ୪୬୧/୦୮୪.୨୩ଠାରୁ ଏଲ୍‌ଓସି ନଂ. ୪୬୦/ଏଫ୍୧୮ ଚେନେଜ୍ ୪୬୦/୫୯୩.୭୫ = ୪୯୦.୪୮ ମିଟର । **ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ: ୩୦।୦୭।୨୦୨୦** |

(PR-168) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ସିଓଏନ୍), ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

# ପୀଡ଼ିତାଙ୍କୁ ବିବାହ କରି ଜାମିନ ପାଇଲେ ବଳାତ୍କାର ଅଭିଯୁକ୍ତ

**କଟକ ଅଫିସ,୨୪।୭:** ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳରେ ବଳାତ୍କାର ପୀଡ଼ିତାଙ୍କୁ ଅଭିଯୁକ୍ତ ବିବାହ କରିବା ପରେ ତାଙ୍କୁ ହାଇକୋର୍ଟ ଜାମିନ ଦେଇଛନ୍ତି। ବିଚାରପତି ବିଭୁ ପ୍ରସାଦ ରାଉତରାୟ ଶୁକ୍ରବାର ଜାମିନ ଆବେଦନର ଶୁଣାଣି କରିଥିଲେ। ହଣ୍ଡପା ଥାନା କଣ୍ଟେଇକୁଳିଆ ଗ୍ରାମରେ ଅଭିଯୁକ୍ତଙ୍କ ଘର। କିଶୋରନଗର ବ୍ଲକ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ସେ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଭୁବନେଶ୍ୱରସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରୁ ଅଭିଯୁକ୍ତଙ୍କୁ ହଣ୍ଡପା ଥାନା ପୋଲିସ ଗତ ଫେବୃୟାରୀ ୧୩ରେ ଗିରଫ କରିଥିଲା। କେସ୍ ନଂ ୮/୨୦ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଅଭିଯୁକ୍ତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିବାହ ପାଇଁ ଉଭୟଙ୍କ ଅଭିଭାବକ ରାଜି ଥିବା ଯୋଗୁ ହାଇକୋର୍ଟ ୩୦ ଦିନର ଅନ୍ତରୀଣ ଜାମିନ ଦେବା ସହ ବାହାହୋଇ ପ୍ରମାଣ ଦାଖଲ ସହ ତଳକୋର୍ଟରେ ଆତ୍ମସମର୍ପଣ କରିବାକୁ କହିଥିଲେ। ଜାମିନ ଅବଧି ସରିବା ପରେ ଅଭିଯୁକ୍ତ ଆତ୍ମସମର୍ପଣ କରି ପୁଣି ଥରେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ବିବାହର ସତ୍ୟପାଠ ଦାଖଲ କରିଥିଲେ। ପୀଡ଼ିତା ବର୍ତ୍ତମାନ ସ୍ତ୍ରୀ ଭାବେ ଅଭିଯୁକ୍ତଙ୍କ ଘରେ ରହୁଥିବା ଜାମିନ ଆବେଦନରେ ଦର୍ଶାଯାଇଥିଲା। ଶୁକ୍ରବାର ତାଙ୍କୁ ଜାମିନ ମିଳିଛି।

**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

**TENDER CALL NOTICE**

Ref No. 2952 Dt. 23.07.2020
The Managing Director, OSIC Ltd., Cuttack invites tender from MSMEs duly empanelled with OSIC for execution of different electrification work under BGJY Scheme for the year 2018-19.

| | |
|---|---|
| Period of availabilty of tender document | 29.07.2020 to 10.08.2020 up to 11.00 AM |
| Last date of submission of tender | 12.08.2020 at 11.00 AM |
| Date of opening of tender | 13.08.2020 at 3.00 PM(if the day is declared as holiday the tender will be opened on next working day) |
| Validity of Tender | 90 Calendar days from the Last date of submission of tender. |
| Tender Bid Cost | Rs. 10,000.00 |

The detailed tender call notice can be downloaded from the OSIC website www.osicltd.in . The tender for the work is to be dropped in the tender box present in the office of the MD, OSIC Ltd, Cuttack or shall be received by Regd. Post / speed post / Courier within the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.
Any corrigendum/changes/modifications will appear in OSIC Ltd. website www.osicltd.in only
MANAGING DIRECTOR

**OFFICE OF THE PARADEEP MUNICIPALITY, PARADEEP**
No. 3623 Dt.24.07.2020
**QUOTATION CALL NOTICE**
The Executive Officer, Paradeep Municipality on behlaf of Paradeep Municipality, Dist.- Jagatsinghpur invites sealed quotations from the intending registered Supplier/Dealers/ Firm for supply of Bleaching Powder (Grade-I), Kingfog, Bi-Larv 25 w/p, Sodium Hypochlorite and Sanitizer to Paradeep Municipality for the financial year 2020-21. The prescribed quotation schedule (DTCN) can be downloaded from Paradeep Municipality website **www.paradeepmunicipality.org** from 10.00 A.M. Date 24.07.2020 to Date 05.08.2020 upto 5.00 P.M. on payment of Rs.500.00/- (Rupees five hundred) only (non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Paradeep Municipality payable at Paradeep from any Nationalized Bank.
The quotation paper along with all documents shall be received in the Office of the Executive Officer, Paradeep Municipality through by person on or before date 06.08.2020 upto 12.00 Noon. The quotation will be opened on the same date at 12.30 P.M. in presence of the quotationers or their authorized representatives. The quotation received beyond the schedule date and time will not be considered at all.
The undersigned has the right to accept, cancel or reject any or all the quotations without assigning any reason thereof.
**Sd./- Executive Officer, Paradeep Municipality**

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
Plot No. C/2, NAYAPALLI, BHUBANESWAR-751 012
CIN : U51211OR1980SGC00084
Tender No. 9492/P-II/59/2019 (Pt-I)/PDS Dt.: 24.07.2020
**NOTICE INVITING TENDER**
Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of handling & transport contractors for handling & transportation of Custom Milled Rice (CMR) from source districts to recipient districts through Rake in the State of Odisha. |
| 2 | Availability of bid document in the portal | From 25.07.2020 |
| 3 | Last Date / Time for receipt of bids in the portal. | Dt.04.08.2020 up to 5:00 PM |
| 4 | Date / Time of Opening of Technical Bid | Dt.05.08.2020 at 3:00 PM |
| 5 | Name and address of the Officer Inviting Tender | Managing Director, OSCSC Ltd. C/2 Nayapalli, Bhubaneswar. |

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in.** Amendments / corrigendum / cancellation / retenders etc. if any shall be published in above websites.
Sd/- **Managing Director**

# ବାବୁଙ୍କ ପତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେରଳରେ ଧରାପଡ଼ିଥିବା ସୁନା ଚୋରା ଚାଲାଣ ର୍ୟାକେଟ୍ ଏକ ବଡ଼ ବିବାଦ ସୃଷ୍ଟି କରିଛି ଏବଂ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କର ପ୍ରଶାସନିକ ସେବାରେ ଥିବା ଉଜ୍ଜ୍ୱଳ କ୍ୟାରିୟରର ଆକସ୍ମିକ ଅନ୍ତ ଘଟିଛି। ଘଟଣାର କେନ୍ଦ୍ରରେ ଅଛନ୍ତି ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍‌ଙ୍କ ପ୍ରମୁଖ ସଚିବ ତଥା ରାଜ୍ୟ ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ ଏମ୍. ଶିବଶଙ୍କର। ଏହି ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିନ୍ଦିତ ହେବା ଆଶଙ୍କାରେ ବିଜୟନ୍ ପ୍ରଥମେ ଏହାର ତଦନ୍ତ ଦାବି କରିବା ସହ ତୁରନ୍ତ ଶିବଶଙ୍କରଙ୍କୁ ଉକ୍ତ ଦୁଇଟି ପଦବୀରୁ ହଟାଇ ଦେଇଛନ୍ତି। ଅଭିଯୁକ୍ତ ବାବୁ ଜଣକ ବର୍ତ୍ତମାନ ୩୦ କିଲୋଗ୍ରାମ୍ ସୁନା ଚୋରା କାରବାରର ମୁଖ୍ୟ ଅଭିଯୁକ୍ତଙ୍କ ସହ ତାଙ୍କର କିଛି ସମ୍ପର୍କ ଥିଲା କି ନାହିଁ ସେ ନେଇ ଯାଞ୍ଚର ସମ୍ମୁଖୀନ ହେବେ। ସୂଚନାନୁସାରେ ସରକାରରେ ଶିବଶଙ୍କରଙ୍କର ଖୁବ୍ ପ୍ରଭାବ ରହିଥିଲା। କେରଳକୁ ପୁଞ୍ଜି ନିବେଶର ଏକ ଆକର୍ଷକ କେନ୍ଦ୍ରରେ ପରିଣତ କରିବା ଲାଗି ତାଙ୍କୁ କ୍ରେଡିଟ୍ ଦିଆଯାଉଥିଲା। ଜଣେ ରୋକ୍‌ଠୋକ୍ ଓ ସକ୍ରିୟ ବାବୁ ଭାବରେ ଜଣାଶୁଣା ଶିବଶଙ୍କର ସରକାରଙ୍କ କେତେକ ଫ୍ଲାଗ୍‌ଶିପ୍ ପ୍ରୋଜେକ୍ଟ ଯଥା ରାଜ୍ୟରେ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ ଏବଂ ଷ୍ଟାର୍ଟଅପ୍ ମିଶନ୍‌ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ଏପରି ଜଣେ ପ୍ରଭାବଶାଳୀ ବାବୁଙ୍କ ଆକସ୍ମିକ ପତନକୁ ତାଙ୍କ ସହକର୍ମୀମାନେ ସହଜରେ ହଜମ କରିପାରୁ ନାହାନ୍ତି।

### ବାବୁଙ୍କୁ ଅସ୍ତ୍ର କରି ରାଜନୈତିକ ଯୁଦ୍ଧ

ସର୍ବଭାରତୀୟ ସେବା ନିୟମକୁ ଉଲ୍ଲଂଘନ କରି ନାଗାଲାଣ୍ଡ ସରକାର ଏହାର ୧୧ଟି ଜିଲାରୁ ୬ଟିରେ ଜିଲା ମାଜିଷ୍ଟ୍ରେଟ୍ କିମ୍ବା ଡେପୁଟି କମିଶନର ଭାବେ ଅଣ-ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରି ନିଜ ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର କୁଶାସନ ଚଳାଇଛନ୍ତି ବୋଲି କେନ୍ଦ୍ର ସରକାର ସମାଲୋଚନା କରିଛନ୍ତି। ସୂଚନାନୁସାରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ନାଗାଲାଣ୍ଡର ମୁଖ୍ୟ ଶାସନ ସଚିବ ଟେମ୍‌ଜେନ୍ ଟୟଙ୍କୁ ଚିଠି ଲେଖି ଏହାର ପ୍ରତିବାଦ କରିଛି ଏବଂ ଏହା ମଧ୍ୟ କହିଛି ଯେ ରାଜ୍ୟ ସରକାର ନିୟମାନୁଯାୟୀ ଉକ୍ତ ପଦଗୁଡ଼ିକରେ ନିଯୁକ୍ତି ଦେବାକୁ ଉପଯୁକ୍ତ ଆଇଏଏସ୍ ଅଧିକାରୀଙ୍କ ଅଭାବ ନାହିଁ। କୁହାଯାଉଛି ଯେ, ନଅ ଜଣ କର୍ମରତ ଆଇଏଏସ୍ ଅଧିକାରୀଙ୍କୁ ଡେପୁଟି କମିଶନର ବଦଳରେ ଏକ୍ସ-କ୍ୟାଡର କିମ୍ବା ଅଧସ୍ତନ ପଦବୀରେ ଅବସ୍ଥାପିତ କରାଯାଇଛି। ଆଇଏଏସ୍ କ୍ୟାଡର ରୁଲ୍‌ର ୯ ନମ୍ବର ନିୟମରେ କୁହାଯାଇଛି ଯେ, କେତେକ ବ୍ୟତିକ୍ରମ ଛଡ଼ା ଜଣେ ଅଣ-ଆଇଏଏସ୍ ଅଧିକାରୀଙ୍କ ଦ୍ୱାରା କ୍ୟାଡର ପଦବୀ ପୂରଣ କରାଯାଇପାରିବ ନାହିଁ ଏବଂ ଯଦି କରାଯିବ ତେବେ ତାହା କେବଳ ଏକ ଅସ୍ଥାୟୀ ସମାଧାନ ହେବ, ଯେଉଁଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ନେବା ଜରୁରୀ। କୌତୂହଳର ବିଷୟ, ରାଜ୍ୟପାଳ ଆର୍.ଏନ୍ ରବି ମଧ୍ୟ ମୁଖ୍ୟମନ୍ତ୍ରୀ ନିଫିଉ ରିଓଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, କୌଣସି ବଦଳି କରିବାକୁ ହେଲେ ପୂର୍ବରୁ ରାଜ୍ୟପାଳଙ୍କ ଅନୁମୋଦନ ନେବାକୁ ପଡ଼ିବ। ଜଣାପଡୁଛି ସେତେ ଯେମିତି ବାବୁଙ୍କୁ ଅସ୍ତ୍ର କରି ଏକ ରାଜନୈତିକ ଯୁଦ୍ଧ ଆରମ୍ଭ ହୋଇଯାଇଛି।

### ଏଡିବିର ନୂଆ ଉପାଧ୍ୟକ୍ଷ

ଏସିଆନ୍ ଡେଭ୍‌ଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି)ର ଉପାଧ୍ୟକ୍ଷ ଭାବେ ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ନିଯୁକ୍ତି ଅନେକ ବିଷୟକୁ ସ୍ପଷ୍ଟ କରିଛି। ଏପ୍ରିଲ ୨୦୨୧ରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଅରୋଡ଼ାଙ୍କ ଅବସର ପରେ ଲାଭାସା ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ହୋଇଥାନ୍ତେ। କିନ୍ତୁ ବର୍ତ୍ତମାନ ନୂତନ କାର୍ଯ୍ୟଭାର ଗ୍ରହଣ କରିବାକୁ ତାଙ୍କୁ ପୂର୍ବ ପଦବୀରୁ ଇସ୍ତଫା ଦେବାକୁ ପଡ଼ିବ। ସେ କାର୍ଯ୍ୟକାଳ ପୂରଣ କରିବା ପୂର୍ବରୁ ଅନ୍ୟ ଏକ ନିଯୁକ୍ତି ପାଇବାରେ ପ୍ରଥମ ନିର୍ବାଚନ କମିଶନର ହେବେ। ଅନ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ହେବା ପାଇଁ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ। ତା'ଛଡ଼ା ସରକାର ଆଉ ଜଣେ ପୂର୍ବତନ ବାବୁଙ୍କୁ ସୁଶୀଲ ଚନ୍ଦ୍ରଙ୍କ ସ୍ଥାନରେ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରିବାକୁ ବାଟ ସଫା ହୋଇଯିବ। କୌତୂହଳର ବିଷୟ, ଲାଭାସା ତାଙ୍କ ନୂତନ ନିଯୁକ୍ତି ବିଷୟରେ ଅବଗତ ନ ଥିଲେ, ଯଦିଚ ସଂପୃକ୍ତ ସରକାର ନିଷ୍ପତ୍ତିରେ ସାମିଲ ନ ହେଲେ ଅନେକ ଅନ୍ତର୍ଜାତୀୟ ସଂସ୍ଥା ନିଯୁକ୍ତି ଘୋଷଣା କରନ୍ତି ନାହିଁ। ହରିୟାଣା କ୍ୟାଡର୍‌ର ପୂର୍ବତନ ଆଇଏଏସ୍ ଅଧିକାରୀ ଲାଭାସା ଯିଏ କି ଅର୍ଥ, ପରିବେଶ, ଜଙ୍ଗଲ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଦାୟିତ୍ୱ ନେଇଥିଲେ, ସେ ନିର୍ବାଚନ କମିଶନର ହେବା ପରେ ସରକାରଙ୍କ ସହ ତିକ୍ତତା ଆରମ୍ଭ ହୋଇଥିଲା। ଗତବର୍ଷ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଯେଉଁ ଅଭିଯୋଗ ହୋଇଥିଲା, ସେଥିରେ ନିର୍ବାଚନ ଆୟୋଗ ସେମାନଙ୍କୁ କ୍ଲିନ୍ ଚିଟ୍ ଦେଇଥିବା ବେଳେ ସେ ଏକାକୀ ଭିନ୍ନମତ ପୋଷଣ କରିଥିଲେ। ଏହାପରେ ଦୁର୍ନୀତି ଅଭିଯୋଗରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅନେକ ଆୟକର ନୋଟିସର ସାମ୍ନା କରିବାକୁ ପଡିଥିଲା। ନୂତନ ନିଯୁକ୍ତି ସମ୍ଭବତଃ ଲାଭାସାଙ୍କୁ ଅଧିକ ଆଶ୍ୱସ୍ତି ଦେବ। ଆସନ୍ତା ବର୍ଷ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ନିର୍ବାଚନ ଥିବାରୁ ତା' ପୂର୍ବରୁ ପୋଲ୍ ପ୍ୟାନେଲରୁ ଜଣେ ଭିନ୍ନ ମତବାଲା ବିଦା ହେବା ସରକାରଙ୍କ ପାଇଁ ମଧ୍ୟ ଆଶ୍ୱସ୍ତିକର ହୋଇପାରେ।

Email: dilipcherian@gmail.com

# ଭାଗ ଚାଷୀର ଭାଗ୍ୟ



ସୁକାନ୍ତ କୁମାର ପାଣିଗ୍ରାହୀ

ଭାଗଚାଷୀ ଶବ୍ଦଟି ଏକ ନିର୍ଦ୍ଦିଷ୍ଟ ଚାଷୀ ଗୋଷ୍ଠୀଙ୍କ ସଂଜ୍ଞା ନିରୂପଣ କରିଥାଏ। ଆମ କୃଷି ବ୍ୟବସ୍ଥାରେ ଏମାନଙ୍କ ସ୍ଥାନ ଅତୁଳନୀୟ। କୌଣସି ଗାଡ଼ିର ସକ୍‌ଆବସରବର ଭଳି ଏମାନେ ବୋଝ ସମ୍ଭାଳି ଭାଗ୍ୟ ଆଦରି ଚାଲୁଥିବା କାରଣରୁ ଏ ସମାଜ ତିଷ୍ଠି ରହିଛି। ଏମାନଙ୍କ ଜୀବନ ଶୈଳୀ ସାଧାରଣ ଚାଷୀ ମାନଙ୍କଠାରୁ ନିମ୍ନରେ, ମାତ୍ର କୃଷି ଶ୍ରମିକଙ୍କଠାରୁ ଉର୍ଦ୍ଧ୍ୱରେ ବୋଲି ବିବେଚନା କରାଯାଏ। ଆମ ଗ୍ରାମୀଣ କୃଷି ପରିସରରେ ଚାରି ପ୍ରକାର ଭାଗଚାଷୀ ଦେଖାଯାଆନ୍ତି। ଆଦୌ ଜମି ନ ଥିବା ଚାଷୀ ଯିଏ ଅନ୍ୟର ଜମିରେ ଭାଗଚାଷ କରନ୍ତି। ଅଳ୍ପ ଜମି ଥିବା ଚାଷୀ ଯିଏ ନିଜର ଜମିରେ ଚାଷ କରିବା ସହ ଅନ୍ୟ ଜମିରେ ଭାଗଚାଷ କରନ୍ତି। ବେଶି ଜମି ଥିବା ଚାଷୀ ଯିଏ ନିଜର ଅଧା ଜମିରେ ନିଜେ ଚାଷ କରନ୍ତି ଓ ଅଧା ଜମି ଅନ୍ୟମାନଙ୍କୁ ଭାଗଚାଷ ପାଇଁ ଦିଅନ୍ତି। ବେଶି ଜମିଥିବା ଚାଷୀ ଯିଏ ନିଜେ ଆଦୌ ଚାଷ ନ କରି ତାଙ୍କର ସବୁ ଜମି ଅନ୍ୟମାନଙ୍କୁ ଭାଗଚାଷ ପାଇଁ ଦିଅନ୍ତି। ଏହି ଚାରି ପ୍ରକାର ଚାଷୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଧରଣର ମୌଖିକ ଚୁକ୍ତି ଅନୁସାରେ ଭାଗଚାଷ ଆଇନ ଆଢୁଆଳରେ ଗଲା ଷାଠିଏ ବର୍ଷ ହେଲା ଚାଲି ଆସୁଛି। ଓଡିଶାରେ କୃଷି ଉପଯୋଗୀ ଜମିକୁ ଭାଗଚାଷ ପାଇଁ ବ୍ୟବହାର କରିବା ଆଇନ ଅନୁଯାୟୀ ନିଷିଦ୍ଧ କରାଯାଇଛି। ଭିନ୍ନକ୍ଷମ ବ୍ୟକ୍ତି, ସେନାବାହିନୀରେ ଚାକିରି କରୁଥିବା ବ୍ୟକ୍ତି, ବିଧବା, ଅଭିଆଡି, ଛାଡ଼ପତ୍ର ପାଇଥିବା ମହିଳାମାନଙ୍କ କ୍ଷେତ୍ରରେ ଏହା କୋହଳ କରାଯିବା ସହ ମଠ, ମନ୍ଦିର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଟ୍ରଷ୍ଟମାନଙ୍କୁ ମଧ ଏହି କଟକଣାରୁ ମୁକ୍ତ କରାଯାଇଛି। ଏମାନେ ତାଙ୍କ ଜମି ଅନ୍ୟମାନଙ୍କୁ ଭାଗଚାଷ ପାଇଁ ଦେଇ ପାରିବେ।

ଦୀର୍ଘ ଷାଠିଏ ବର୍ଷର ବିଭିନ୍ନ କଟକଣା ସତ୍ତ୍ୱେ ଓଡ଼ିଶାର ଚାଷୀ ମୌଖିକ ଚୁକ୍ତି ଅନୁସାରେ ଭାଗଚାଷ କରିଆସୁଛନ୍ତି। ଗୋଟିଏ ଗାଁରେ ଜମି ଲିଜ୍ ଦେବା ଲୋକଙ୍କ ତୁଳନାରେ ଭାଗଚାଷ କରିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଜଣେ ଭାଗଚାଷୀ ବର୍ଷକ ପାଇଁ ଏକ ଏକର ଜମି ପାଇଲେ ତାକୁ ହାତଛଡା କରିବାକୁ ଚାହେଁ ନାହିଁ। ଏଣୁ ଜମି ମାଲିକ ସହ ଆପୋଷ ବୁଝାମଣାରେ ଚଳିବାକୁ ପସନ୍ଦ କରେ। ବେଳେ ବେଳେ ଜମିରୁ ଉତ୍ପାଦିତ ଶସ୍ୟର ଏକଚତୁର୍ଥାଂଶର ବଜାର ମୂଲ୍ୟଠାରୁ ଅଧିକ ଅର୍ଥ ସେମାନେ ପଇଠ କରନ୍ତି।

କେତେକ ସ୍ଥାନରେ ଭାଗଚାଷୀଟି ଜମି ମାଲିକର ବାକି ଜମିରେ ଚାଷ ପାଇଁ ବିଭିନ୍ନ ସହାୟତା କରେ। ପ୍ରତିବଦଳରେ ଭାଗଚାଷୀ ଜମି ମାଲିକଠାରୁ ସାର, କୀଟନାଶକ, ଜଳସେଚନ ଇତ୍ୟାଦିର ସୁବିଧା ହାସଲ କରିଥାଏ। ଏହି କାରଣରୁ ଉଭୟ ପକ୍ଷ ଏହି ଭାଗଚାଷକୁ ମୌଖିକ ରାଜିନାମାରେ ରହିବାକୁ ପସନ୍ଦ କରନ୍ତି। ଜମି ମାଲିକମାନେ ମୌଖିକ ଓ ଅଳ୍ପ ଅବଧି ଭାଗଚାଷ ପାଇଁ ଜମି ଦେବାକୁ ରାଜି ହୁଅନ୍ତି। କାରଣ ଏକାଦିକ୍ରମେ ଜଣେ ଭାଗଚାଷୀ ୧୨ ବର୍ଷ ଗୋଟିଏ ଜମିରେ ଚାଷ କଲେ ପ୍ରତିପକ୍ଷ ଜମି ଦଖଲ ଆଇନ ଅନୁସାରେ ଭାଗଚାଷୀ ସେହି ଜମିର ସ୍ୱତ୍ୱାଧିକାରୀ ହୁଏ। ଏଣୁ ଜମି ମାଲିକ ଜମି ହରାଇବା ଆଶଙ୍କାରେ କାଳକାଟେ। ଏହି ମୌଖିକ ଚୁକ୍ତି ଯୋଗୁ ଭାଗଚାଷୀ କୌଣସି ବ୍ୟାଙ୍କ ବା ସମବାୟ ସମିତିରୁ କୃଷି ଋଣ ପାଇପାରନ୍ତି ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୌଣସି ସରକାରୀ ସହାୟତା ପାଆନ୍ତି ନାହିଁ। ସେହି ଜମିରେ ଫସଲବୀମା ମଧ କରିପାରନ୍ତି ନାହିଁ। ତେଣୁ ସେମାନେ ତାଙ୍କର ଶ୍ରମ, ସମ୍ବଳ, ଶ୍ରଦ୍ଧା ଭାଗଚାଷ ଜମିରେ ବିନିଯୋଗ କରିବାକୁ କୁଣ୍ଠାବୋଧ କରନ୍ତି। ସମବାୟ ବା ବ୍ୟାଙ୍କ ସୂତ୍ରରୁ ଚାଷ ପାଇଁ ଋଣ ପାଉ ନ ଥିବାରୁ ଭାଗଚାଷୀ ବାଧ ହୋଇ ଗ୍ରାମୀଣ ମହାଜନୀ କାରବାରର ଶିକାର ହୋଇଥାଏ। ମହାଜନୀ ସୁଧ କାରବାର ଯଦିଓ ଆଇନ ଅନୁଯାୟୀ ନିଷିଦ୍ଧ ତଥାପି ମୌଖିକ ସୂତ୍ରରେ ଏହା ଚାଲି ଆସୁଛି।

ବର୍ତ୍ତମାନ ଦେଖାଯାଉଛି ଯେ, ସେଚାଞ୍ଚଳର ନାମମାତ୍ର ଚାଷୀମାନେ ନିଜର ଅଳ୍ପ ଜମିକୁ ଅନ୍ୟ ଜମି ମାଲିକ ମାନଙ୍କୁ ଭାଗଚାଷ ପାଇଁ ଦେଇ ନିକଟସ୍ଥ ସହରରେ ଛୋଟ ବ୍ୟବସାୟ କରୁଛନ୍ତି ବା ବ୍ୟବସାୟ ପ୍ରତିଷ୍ଠାନରେ କାମ କରୁଛନ୍ତି। ଜମିର ଆୟତନ ଅନୁସାରେ ସେମାନେ ବାର୍ଷିକ ମୂଲ୍ୟ ଆଦାୟ କରନ୍ତି। ମଧ୍ୟମ ଓ ବଡ଼ ଚାଷୀ ଏହାର ସୁଯୋଗ ନେଇ ଅଧିକ ଜମିରେ କୃଷି ଯନ୍ତ୍ରପାତି ବ୍ୟବହାର କରି ଫସଲ ଉତ୍ପାଦନ କରୁଛନ୍ତି।

ଏବେ ମାଛଚାଷ ଓ ପନିପରିବା ଚାଷ ପାଇଁ ପଞ୍ଚାୟତ ବନ୍ଧ ଓ କୋଠଜମିଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଲିଜ୍ ବା ଭାଗଚାଷ ପାଇଁ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଭାଗଚାଷ ପାଇଁ ହେଉଥିବା ମୌଖିକ ଚୁକ୍ତି ବିଭିନ୍ନ ସ୍ଥାନରେ ଭିନ୍ନ ପ୍ରକାରର ଦେଖିବାକୁ ମିଳିଥାଏ। କେତେକ ସ୍ଥାନରେ ଉଭୟ ପକ୍ଷ ବାର୍ଷିକ ଟଙ୍କା ଆକାରରେ ଚୁକ୍ତିବଦ୍ଧ ହେଉଥିବା ବେଳେ ଅନ୍ୟ ସ୍ଥାନରେ ଉତ୍ପାଦିତ ଫସଲର ନିର୍ଦ୍ଦିଷ୍ଟ ଭାଗ ଦେବା ନେବାକୁ ପସନ୍ଦ କରୁଛନ୍ତି। କିଛି ଭାଗଚାଷୀ ଉତ୍ପାଦିତ ଫସଲକୁ ସମାନ ଭାଗ ଦେବା ସହିତ ଚାଷ ପାଇଁ ସାର, ଜଳସେଚନ, ବିହନ, କୀଟନାଶକ, ଔଷଧ ଇତ୍ୟାଦି ପାଇଁ ଜମି ମାଲିକର ସହଯୋଗ ଦାବି କରନ୍ତି। ଏକ୍ଷେତ୍ରରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଫସଲ ନଷ୍ଟ ହେଲେ ଉଭୟେ କ୍ଷତି ସହନ୍ତି, ଭାଗଚାଷୀଟି ସମ୍ପୂର୍ଣ୍ଣ କ୍ଷତି ସହିବାରୁ ରକ୍ଷା ପାଏ। ଦୂରରେ ଥିବା ଜମି ମାଲିକ ସେମାନଙ୍କ ଜମି ବାବଦରେ ଭାଗଚାଷୀଠାରୁ ଫସଲ ଭାଗର ବଜାର ଦର ହିସାବ ଅନୁଯାୟୀ ଦେୟ ଦାବି କରନ୍ତି। ଯଦି ଉଭୟ ସେମାନଙ୍କ ବାର୍ଷିକ ଆମଦାନୀ ଓ ଭାଗବଣ୍ଟାରେ ସନ୍ତୁଷ୍ଟ ରହନ୍ତି, ପରସ୍ପରର ବ୍ୟବହାର ଓ ଆପୋଷ ବୁଝାମଣା ଠିକ୍ ରହେ, ତେବେ ସେହି ମୌଖିକ ଚୁକ୍ତି ପରବର୍ତ୍ତୀ ବର୍ଷ ପାଇଁ ବଳବତ୍ତର ରହେ। ନଚେତ ସେମାନେ ନୂଆ ଲୋକଙ୍କ ସହ ଚୁକ୍ତି ପାଇଁ ବାଟ ଖୋଜନ୍ତି। ଏଣୁ ନୀତି ଆୟୋଗ, ପୂର୍ବ ଆଇନଗୁଡ଼ିକର ପରିବର୍ତ୍ତନ ଆଣିବା ଲାଗି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସପ୍ତସୂତ୍ରୀ ଆଦର୍ଶ ଭାଗଚାଷ ଆଇନ ପ୍ରଣୟନ ପାଇଁ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ସେଗୁଡ଼ିକ ହେଲା- * ଯେ କୌଣସି ଜମିମାଲିକ ଅନ୍ୟ ବ୍ୟକ୍ତିଙ୍କୁ ଆପୋଷ ଚୁକ୍ତି ଅନୁସାରେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଜମି ଲିଜ୍ ସୂତ୍ରରେ ଦେଇ ପାରିବେ, ଏହି ଚୁକ୍ତିକୁ ବୈଧ ଘୋଷଣା କରାଗଲେ ସମସ୍ତେ ଉପକୃତ ହେବେ। ଏହା ଦ୍ୱାରା କୃଷି କ୍ଷେତ୍ରରେ ଦକ୍ଷତା, ସମାନତା ବଢିବା ସହ ଉତ୍ପାଦକତା ବଢ଼ିବ ଏବଂ ଗ୍ରାମୀଣ ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଦେଖାଦେବ। * ଜମି ମାଲିକାନା ଯେପରି ଲିଜ୍ ଦେଉଥିବା ବ୍ୟକ୍ତି ନ ହରାନ୍ତି ଏବଂ ଭାଗଚାଷୀ ଯେପରି ସମୟ ପର୍ଯ୍ୟନ୍ତ ଲିଜ୍ ନେଇଥିବା ଜମିର ଉପଯୋଗ କରିବାର ସୁଯୋଗ ପାଆନ୍ତି, ଏ ନେଇ ବ୍ୟବସ୍ଥା ରହିବ। * ଭାଗଚାଷୀ ଏକାଦିକ୍ରମେ କିଛି ବର୍ଷ ଚାଷ କଲାପରେ ଅନ୍ୟର ସେହି ଜମିକୁ ନିଜ ନାମରେ କରିପାରିବା ପାଇଁ ଥିବା ଉଦ୍ଦିଷ୍ଟ ଆଇନକୁ ହଟାଇ ଦିଆଯାଉ। * ଲିଜ୍ ଚୁକ୍ତି ନାମାରେ ଥିବା ସମୟ ପରେ ଜମି ମାଲିକ ସମସ୍ତ ଜମି ଫେରିପାଇବେ। କୌଣସି ଅଂଶ ଭାଗଚାଷୀ ନିଜ ବ୍ୟବହାର ପାଇଁ ରଖିପାରିବେ ନାହିଁ, ଯାହା ପୂର୍ବ ଆଇନ ଅନୁଯାୟୀ ବ୍ୟବସ୍ଥା ରହିଛି। * ଭୟ ମୁକ୍ତ ବାତାବରଣରେ ଉଭୟ ଜମି ମାଲିକ ଓ ଭାଗଚାଷୀ ସେମାନଙ୍କ ସହମତି ଭିତ୍ତିରେ ଏକ ଚୁକ୍ତିନାମା ପ୍ରସ୍ତୁତ କରି ସେହି ଅନୁସାରେ ଦିଆ ନିଆ କରିବା। * ଜମି ବନ୍ଧକ ନ ରଖି ଉତ୍ପାଦନ ହେବାକୁ ଥିବା ଶସ୍ୟର ମୂଲ୍ୟ ଆଧାରରେ ବ୍ୟାଙ୍କ ବା ସମବାୟ ଋଣ ଓ ବୀମାର ସୁବିଧା ଭାଗଚାଷୀ ପାଇବା ପାଇଁ ବ୍ୟବସ୍ଥା କରିବା। * ଭାଗଚାଷୀକୁ ବିଭିନ୍ନ ସହାୟତା ଦେଇ ଜମିର ଉନ୍ନତି କରିବା ଏବଂ ଲିଜ୍ ଅବଧି ସରିବା ସମୟରେ ଜମିରେ ଖଟାଇ ଥିବା ଟଙ୍କା ଓ ଶ୍ରମର ଅବ୍ୟବହୃତ ମୂଲ୍ୟ ଫେରି ପାଇବା ପାଇଁ ବ୍ୟବସ୍ଥା କରିବା।

ନୀତିଆୟୋଗଦ୍ୱାରାପ୍ରକାଶିତତଥ୍ୟଅନୁସାରେ ଓଡ଼ିଶାର ଭାଗଚାଷ ଜମିର ପରିମାଣ ୧୬.୬୧ ଶତାଂଶ। ଏହା ଭାରତର ପଞ୍ଚମ ବୃହତ ଭାଗଚାଷ ପ୍ରଚଳିତ ରାଜ୍ୟ। ନୀତି ଆୟୋଗଙ୍କ ପ୍ରସ୍ତାବକୁ ଓଡ଼ିଶାର ରାଜ୍ୟ ସରକାର ସମର୍ଥନ କରିଛନ୍ତି।

ସ୍ନାତକୋତ୍ତର କୃଷି, ଓୟୁଏଟି,
ମୋ-୯୪୩୭୮୭୩୭୧୭

# ଲୋକସଚେତନତା ଓ ଦାୟିତ୍ୱ



ଡ. ମୌସୁମୀ ପରିଡ଼ା

ସଂସାରରେ ଅନେକ ଘଟଣା ଦୁର୍ଘଟଣା ଘଟୁଛି। ସ୍ଥିତି ବଦଳିଯାଉଛି, ହେଲେ ଲୋକମାନଙ୍କ ମାନସିକତା ବଦଳୁନି। ଏପଟେ ଗାଡ଼ିରେ କୋଭିଡଜନିତ ସତର୍କତା ଅବଲମ୍ବନ କରିବାକୁ ଚେତେଇ ଦିଆଯାଉଥିବାବେଳେ ସେପଟେ ମୁହଁକୁ ମୁହଁ ଯୋଖି ଲୋକେ ଗପିବାରେ ମାତିଲେଣି! ସଚେତନତା ଗୋଟେ ଦିଗରେ, ବାସ୍ତବତା ଆଉ ଗୋଟେ ଦିଗରେ। ଅନେକ ଜାଗାରେ ତ ମାସ୍କ ବ୍ୟବହାର କରାଯାଉନି। ଗ୍ରାମାଞ୍ଚଳରେ ବୟସ୍କମାନଙ୍କର ଅବକାଶ ସମୟ ତାସ୍, ଗପସପ ଓ ପିଲାମାନଙ୍କର କ୍ରିକେଟ ଖେଳରେ କଟୁଛି। ଆଜିକାଲି ନିର୍ଦ୍ଦିଷ୍ଟ କାମ କରିବାରେ କଟକଣା ରହିଥିବାରୁ ସାରା ସମୟ ଗୁଲିଖଟି ଓ ରାତିରେ ଭୋଜିଭାତ ଚାଲୁଛି, ତା' ବି ଲୁଚାଛପାରେ। କେବେକେମିତି ପି.ସି.ଆର୍. ଭ୍ୟାନ୍‌ର ଶବ୍ଦ ଶୁଣି ବାହାରେ ଥିବା ଲୋକେ ଧାଇଁ ଘର ଭିତରେ। ଗାଡି ଗଲା ପରେ ପୁଣି ଜମୁଛି ଆସର। ଲୋକେ ପୁଣି ଏକତ୍ର ହେଉଛନ୍ତି ପୂର୍ବବତ୍। ଗାଁମାନଙ୍କରେ ଖୋଲିଥିବା ଛୋଟବଡ ଦୋକାନରେ ବରା, ପିଆଜି, ପକୁଡି ଆଦି ଛଣା ଖାଦ୍ୟ ବିକ୍ରି ହେଉଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମଧ୍ୟ ଚିରାଚରିତ ଭାବେ କିଣାବିକା ଚାଲିଛି। ଯେତେବେଳେ ପୋଲିସ୍ ଗାଡି ଗାଁ ଏ ମୁଣ୍ଡରୁ ପଶୁଛି ଗାଁ ସାରା ଖବର ବ୍ୟାପିଯାଉଛି ଓ ଦୋକାନ ଶଟର୍ ପଡିଯାଉଛି। ଗାଁ ଅତିକ୍ରମ କଲା ପରେ ପୁଣି ଯେଉଁ କଥାକୁ ସେହି କଥା! ନା ଦୋକାନୀଙ୍କ ମୁହଁରେ ମାସ୍କ ଅଛି, ନା ଗ୍ରାହକମାନଙ୍କ ମୁହଁରେ। କଦବା କ୍ୱଚିତ୍ କେହି କେହି ଗାମୁଛାଟେ କି ରୁମାଲଟେ ବେପରୁଆ ଭାବେ ଗୁଡେଇଦେଇ ଆସୁଛନ୍ତି ମୁହଁରେ, ଯାହା କେବଳ ମାତ୍ର ଔପଚାରିକତା, ସଚେତନତା ଦୃଷ୍ଟିକୋଣରୁ ତ ଜମା ନୁହେଁ।

ଏତେସବୁ ମୃତ୍ୟୁ ଓ ଆକ୍ରାନ୍ତଙ୍କ ସଂଖ୍ୟା ଜାଣିବା ପରେ ବି ଆମ ପାଇଁ ସଚେତନତା କ'ଣ ଖାଲି ଡାକବାଜି ଯନ୍ତ୍ରରେ ଶୁଭୁଥିବ ? ଆମେ କ'ଣ ସେସବୁକୁ ଆମ ଦାୟିତ୍ୱ ଭାବି କାର୍ଯ୍ୟରେ ପରିଣତ କରିପାରିବାନି ନା ଅନ୍ୟମାନଙ୍କୁ ବି ସଚେତନ କରିପାରିବାନି! ସବୁ ସମସ୍ୟାରେ ସରକାରଙ୍କୁ ଟାଣୁଥିବା ଲୋକମାନଙ୍କ ସୁବିଧା ପାଇଁ ସରକାର ନିଜର କର୍ତ୍ତବ୍ୟ କରୁଛନ୍ତି। ଆବଶ୍ୟକ ସ୍ଥଳେ ବିଭିନ୍ନ ପ୍ରକାରର ସହାୟତାର ହାତ ବଢାଉଛନ୍ତି। ଏଥର ଲୋକମାନେ ବି ସଚେତନ ନାଗରିକ ହିସାବରେ ନିଜ ନିଜ କର୍ତ୍ତବ୍ୟ କରିବା ଓ ବୁଝିବା ଦରକାର, ଯାହା ସେମାନଙ୍କଠାରେ ପୂର୍ବଭଳି ଦିଶୁନି। ଆମ ଭିତରର ସଚେତନତା ହିଁ ଆମକୁ ଏ ରୋଗଠାରୁ ଦୂରେଇ ରଖିବ, ଯେପର୍ଯ୍ୟନ୍ତ କରୋନା ଟିକା ନ ବାହାରିଛି। ଏହା ହିଁ ଅନ୍ୟତମ ସତ୍ୟ।

ଅମାନିଆ ଲୋକଙ୍କୁ ପ୍ରତିରୋଧ କରିବାକୁ ଯେଉଁ ଦଣ୍ଡବିଧାନ ହୋଇଥିଲା, ତାହା ପୂରାପୂରି କୋହଳ ବିଭିନ୍ନ ମହଲରୁ ସେ ସଂକ୍ରାନ୍ତୀୟ ଅଭିଯୋଗ ଆସିବାରୁ। ତେବେ ସମସ୍ୟାର ସମାଧାନ କ'ଣ! କୋଭିଡ୍‌କୁ କ'ଣ ବିରୋଧୀ ଦଳ ଡାକିଛନ୍ତି ନା ସରକାରୀ ଦଳ ପ୍ରୋତ୍ସାହିତ କରୁଛନ୍ତି ଯେ ପ୍ରତିବାଦ କରାଯାଇପାରିବ! ଏବେ ଲୋକମାନଙ୍କ ହାତରେ ପ୍ରତିରୋଧର କ୍ଷମତା। ସାଧାରଣ ରୋଗଗୁଡ଼ିକ ପରି ଯଦି କରୋନା ହୋଇଥାନ୍ତା, ତେବେ ଚିନ୍ତାର ବିଶେଷ କାରଣ ନ ଥାନ୍ତା! ଏହା ଏଭଳି ଗୋଟେ ମାରାତ୍ମକ ରୋଗ, ଯାହା ଦେହ ଅପେକ୍ଷା ମନକୁ ବେଶି ଦୁର୍ବଳ କରିଦିଏ। ଆତ୍ମୀୟମାନେ ବି କରଛଡା ଦିଅନ୍ତି। ନିଜର ଲୋକଟି ବି ଦୂରେଇ ରହିବାକୁ ବାଧ୍ୟ ହୁଏ।

ଅନୁଧ୍ୟାନରୁ ଜଣାପଡିଛି ଯେ, ଏ ରୋଗ ମଣିଷ ଭିତରର ମାନବିକତାକୁ ନଷ୍ଟ କରିଚାଲିଛି, ମାନସିକ ଅବସାଦଗ୍ରସ୍ତ କରି ମନକୁ ଦୁର୍ବଳ କରିଦେଇଛି। କରୋନାରେ ଆକ୍ରାନ୍ତ ବ୍ୟକ୍ତିଟେ ଅତି ସହଜେ ଭାଙ୍ଗିପଡୁଛି ଭୟରେ। ତେଣୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା ଆବଶ୍ୟକ, ପ୍ରାଣ ରହିଲେ ଆଗକୁ ବିଭିନ୍ନ ବାଗରେ ଉପଭୋଗ କରିହେବ ଜୀବନର ପ୍ରତିଟି ମୁହୂର୍ତ୍ତ। ସେଇ ମହାମୂଲ୍ୟ ଜୀବନଟିକୁ ସୁସ୍ଥ ରଖିବାକୁ ହିଁ ସଚେତନତା ଲୋଡା। ସେଥିପାଇଁ ଆମର ନିଜ ପ୍ରତି, ନିଜ ପରିବାର ଓ ସମାଜ ପ୍ରତି କିଛି କର୍ତ୍ତବ୍ୟ ରହିଛି। ଜଣେ ଉତ୍ତମ ନାଗରିକ ହିସାବରେ ଏସବୁ କଟକଣାକୁ ମାନିବା ଆମର ଦାୟିତ୍ୱ। ଲୋକଙ୍କ କହିବା କଥା ସବୁବେଳେ ଗୋଟିଏ କଥା ଶୁଣି ଶୁଣି ସେମାନେ ବୋର୍ ହୋଇଗଲେଣି। କେତେ ଆଉ ସଚେତନ ହେବେ! ଯାହା ହବ ଦେଖାଯିବ। କିନ୍ତୁ କରୋନା ଯେ ଜଣକଠୁ ଅନ୍ୟଜଣକୁ ତଥା ଗୋଷ୍ଠୀକୁ ଅତି ଶୀଘ୍ର ବ୍ୟାପିଯାଇପାରେ। ଯାହା ଏବେ ହେଉଛି। କରୋନା ଭାଇରସ୍ ଡିଜିଜ୍- ୧୯ର ଭୂତାଣୁ କିନ୍ତୁ ବୋର୍ ହେଉନାହିଁ ସଂକ୍ରମଣ କରି କରି। "ଓହୋ ଏ କରୋନା କଥା ଶୁଣିଶୁଣି ଭାରି ଚିଟା ଲାଗିଲାଣି! କେତେ ଏବେ ସାବଧାନ ରହିହେବ। ପିଲାଛୁଆଙ୍କ ସଂସାର। କେତେବେଳେ କ'ଣ ମନେପଡୁଚି ବଜାରରୁ ଆଣିବାକୁ। ସପ୍ତାହର ପାଞ୍ଚଦିନ ବଜାର ଖୋଲା, ବାକି ଦୁଇଦିନ ତ ବନ୍ଦ। ଆଉ କ'ଣ କୋଭିଡ ଡରରେ ଭୋକ ଉପାସରେ ମରିବେ ପିଲାମାନେ"- ଏ କଥା କହନ୍ତି କିଛି ପୁରୁଖା ଲୋକେ।

ଭୁଲ୍ ନୁହେଁ ଏ ପ୍ରତିକ୍ରିୟା। ହେଲେ ବୁଝିବିଚାରି କାର୍ଯ୍ୟ କରିବାକୁ ହେବ। ସାମୟିକ କଟକଣାକୁ ସମ୍ମାନ କଲେ ଏ ରୋଗକୁ ଆୟତ୍ତ କରିହେବ। କାରଣ ଏଠି ପ୍ରସଙ୍ଗ ହେଉଛି କୋଉ ଜଣେ ଯଦି ବେପରୁଆ ହେବ ତେବେ ଅନେକଙ୍କୁ ଏ ଭୂତାଣୁ ବ୍ୟାପିଯାଇପାରେ। ଏଠି ସମସ୍ୟା ନିଜ ପାଇଁ ଯେତିକି, ଅନ୍ୟମାନଙ୍କ ପାଇଁ ମଧ୍ୟ ସେତିକି। ନିର୍ଦ୍ଦିଷ୍ଟ ଜାଗାରେ ଛିଡା କରେଇଦେଇଛି ଏ ସମୟ ବଡସାନ, ଧନୀ ଗରିବ ନିର୍ବିଶେଷରେ ସମସ୍ତଙ୍କୁ। ସେଥିପାଇଁ ଯେତେସବୁ କଟକଣା! ନିଜ ଭୁଲ୍‌ର ଦଣ୍ଡ ଯଦି ନିଜକୁ ଭୋଗିବାକୁ ପଡେ, ତେବେ କଥାଟା ସହଜ, କିନ୍ତୁ ନିଜ ଭୁଲ୍‌ର ଦଣ୍ଡ ଯଦି ଗୋଷ୍ଠୀକୁ ସହିବାକୁ ପଡେ ତେବେ ତାହା ପାପଠୁ ବି ଗୁରୁତର। କାରଣ ଅନ୍ୟଠୁ ସଂକ୍ରମିତ ହେଉଥିବା ଏ ଭୂତାଣୁ ହୁଏତ ସେ ବ୍ୟକ୍ତିର ପ୍ରାଣ ନେଇଯାଇପାରେ। ସେଥିପାଇଁ ଯାବତୀୟ ସଚେତନତା, ଉପଦେଶ, ଅନୁରୋଧ, କଟକଣା... ଯାହାକୁ ମାନି ଚଳିବା ଆମମାନଙ୍କ ଦାୟିତ୍ୱ। ଖୁବ୍ କଷ୍ଟ ଘରେ ବନ୍ଦୀ ଜୀବନ ବିତେଇବା। ଖୁବ୍ ଯନ୍ତ୍ରଣାଦାୟକ ଛୋଟ ଛୋଟ ବ୍ୟବସାୟୀମାନଙ୍କ ପକ୍ଷେ ଘର ଚଳେଇବା, ସବୁଠାରୁ ବେଶି କଷ୍ଟ ଦିନମଜୁରିଆଙ୍କ ଚୁଲି ଜଳିବା। ଭୋକର ଯନ୍ତ୍ରଣାଠୁ ବଳି କଷ୍ଟଦାୟକ ଆଉ କିଛି ନ ଥାଇପାରେ।

ଏବେ ତ ଆମ ଦେଶରେ ବ୍ୟାପିଚାଲିଛି କରୋନା। ଚିନ୍ତାଜନକ ସ୍ଥିତିରେ ଆମେ ଏବେ। ଉଭୟ ବାଧୁଛି, ପେଟର ଭୋକ ଓ ଭୟର ଦୁଃଖ। ଅନେକ ବୟୋଜ୍ୟେଷ୍ଠ ଗବେଷକ ଓ ବିଶେଷଜ୍ଞ କହିସାରିଲେଣି- କରୋନା ସହ ରହିବାକୁ ପଡିବ ଯେପର୍ଯ୍ୟନ୍ତ ଏହାର ନିଦାନ ନ ବାହାରିଛି! ଏ ଭୂତାଣୁ ଖୁବ୍ ଭୟଙ୍କର, ଖୁବ୍‌ଶୀଘ୍ର ନିଜ ପ୍ରକୃତି ବଦଳାଇପାରେ। ଏ ମାରାତ୍ମକ ରୋଗର ଭୟାବହ ଚିତ୍ରକୁ ବି ଅବହେଳା କରାଯାଇ ନ ପାରେ, ଯାହା ସମଗ୍ର ବିଶ୍ୱର ମେରୁଦଣ୍ଡ ଭାଙ୍ଗିଦେଇ ଭିନ୍ନ ଏକ ସନ୍ଧିକ୍ଷଣରେ ଛିଡା କରେଇ ଦେଇଛି। ଏଭଳି କ୍ଷେତ୍ରରେ ଆତ୍ମସଚେତନତା ଛଡା ଆଉ କିଛି ବିକଳ୍ପ ନାହିଁ ଆମ ହାତରେ। କଟକଣା ଉଠିଗଲେ କାମ ନ ଥାଇ ବୁଲିବା ଆଳରେ ପୂର୍ବବତ୍ ଗାଡିମୋଟର ଧରି ବାହାରକୁ ବାହାରିବା ଅପରିଣାମଦର୍ଶିତା, ଯେଉଁଥିପାଇଁ ଆଗକୁ ଏହାର କୁପରିଣାମ ଭୋଗିବାକୁ ପଡ଼ିବ। ଏବେ ଯେଉଁ ମାନସିକ ଦୁଃସ୍ଥିତି ଭିତରେ ଆମେ ଗତି କରୁଛେ ହୁଏତ ଏହା ଆହୁରି ବିଗିଡିଯାଇପାରେ! ତେଣୁ ଆମକୁ ହିଁ ଦାୟିତ୍ୱବାନ୍ ହେବାକୁ ପଡ଼ିବ ନିଜର ତଥା ଅନ୍ୟମାନଙ୍କ ମଙ୍ଗଳ ବିଧାନ ପାଇଁ। ଆମ ସୁରକ୍ଷା ଏବେ ଆମ ହାତରେ।

ଇମେଲ୍:mousumi.mama7@gmail.com

## ଏଇ ଭାରତରେ

ଛୋଟ ଗାଁଟିଏ, ହେଲେ ତା'ର ପକ୍ଷୀ ସୁରକ୍ଷା ଚିନ୍ତା ବେଶ୍ ପ୍ରେରଣାଦାୟକ। ଏମିତିକା ଗାଁ ହେଉଛି ତାମିଲନାଡୁର ପୋଥାକୁଡି। ଶିବଗଙ୍ଗା ଜିଲାର ଏହି ଗାଁକୁ ଆସିଥିବା ଗୋଟିଏ ଇଣ୍ଡିଆନ୍ ରବିନ ବାର୍ଡର ସୁରକ୍ଷା ପାଇଁ ୪୦ ଦିନ ହେବ ସବୁ ଷ୍ଟ୍ରିଟ୍ ଲାଇଟ୍ ବନ୍ଦ ରଖାଯିବା ଘଟଣା ସାମ୍ନାକୁ ଆସିଛି। ଏହି ଗାଁରେ ରାସ୍ତାର ଦୁଇ ପାଖରେ ପାଖାପାଖି ଶହେ ଘର ରହିଛି। ଗାଁ ରାସ୍ତାରେ ମୋଟରେ ୩୫ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଛି ଓ ଏହାର ମେନ୍ ସୁଇଚ୍ ଗାଁ ଶେଷରେ କାରପ୍ପୁ ରାଜ ନାମକ ବ୍ୟକ୍ତିଙ୍କ ଘର ପାଖରେ ରହିଛି। ଏହାକୁ ସେ ପ୍ରତିଦିନ ସନ୍ଧ୍ୟା ୬ଟାରେ ଅନ୍ କରି ସକାଳ ୫ଟାରେ ଅଫ୍ କରିଥାନ୍ତି। କିନ୍ତୁ ପକ୍ଷୀଟି ମେନ୍ ସୁଇଚ୍ ବୋର୍ଡ ଉପରେ ବସା କରି ଅଣ୍ଡା ଦେଉଥିବା ଦେଖି ଏ ବିଷୟରେ ସେ ସରପଞ୍ଚ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ହ୍ୱାଟ୍ସଆପ୍‌ରେ ଏହାର ଫଟୋ ଶେୟାର କରି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ବି ଅବଗତ କରିଥିଲେ। ପ୍ରତିଦିନ ଷ୍ଟ୍ରିଟ୍ ଲାଇଟ୍ ସୁଇଚ୍ ଅନ୍‌ଅଫ୍ କରିବା ଦ୍ୱାରା ପକ୍ଷୀଟିର ଜୀବନ ଧାରାରେ ବାଧା ଆସିବ ବୋଲି ଜାଣିବା ପରେ ସରପଞ୍ଚ ତଥା ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ରାସ୍ତା ଆଲୁଅ ବନ୍ଦ କରିଦିଆଯାଇଛି। ଗ୍ରାମର କେହି ମଧ ପକ୍ଷୀର ବସା ପାଖକୁ ଯାଉନାହାନ୍ତି। ପକ୍ଷୀ ଛୁଆ ନେଇ ଉଡ଼ିଗଲା ପରେ ପୁଣି ରାସ୍ତାରେ ଆଲୁଅ ଜଳିବ ବୋଲି ସରପଞ୍ଚ କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜୁଲାଇ ୧୯୯୫

- ଗୋଟିଏ ଗୋଡ଼ ସାହାଯ୍ୟରେ ଫିଲିପାଇନ୍ସର ୪୭ ବର୍ଷୀୟ ସନ୍ତରଣକାରୀ ରୋଡୋଲଫୋ ଫର୍ନାଡେଜ୍ ୩୨ କିଲୋମିଟର ଦୂର ସମୁଦ୍ରରେ ସନ୍ତରଣ କରି ଏକ ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି।
- କଲୋନେଲ ଜେନେରାଲ ମିଖାଇଲ ବାରସୁକୋଭଙ୍କୁ ରୁଷର ନୂତନ ନିରାପତ୍ତା ମୁଖ୍ୟ ଭାବେ ରାଷ୍ଟ୍ରପତି ବୋରିସ୍ ୟେଲଟସିନ ନିଯୁକ୍ତି ଦେଇଛନ୍ତି।
- ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ପି.ବି. ସାୱନ୍ତଙ୍କୁ ଭାରତୀୟ ପ୍ରେସ୍ କାଉନ୍‌ସିଲ୍‌ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି।
- ୟୁନିସେଫ୍‌ର ଆର୍ଥିକ ସହାୟତାରେ ସଲ୍ଟ ସୋସାଇଟି ଆନୁକୂଲ୍ୟରେ ରାଜ୍ୟର ସର୍ବପ୍ରଥମ ଆୟୋଡିନ୍‌ଯୁକ୍ତ ଲବଣ ପ୍ଲାଣ୍ଟ ଶିଳ୍ପମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ।

## ଚିରନ୍ତନୀ

ଆପେ ଶିଖି ଯେବେ ଫେରାଇବୁ ତୋର ମୁଖ
ବାଜିବ ଏ ବୁକେ ତିଳେକ ଦାରୁଣ ଦୁଃଖ
କିଛି ନୁହେ ବୋଲି ପୋଛିଦେବି ମୋର ଲୁହ
ନିମେଷକ ଲାଗି ହେବ ଏ ବଦନ ମୂକ।
(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 6 | | | | 7 | | | | | D | | | | A |
| | | 0 | | A | | 1 | | | B | | | | 5 | |
| | B | 7 | | | 1 | | 9 | A | 2 | 5 | | | | |
| | 4 | | D | C | | | | 3 | 6 | 0 | | | 8 | |
| | D | | | 5 | 4 | 6 | | B | | 9 | E | | | |
| | C | | | | | | 8 | | | | 2 | | | |
| | | | | | C | | 4 | 1 | 3 | | 0 | | 6 | |
| 6 | | | 7 | E | 0 | | | | 5 | B | | | | 2 |
| | | | | 8 | | | 5 | | E | | | | 3 | 1 |
| | 3 | 4 | B | | | A | | 2 | | | | | | |
| | | E | | | 9 | D | | C | 1 | A | | 6 | | |
| 8 | | | | D | B | | | 5 | 4 | | | | | |
| 9 | | | | 4 | E | | 6 | | | | | | 7 | 8 |
| 3 | | B | | 6 | | | E | 7 | | | | | | 4 |
| | 1 | | | | | | | 9 | | | | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | D | 8 | 6 | B | C | 4 | A | 9 | 1 | 0 | E | 3 | 7 | 5 |
| 0 | C | A | 7 | 2 | 4 | 1 | D | B | 5 | 3 | 8 | 9 | 6 | E |
| 6 | 9 | 3 | A | 5 | 1 | 0 | 7 | E | B | 2 | D | 8 | 4 | C |
| 5 | 1 | 4 | 8 | 0 | E | 3 | 6 | 2 | 9 | 7 | C | D | A | B |
| B | 7 | E | 3 | 9 | D | 8 | C | 5 | 4 | 6 | A | 2 | 1 | 0 |
| D | 8 | B | 4 | 7 | 9 | E | 3 | C | 0 | 1 | 2 | 6 | 5 | A |
| A | 2 | 6 | C | 8 | 3 | B | 1 | 4 | D | 5 | 7 | E | 0 | 9 |
| 7 | 0 | C | B | 6 | 5 | 9 | 2 | A | E | 8 | 4 | 1 | D | 3 |
| 4 | 5 | 1 | D | E | 0 | 6 | 8 | 7 | 3 | A | 9 | C | B | 2 |
| 3 | E | 9 | 1 | A | 2 | 5 | 0 | D | 6 | C | B | 7 | 8 | 4 |
| E | A | D | 2 | C | B | 7 | 4 | 1 | 8 | 9 | 0 | 5 | 3 | 6 |
| 8 | B | 7 | 0 | D | 6 | 2 | E | 3 | C | 4 | 5 | A | 9 | 1 |
| 9 | 6 | 0 | E | 3 | A | C | 5 | 8 | 7 | B | 1 | 4 | 2 | D |
| 1 | 3 | 2 | 5 | 4 | 8 | D | 9 | 0 | A | E | 6 | B | C | 7 |
| C | 4 | 5 | 9 | 1 | 7 | A | B | 6 | 2 | D | 3 | 0 | E | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ପ୍ରାଦୁର୍ଭାବ ଅନ୍ତରାଳେ

ମହାଶୟ,

ସଂପ୍ରତି ସାରା ବିଶ୍ୱକୁ ମହାମାରୀ କରୋନା କବଳିତ କରି ରଖିବାର ପ୍ରାୟ ଛଅ ମାସରୁ ଅଧିକ ସମୟ ଅତିବାହିତ ହୋଇସାରିଲାଣି। ଏହା ମଧ୍ୟରେ ଓଡ଼ିଶାରେ କରୋନାର ପ୍ରାଦୁର୍ଭାବ ମଧ କିଛି କମ୍ ନୁହେଁ। କରୋନାକୁ ପ୍ରତିହତ କରିବା ପାଇଁ ସରକାର ଲକ୍‌ଡାଉନ୍ ପରେ ଶଟ୍‌ଡାଉନ୍ ପ୍ରକ୍ରିୟା ଆମ ରାଜ୍ୟରେ କରିଚାଲିଛନ୍ତି। ତାଲାବନ୍ଦ ହୋଇ ଅନେକ ଛୋଟବଡ଼ ବ୍ୟବସାୟୀ ହାତ ବାନ୍ଧି ବସିରହିଛନ୍ତି। ଏହାର ପ୍ରଭାବ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ପାଇଁ ଗୁରୁତର ତଥା ଶୋଚନୀୟ ସାବ୍ୟସ୍ତ ହୋଇଛି। କରୋନା କେବଳ ସେମାନଙ୍କ ହାତମୁଠାରୁ କର୍ତ୍ତବ୍ୟ ଓ ରୋଜଗାର ମଧ ଛଡ଼ାଇ ନେଇଛି ତା'ନୁହେଁ, ଏଥିଯୋଗୁ ଅନେକ ଦୁଃଖ ଯନ୍ତ୍ରଣା ମଧ ଆଣିଦେଇଛି। କିନ୍ତୁ କରୋନା ଥମିବାର କୌଣସି ଆଶାବିଶ୍ୱାସ ଦେଖା ଯାଉନାହିଁ। ସରକାରଙ୍କୁ ଅନୁରୋଧ କରୋନାର ପ୍ରତିହତ ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଏହା ଯୋଗୁ ଜୀବନ ଜୀବିକା ହରାଉଥିବା ଲୋକଙ୍କ ଗୁଜୁରାଣ କେମିତି ମେଣ୍ଟିପାରିବ ସେ ଦିଗରେ ଅଧିକ ଯତ୍ନବାନ ହେବା ଆବଶ୍ୟକ। ନଚେତ୍ ରାଜ୍ୟରେ ବର୍ଦ୍ଧିତ ବେକାରୀ ସମସ୍ୟା ସାଙ୍ଗକୁ ଅନାହାର ମୃତ୍ୟୁ ବୃଦ୍ଧି ପାଇବ। ଏହାକୁ ରୋକିବା ମଧ କଷ୍ଟକର ହୋଇପଡିବ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସ୍ୟାଟ୍‌ରେ ପଡ଼ିଛି ୭୪,୬୯୬ ମାମଲା

କଟକ ଅଫିସ,୨୪।୭: ରାଜ୍ୟ ସରକାର ସ୍ୟାଟ୍‌କୁ ଉଚ୍ଛେଦ କରିଦେଇଥିଲେ ମଧ୍ୟ ପଡ଼ିରହିଥିବା ମାମଲାର ଭବିଷ୍ୟତ ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଫଳରେ ସ୍ୟାଟ୍‌ରେ ପ୍ରାୟ ୭୪ ହଜାର ୬୯୬ଟି ମାମଲା ପଡ଼ିରହିଛି। ସ୍ୟାଟ୍‌ର ଡେପୁଟି ରେଜିଷ୍ଟ୍ରାର୍ ହାଇକୋର୍ଟରେ ସତ୍ୟପାଠ ଦେଇ ଏହା ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ସ୍ୟାଟ୍ ଉଚ୍ଛେଦ ପରେ ବର୍ତ୍ତମାନ କେତେ ମାମଲା ବିଚାରାଧୀନ ରହିଛି ଓ କେତୋଟି ମାମଲା ହାଇକୋର୍ଟକୁ ଶୁଣାଣି ପାଇଁ ଯାଇଛି, ସେନେଇ ହାଇକୋର୍ଟ ଜବାବ ମାଗିଥିଲେ। ସମସ୍ତ ମାମଲାର ବିବରଣୀ ରେକର୍ଡ଼ରୁମ୍‌ରେ ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ପରେ ସେଗୁଡ଼ିକ ଟ୍ରାନ୍ସଫର ହେବା ସମ୍ଭାବନା ରହିଛି।

## ସଂକ୍ଷେପରେ

### ୩୧ ପର୍ଯ୍ୟନ୍ତ ବିଧାନସଭା ବନ୍ଦ

ଭୁବନେଶ୍ୱର,୨୪।୭(ବ୍ୟୁରୋ): ବିଧାନସଭାର ୫ଜଣ କର୍ମଚାରୀ ଶୁକ୍ରବାର କରୋନା ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି। ବିଧାନସଭା କର୍ମଚାରୀଙ୍କ ମଧ୍ୟରେ ସଂକ୍ରମଣ ବ୍ୟାପୁଥିବାରୁ ୩୧ ତାରିଖ ପର୍ଯ୍ୟନ୍ତ ଏହାକୁ ବନ୍ଦ କରି ଦିଆଯାଇଛି। ସଂକ୍ରମିତ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନରେ ରଖାଯିବା ସହ ବିଧାନସଭା ପରିସରକୁ ସାନିଟାଇଜ କରାଯିବ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଷ୍ଟାଣ୍ଡିଂ କମିଟି ବୈଠକରେ ସମ୍ପୃକ୍ତ କର୍ମଚାରୀମାନେ ଥିଲେ। ପୂର୍ବରୁ ୨ ଜଣ ବିଧାୟକ ମଧ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେହିପରି ବିଧାନସଭାର ଜଣେ କର୍ମଚାରୀଙ୍କ ମା’ କରୋନା ଆକ୍ରାନ୍ତ ହୋଇଥିଲେ। ଏହାପରେ ବାଚସ୍ପତି ସମସ୍ତ କର୍ମଚାରୀଙ୍କୁ କରୋନା ଟେଷ୍ଟିଂ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ୩ ଦିନ ବିଧାନସଭା ବନ୍ଦ ରହିଥିଲା। ଟେଷ୍ଟିଂ କରାଇଥିବା କର୍ମଚାରୀଙ୍କ ମଧ୍ୟରୁ ୫ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।

### ଭାଜପା ନେତାଙ୍କୁ ଗଳାକାଟି ହତ୍ୟା

■ ରାଜନୈତିକ ଆକ୍ରୋଶ ସନ୍ଦେହ, ତଦନ୍ତ ଜାରି

ଘଣ୍ଟାପଡା/କନ୍ଧମାଳ, ୨୪।୭ (ଡି.ଏନ.ଏ.): ବୌଦ୍ଧ ଜିଲା କନ୍ଧମାଳ ଥାନା ଅଧୀନ ଆମ୍ବଗାଁ ସମଲେଶ୍ୱରୀ ନାଳ ନିକଟ ଆମ୍ବବଗିଚାରୁ ଶୁକ୍ରବାର ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଲୋକନାଥ ପ୍ରଧାନ (୩୨)ଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକାଟି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଅନୁମାନ କରୁଛି। ଏହାସହ ତାଙ୍କ ଦୁଇ ହାତରେ କଟା ଚିହ୍ନ ରହିଛି। ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇବା ସହ ଲୋକନାଥଙ୍କ ଭିଣୋଇ ବୀରବଲ୍ ମେସୁଆଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କନ୍ଧମାଳ ଥାନା ଅଧୀନ ଖମନମୁଣ୍ଡା ପଞ୍ଚାୟତ ସିଆଲଝୁଲି ଗାଁରେ ଲୋକନାଥଙ୍କ ଘର। ଗୁରୁବାର ରାତି ପ୍ରାୟ ୮ଟାରେ ତାଙ୍କ ପାଖକୁ ଏକ ଫୋନ୍ ଆସିବାରୁ ସେ ବାଇକ୍ ଧରି ଘରୁ ବାହାରି ଯାଇଥିଲେ। ରାତି ସାଢେ ୮ଟାରେ ଘର ଲୋକେ ଫୋନ୍ କରିବାରୁ ସେ ପାଖରେ ଅଛନ୍ତି ବୋଲି କହିଥିଲେ। ଏହାର କିଛି ସମୟ ପରେ ସେ ଆଉ ଫୋନ୍ ଉଠାଇ ନ ଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ସ୍ତ୍ରୀ ରୋହିଣୀ ତାଙ୍କ ସାଙ୍ଗ ସାଥୀଙ୍କୁ ଫୋନ୍ କରି ଖୋଜାଖୋଜି କରିଥିଲେ। ହେଲେ କୌଣସି ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ଆମ୍ବଗାଁ ସମଲେଶ୍ୱରୀ ନାଳ ପାଖ ଆମ୍ବତୁରିରେ ତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଘଣ୍ଟାପଡା ଫାଣ୍ଡିକୁ ଖବର ଦେଇଥିଲେ। ରାଜନୈତିକ ଆକ୍ରୋଶରୁ ଲୋକନାଥଙ୍କୁ କେହି ହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଜଗଦୀଶ ପ୍ରଧାନ କହିଛନ୍ତି।

# ବିଦ୍ୟୁତ୍‌ଚାଳିତ ଟ୍ରେନ୍‌ର ଟ୍ରାଏଲ ରନ୍

କେନ୍ଦ୍ରାପଡ଼ା ଅଫିସ/ ଚଣ୍ଡିଖୋଲ, ୨୪।୭(ଡି.ଏନ.ଏ.)



କେନ୍ଦ୍ରାପଡ଼ା ମାର୍ଶାଘାଇ ଷ୍ଟେଶନରେ ବିଦ୍ୟୁତ୍‌ଚାଳିତ ଟ୍ରେନ।

ହରିଦାସପୁର-ପାରାଦୀପ ନୂଆ ବ୍ରଡ୍‌ଗେଜ୍ ରେଳପଥରେ ଶୁକ୍ରବାର ପ୍ରଥମଥର ପାଇଁ ବିଦ୍ୟୁତ୍ ଚାଳିତ ଟ୍ରେନର ଟ୍ରାଏଲ ରନ ହୋଇଛି। ଏଥିରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ହରିଦାସପୁରଠାରୁ ପାରାଦୀପ ପର୍ଯ୍ୟନ୍ତ ଯାଇଥିଲେ। ୨୦୧୯ ଜୁନ ୨୯ରେ ପ୍ରଥମେ ଟାୱାର କାର କେନ୍ଦ୍ରାପଡ଼ା ଷ୍ଟେଶନ ପର୍ଯ୍ୟନ୍ତ ଆସିଥିଲା। ପୂର୍ବତଟ ରେଳ ବିଭାଗ ମୁଖ୍ୟ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର କପିଲ, ରେଳବିକାଶ ନିଗମ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସରୋଜ କାନ୍ତ ପାତ୍ର, ମୁଖ୍ୟ ଟ୍ରାକ ଇଞ୍ଜିନିୟର ଜଗନ୍ନାଥ ପରିଡା, ମୁଖ୍ୟ ବ୍ରିଜ୍ ଇଞ୍ଜିନିୟର କେ.ଜି ଅଗ୍ରୱାଲ, ସିଗନାଲ ଇଞ୍ଜିନିୟର ଭି. ସୋରେନ, ରେଳ ବିକାଶ ନିଗମ ଲିମିଟେଡର ଡିଜିଏମ୍ ଆର୍.ପି. ପାଣ୍ଡେ, ଅଶୋକ କୁମାର ତ୍ରିପାଠୀ, ଶ୍ରୀନିବାସ ସାହୁ, ଏସ୍‌ଏକେବାସା, ଏସ୍.କେ. ପାତ୍ର, ପିକେ ମହାନ୍ତି, ଏସ୍.କେ. ପୁରୋହିତ, ରାଜେନ୍ଦ୍ର ଧମ୍ପେଲ, ଡି.ପି. ଦାଶ ପ୍ରମୁଖ ଟ୍ରେନରେ ଯାତ୍ରା କରିଥିଲେ। ଆସନ୍ତା ଅଗଷ୍ଟ ସୁଦ୍ଧା କେନ୍ଦ୍ରାପଡ଼ା ଜିଲା ମଧ୍ୟଦେଇ ରେଳ ଚାଲିବା ସମ୍ଭାବନା ରହିଛି। ବୁଦ୍ଧିଜୀବୀ ପ୍ରଶାନ୍ତ ନାୟକ କୁହନ୍ତି, ଆମ କେନ୍ଦ୍ରାପଡାବାସୀଙ୍କ ପାଇଁ ଏହା ଏକ ଐତିହାସିକ ଦିନ। ଜିଲାକୁ ପ୍ରଥମଥର ପାଇଁ ରେଳ ଇଞ୍ଜିନ ଗଡିଥିବାରୁ ଦୀର୍ଘ ୨୨ବର୍ଷର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ସାମାଜିକ କର୍ମୀ ସମୀର ଚାନ୍ଦ କୁହନ୍ତି, ରେଳ ଗଡିଲେ କେନ୍ଦ୍ରାପଡା ଜିଲାର ବିକାଶ ନିଶ୍ଚିତ ହେବ। ଶିଳ୍ପୋଦ୍ୟୋଗୀମାନେ କଞ୍ଚାମାଲ ନେବାଆଣିବା ଅସୁବିଧାକୁ ଦୃଷ୍ଟିରେ ରଖି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏବେ ଏହା ସମ୍ଭବ ହେବ।

**ହରିଦାସପୁର-ପାରାଦୀପ ବ୍ରଡ୍‌ଗେଜ୍ ରେଳପଥ**

କୃଷକ ନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ରେଳ ଆସିବାକୁ ସ୍ୱାଗତ କରୁଛି। ତେବେ ରେଳପଥ ପାଇଁ ଭୋଗୁଥିବା ଚାଷୀଙ୍କ ଯନ୍ତ୍ରଣାକୁ ଭୁଲିବା କଷ୍ଟ। ଫାଟକ ବିହୀନ ରେଳପଥ ନିର୍ମାଣ ପାଇଁ ବହୁ କ୍ଷେତରୁ ମାଟି ଉଠାଯାଇଛି। ଫଳରେ ସାମାନ୍ୟ ବର୍ଷାରେ କ୍ଷେତରେ ହୋଇଥିବା ଗାଡ଼ରେ ପାଣି ଜମିରହି ନଷ୍ଟ ହେଉଛି। ସେହିପରି ରେଳପଥ ନିର୍ମାଣ ସମୟରେ ଜିଲା ପ୍ରଶାସନ ଓ ରେଳପଥ ବିଭାଗ କାର୍ଯ୍ୟକର୍ତ୍ତାଙ୍କୁ ବାରମ୍ବାର ସାଇଫନ ନିର୍ମାଣ ପାଇଁ ଅନୁରୋଧ ସତ୍ତ୍ୱେ ଜଳ ନିଷ୍କାସନ ବ୍ୟବସ୍ଥା କରାଗଲା ନାହିଁ। ସହରର ଲକ୍ଷ୍ମୀକାନ୍ତ ନାୟକ କୁହନ୍ତି, ରେଳପଥ ନିର୍ମାଣ ସମୟରେ ବହୁ ଜମି ଚାଲିଯାଇଛି। ତେବେ ଉପଯୁକ୍ତ ମୂଲ୍ୟ ଅଦ୍ୟାବଧି ମିଳିନାହିଁ। ଏ ନେଇ ମାମଲା ଚାଲିଛି। ତେବେ ରେଳ ଚଳାଚଳକୁ ସେ ସ୍ୱାଗତ କରିଛନ୍ତି।

# ଅଯୋଗ୍ୟ ଫେରାଇବେ କାଳିଆ ଟଙ୍କା

ଭୁବନେଶ୍ୱର,୨୪।୭(ବ୍ୟୁରୋ)

**ଟଙ୍କା ଫେରସ୍ତ ପାଇଁ ଏସ୍‌ଓପି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ**

କାଳିଆ ଯୋଜନାରେ ଉପକୃତ ହିତାଧିକାରୀଙ୍କ ମଧ୍ୟରୁ ଅଯୋଗ୍ୟଙ୍କୁ ଖୁବ୍‌ଶୀଘ୍ର ବାଦ୍ ଦିଆଯିବ। ଯେଉଁ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହେବେ ସେମାନଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୬ରୁ ୩୧ ମଧ୍ୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ଲାଗି ପ୍ରକ୍ରିୟା ଆରମ୍ଭ ହେବ। ହିତାଧିକାରୀଙ୍କ ତାଲିକାରେ ୧,୦୬,୬୩୧ ଜଣ ଅଯୋଗ୍ୟ ଥିବା ଜଣାପଡ଼ିଛି। କୃଷିବିଭାଗ ଚିହ୍ନଟ ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରସ୍ତ ଆଣିବା ପରେ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା ଦିଆଯିବ। ଟଙ୍କା ଫେରସ୍ତ କରିବାକୁ ଥିବା ହିତାଧିକାରୀଙ୍କ ପାଇଁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଜାରି କରାଯାଇଛି।

ଜିଲା କୃଷି ଅଧିକାରୀଙ୍କ ଦସ୍ତଖତ ଥିବା ଚିଠି ବ୍ଲକ ଓ ପଞ୍ଚାୟତସ୍ତରର ଅଧିକାରୀଙ୍କ ଜରିଆରେ ଅଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବ। ଯେଉଁ ଆକାଉଣ୍ଟକୁ ଅର୍ଥ ଫେରସ୍ତ ଆସିବ, ସେହି ଆକାଉଣ୍ଟ ନମ୍ବର ଓ ଆଇଏଫ୍‌ଏସ୍‌ସି କୋଡ୍ ଚିଠିରେ ଉଲ୍ଲେଖ ରହିବ। ଏଥିଲାଗି ପୂର୍ବରୁ ସବୁ ଜିଲା କୃଷି ଅଧିକାରୀଙ୍କୁ ଚିଠି କରାଯିବା ସହ କାଳିଆ ଟଙ୍କା ଫେରସ୍ତ ଆଣିବା ପାଇଁ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ପ୍ରସ୍ତୁତ କରିବାକୁ କୁହାଯାଇଛି। ଏନେଇ କୃଷି ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ୫୧ଲକ୍ଷ କାଳିଆ ହିତାଧିକାରୀଙ୍କ ମଧ୍ୟରୁ ୯୮ ପ୍ରତିଶତ ହେଉଛନ୍ତି ଯୋଗ୍ୟ। ଆଉ ୨ ପ୍ରତିଶତ ଅର୍ଥାତ୍ ୫୦ ହଜାର ହିତାଧିକାରୀ ଅଯୋଗ୍ୟ।

ଏନେଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ଭୋଟ୍ ବେଳେ ଯୋଗ୍ୟ, ଅଯୋଗ୍ୟ ନ ଦେଖି ଟଙ୍କା ଦେଲେ। ଯୋଗ୍ୟଙ୍କୁ ନ ଦେଇ ବିଜେଡି ନେତା, କର୍ମୀଙ୍କୁ ଲିଷ୍ଟ ଅନୁସାରେ ଟଙ୍କା ବାଣ୍ଟିଲେ। ଯେଉଁ ଅଫିସର ଏଭଳି ଭୁଲ୍ ତାଲିକା କରିବାରେ ସମ୍ପୃକ୍ତ, ଏବେ ସେମାନଙ୍କଠାରୁ ଟଙ୍କା ଅଣାଯାଉ। ଭାଜପା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ପାଇଁ କାଳିଆ ଯୋଜନା କରିଥିଲା। ଏବେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ସହ ଅର୍ଥ ଫେରାଇବାକୁ କହି ଚାଷୀଙ୍କ ମନରେ ଭୟ ସୃଷ୍ଟି କରୁଛି। କୃଷି ବିଭାଗ ରାଜ୍ୟର ୨ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଅଯୋଗ୍ୟ ହିତାଧିକାରୀ ଦର୍ଶାଇ ନୋଟିସ ଦେବା ସହ ମାସେ ଭିତରେ ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଛି। କରୋନା ବେଳେ ସରକାର ଚାଷୀଙ୍କୁ ତଳିତଳାନ୍ତ କରିବାକୁ ଷଡ଼ଯନ୍ତ୍ର କରୁଥିବା ସେ କହିଛନ୍ତି।

# ୪ ପ୍ରକଳ୍ପରେ ବିନିଯୋଗ ହେବ ୨୧୭୨.୯୨ କୋଟି

ଭୁବନେଶ୍ୱର,୨୪।୭(ବ୍ୟୁରୋ)

କୋଭିଡ୍ ପ୍ରଭାବିତ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଓଡ଼ିଶା ସରକାର ନୂତନ ପୁଞ୍ଜିନିବେଶ ପ୍ରସ୍ତାବ ଆଣିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକରେ ୪ ନୂତନ ପ୍ରକଳ୍ପରେ ୨୧୭୨.୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ନୀତିଗତ ଅନୁମୋଦନ ମିଳିଛି। ଓସ୍‌ୱାସ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ବିଷୟ ଉପରେ ଆଲୋଚନା ପାଇଁ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରକଳ୍ପ କାର୍ଯ୍ୟକାରିତାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶିଳ୍ପ ଏବଂ କମ୍ପାନୀ ପକ୍ଷରୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଦେବା ନିୟମ ଅନୁପାଳନ ନିଶ୍ଚିତ କରାଇବାକୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି।

ଅନୁମୋଦିତ ୪ ପ୍ରକଳ୍ପ ମାଧ୍ୟମରେ ସମୁଦାୟ ୨୧୭୨.୯୨ କୋଟି ଟଙ୍କା ବିନିଯୋଗ ହେବ। ୧୧୨୨ ଜଣଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରୁଙ୍ଗଟା ମାଇନ୍ସ ଲିମିଟେଡ୍ ୩୪ ଏମ୍‌ପିଟିଏର ଏକ ପ୍ଲାଣ୍ଟ ସୁନ୍ଦରଗଡରେ କରିବାକୁ ଥିବାବେଳେ ଏଥିରେ ୯୭୫ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୨୯୦ଜଣ ନିଯୁକ୍ତି ପାଇପାରିବେ। ସେହିପରି ରୁଙ୍ଗଟା ମାଇନ୍ସ ପକ୍ଷରୁ ମାଟିତଳ ପାଇପ୍ ଲାଇନ କାର୍ଯ୍ୟ କରାଯିବ, ଯେଉଁଥିରେ ୯୫୧ କୋଟି ଟଙ୍କା ଖର୍ଚ୍ଚ ହେବା ସହିତ ୭୨ଜଣଙ୍କୁ ନିଯୁକ୍ତି ମିଳିବ। ଶ୍ୟାମ ମେଟାଲିକ ଏବଂ ଏନର୍ଜି ଲିମିଟେଡର ସମ୍ବଲପୁରସ୍ଥିତ ପେଲେଟ ପ୍ଲାଣ୍ଟ ବୃଦ୍ଧି କରାଯିବ ଯେଉଁଥିରେ ୭୬.୯୨ କୋଟି ଟଙ୍କା ଖର୍ଚ୍ଚ ହେବା ଏବଂ ୬୧୦ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ୱେଲମ୍ୟାନ ଷ୍ଟିଲ୍‌ସ ଗଙ୍ଗୋୟା ସପ୍ଲାୟ ଏଜେନ୍ସି ଲିମିଟେଡ୍ ପକ୍ଷରୁ ମୟୂରଭଞ୍ଜ ଠାରେ ଏକ ପେଲେଟ ପ୍ଲାଣ୍ଟ କରାଯିବ, ଯେଉଁଥିରେ ୧୭୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୧୫୦ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ଯୋଜନା ପ୍ରସ୍ତୁତ କରାଯାଇଛି। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଶିଳ୍ପ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅନ୍‌ଲାଇନ୍ ପରୀକ୍ଷାରେ ପାସ୍ ନ ହେଲେ ବିପିୟୁଟି ଛାତ୍ରୀଛାତ୍ରଙ୍କୁ ଆଉଥରେ ସୁଯୋଗ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

କରୋନା ପାଇଁ ଅନ୍‌ଲାଇନ୍ ପରୀକ୍ଷା ହେବ। ଏଥିରେ ବିଫଳ ହେଲେ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ସୁଯୋଗ ଦିଆଯିବ ବୋଲି ଶୁକ୍ରବାର ବିପିୟୁଟି ଘୋଷଣା କରିଛି। ଯଦି କୌଣସି ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ଦେବାକୁ ଥିବା ଫାଇନାଲ ସେମିଷ୍ଟରର ଥିଓରୀ ପରୀକ୍ଷାରେ ପାସ୍ କରିପାରି ନ ଥିବେ, ତେବେ ସେମାନଙ୍କୁ କଲେଜ ଖୋଲିବା ପରେ ଅଫ୍‌ଲାଇନ୍ ପରୀକ୍ଷାରେ ପୁନର୍ବାର ସୁଯୋଗ ଦିଆଯିବ।

# ଡିଲରଙ୍କ ଲାଇସେନ୍ସ ଅବଧି ବଢ଼ିଲା

କଟକ ଅଫିସ,୨୪।୭

**ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଲାଇସେନ୍ସ ନବୀକରଣ ପ୍ରସଙ୍ଗରେ ରାଜ୍ୟର ପ୍ରାୟ ୨ ହଜାର ୫୯୦ ଜଣ ଡିଲରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସାନି ଉଚ୍ଛେଦ ହୋଇଥିବା ଏହି ଡିଲରଙ୍କ ଲାଇସେନ୍ସକୁ ନବୀକରଣ କରାଯାଇଥିବା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ହାଇକୋର୍ଟରେ ଜବାବ ରଖିଛି। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା କୁହାଯାଇଛି। କରୋନା ସଂକ୍ରମଣ ଜନିତ ସମସ୍ୟାକୁ ଦେଖି ଖାଉଟି ସାମଗ୍ରୀର ବଣ୍ଟନ ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ବିଭାଗ ଯୁକ୍ତି ରଖିଛି।

ବିବରଣୀରୁ ପ୍ରକାଶ ଯେ, ଲାଇସେନ୍ସ ଅବଧି ଥିଲେ ମଧ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଗତ ମାର୍ଚ୍ଚରେ ଏହି ଡିଲରମାନଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଡିଲରମାନଙ୍କ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେଶିନ୍‌ରେ ଖାଉଟିଙ୍କ ଉପସ୍ଥାନ ନିର୍ଦ୍ଧାରିତ ମାନଦଣ୍ଡଠାରୁ କମ୍ ଥିବା ଦର୍ଶାଇ ଏହି ନିଷ୍ପତ୍ତି ନିଆଯାଇଥିବା ବିଭାଗ କହିଥିଲା। ଏହି ନିର୍ଦ୍ଦେଶକୁ ବିରୋଧକରି ବହୁ ଡିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ବିଭାଗର ନିର୍ଦ୍ଦେଶକୁ ରଦ୍ଦ କରିଦେଇଥିଲେ। ଡିଲରଙ୍କ ପକ୍ଷ ନ ନେଇ ଏକତରଫା ନିଷ୍ପତ୍ତି ଉଚିତ ନୁହଁ ବୋଲି ହାଇକୋର୍ଟ କହିଥିଲେ। ଏଣୁ ଉଚ୍ଛେଦ ହୋଇଥିବା ଡିଲରମାନଙ୍କ ଲାଇସେନ୍ସକୁ ହାଇକୋର୍ଟ କାଏମ୍ ରଖିବା ସହ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ସେମାନେ ସାମଗ୍ରୀ ଯୋଗାଣ କରିପାରିବେ ବୋଲି କହିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ରାଜ୍ୟ ସରକାର ସାନି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଡିଲରମାନଙ୍କ ଲାଇସେନ୍ସକୁ ସାନି ନବୀକରଣ କରିଛନ୍ତି।

# ପ୍ଲାଜ୍‌ମା ଦାନକୁ ପ୍ରୋତ୍ସାହନ ପାଇଁ ମନ୍ତ୍ରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ରାଜ୍ୟରେ କରୋନା ମହାମାରୀ ବେଳକୁ ବେଳ ଭୟଙ୍କର ହେବାରେ ଲାଗିଛି। ଏହି ରୋଗ ସଂକ୍ରମଣକୁ ମୁକାବିଲା କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ପ୍ଲାଜ୍‌ମା ଥେରାପି ଆରମ୍ଭ କରିଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କ ଚିକିତ୍ସାରେ ପ୍ଲାଜ୍‌ମା ଥେରାପି ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ପ୍ଲାଜ୍‌ମା ଦାନକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମନ୍ତ୍ରୀମାନଙ୍କୁ ବିଭିନ୍ନ ଜିଲାର ଦାୟିତ୍ୱ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପୁରୀ ଜିଲାର ଦାୟିତ୍ୱ ଦିଆଯାଇଥିବା ବେଳେ ବିକ୍ରମ କେଶରୀ ଆରୁଖଙ୍କୁ କନ୍ଧମାଳ ଓ ଗଞ୍ଜାମର ଦାୟିତ୍ୱ ଦିଆଯାଇଛି। ସେହିପରି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବରଗଡ, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭଦ୍ରକ ଓ କେନ୍ଦ୍ରାପଡା, ପଦ୍ମନାଭ ବେହେରାଙ୍କୁ ଝାରସୁଗୁଡା ଓ ବୌଦ୍ଧ, ପ୍ରତାପ ଜେନାଙ୍କୁ ମୟୂରଭଞ୍ଜ ଓ କଟକ, ଅରୁଣ କୁମାର ସାହୁଙ୍କୁ ନୟାଗଡ ଓ ଖୋର୍ଦ୍ଧା, ସୁଦାମ ମାର୍ଣ୍ଡିଙ୍କୁ ସୋନପୁର, ସୁଶାନ୍ତ ସିଂଙ୍କୁ ବଲାଙ୍ଗୀର ଓ ସମ୍ବଲପୁର, ନବ କିଶୋର ଦାସଙ୍କୁ କଳାହାଣ୍ଡି ଓ ନୂଆପଡା, ଟୁକୁନି ସାହୁଙ୍କୁ ଦେବଗଡ ଓ ସୁନ୍ଦରଗଡ, ଜଗନ୍ନାଥ ସାରକାଙ୍କୁ ଗଜପତି ଓ କୋରାପୁଟ, ଦିବ୍ୟଶଙ୍କର ମିଶ୍ରଙ୍କୁ ଢେଙ୍କାନାଳ, ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଅନୁଗୋଳ, ସମୀର ରଞ୍ଜନ ଦାଶଙ୍କୁ ଯାଜପୁର, ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ବାଲେଶ୍ୱର, ପ୍ରେମାନନ୍ଦ ନାୟକଙ୍କୁ କେନ୍ଦୁଝର, ରଘୁନନ୍ଦନ ଦାସଙ୍କୁ ନବରଙ୍ଗପୁର ଓ ଜଗତ୍‌ସିଂହପୁର, ପଦ୍ମିନୀ ଦିଆନଙ୍କୁ ରାୟଗଡା ଏବଂ ତୁଷାରକାନ୍ତି ବେହେରାଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହରୁ ରାଜ୍ୟରେ ପ୍ଲାଜ୍‌ମା ଥେରାପି ଆରମ୍ଭ ହୋଇଛି।

## ମାନିଲେନି କଟକଣା

# ସିଂହଦ୍ୱାରରେ ମହାରାଷ୍ଟ୍ରର ଡାକ୍ତର ପରିବାର

ପୁରୀ ଅଫିସ,୨୪।୭



ସିଂହଦ୍ୱାର ସମ୍ମୁଖରେ ମହାରାଷ୍ଟ୍ରରୁ ଆସିଥିବା ଡାକ୍ତରଙ୍କ ପରିବାରର ସଦସ୍ୟମାନେ।

■ ପ୍ରବେଶ ପଥରେ ପ୍ରହସନ ପାଲଟିଛି ଚେକିଂ
■ ଗଳାବାଟ ଜଟିଳ କରିପାରେ କରୋନା ସ୍ଥିତି
■ କାର୍ ଜବତ କରି ୨ ଡ୍ରାଇଭରଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିଲା ପ୍ରଶାସନ



ସିଂହଦ୍ୱାର ସମ୍ମୁଖରେ ପାର୍କିଂ ହୋଇଥିବା କାର୍।

କରୋନା ସଂକ୍ରମଣ ଏବେ ଦ୍ରୁତଗତିରେ ମାଡୁଛି। ପୁରୀ ଜିଲାରେ ବିପଜିଟିଭଙ୍କ ସଂଖ୍ୟା ହୁହୁ ହୋଇ ବଢୁଛି। ତେଣୁ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ଏକାଧିକ ପଦକ୍ଷେପ ଗ୍ରହଣ କରିଛି। ସୀମା ସିଲ୍ କରାଯିବା ସହ ଜିଲାର ସମସ୍ତ ୬ଟି ପ୍ରବେଶ ପଥରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କଡ଼ା କଟକଣା ଲଗାଯାଇଛି। କଡ଼ାକଡ଼ି ଯାଞ୍ଚ ମଧ୍ୟ ଚାଲିଛି। ଅତି ଜରୁରୀ କାମ ନ ଥିଲେ ଜିଲା ମଧ୍ୟକୁ କାହାକୁ ପ୍ରବେଶ ଅନୁମତି ଦିଆଯାଉନାହିଁ। ହେଲେ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି କୁହାଯାଇପାରେ। କାରଣ ପ୍ରତିଦିନ ଅନ୍ୟ ଜିଲା ଏପରି କି ରାଜ୍ୟ ବାହାର ଲୋକ ପୁରୀକୁ ପ୍ରବେଶ କରୁଛନ୍ତି। ଶୁକ୍ରବାର ସବୁ ନିୟମ ଓ ବ୍ୟବସ୍ଥାକୁ ଫୁ କରି ମହାରାଷ୍ଟ୍ରର ଏକ ଡାକ୍ତର ପରିବାର ଅନାୟାସରେ ଶ୍ରୀମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ଆସିଥିଲେ। ଏଥିରୁ କରୋନା ସଂକ୍ରମଣ ପ୍ରତିହତ ଲାଗି ଯେଉଁସବୁ ବ୍ୟବସ୍ଥା ଏବଂ ପଦକ୍ଷେପ ଗ୍ରହଣ କରାଯାଇଛି ତାହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

କାଳିଆ ଠାକୁରଙ୍କ ଦର୍ଶନ ପାଇଁ ମହାରାଷ୍ଟ୍ରରୁ ସମ୍ପୃକ୍ତ ଡାକ୍ତରଙ୍କ ପରିବାରର ୮ଜଣ ସଦସ୍ୟ ବିମାନ ଯୋଗେ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ପରେ ସେଠାରୁ ଦୁଇଟି ଗାଡ଼ିରେ ପିପିଲି ଚେକ୍‌ଗେଟ୍ ଦେଇ ପୁରୀ ଆସିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ସମ୍ପୃକ୍ତ ଡାକ୍ତରଙ୍କ ଦୁଇଟି ଗାଡ଼ି ସିଧାସଳଖ ସିଂହଦ୍ୱାର ସମ୍ମୁଖ ରାସ୍ତାରେ ପହଞ୍ଚିଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେହି ଡାକ୍ତରଙ୍କର ଓଡ଼ିଶା କିମ୍ବା ପୁରୀରେ କୌଣସି ଡ୍ୟୁଟି ନାହିଁ। ସମ୍ପ୍ରତି କଡ଼ା କଟକଣା ସତ୍ତ୍ୱେ ଦେଶର ସର୍ବାଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରରୁ ଏମାନେ କିପରି ପୁରୀ ଆସିଲେ ତାହା ହିଁ ଏବେ ବଡ଼ ପ୍ରଶ୍ନ ହୋଇଛି। ଶ୍ରୀମନ୍ଦିର ନିକଟରେ ଥିବା ପୋଲିସ ସାମାନ୍ୟ ପଚରାଉଚରା କରି ଚୁପ୍ ରହିଥିଲା। ସମ୍ପୃକ୍ତ ପରିବାର ମନ୍ଦିର ଭିତରକୁ ପ୍ରବେଶ କରି ନ ଥିଲେ ମଧ୍ୟ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସିଂହଦ୍ୱାର ଅଞ୍ଚଳରେ ବୁଲାବୁଲି କରି ଫେରିଯାଇଥିଲେ। ଘଟଣା ଜଣାପଡ଼ିବା ପରେ ସିଂହଦ୍ୱାର ଥାନା ପୋଲିସ ୨ କାରକୁ ଜବତ କରି ଡ୍ରାଇଭରଦ୍ୱୟଙ୍କୁ ମୋଚିସାହି କଲ୍ୟାଣମଣ୍ଡପ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇଛି।

ସୂଚନାଥାଉ କି, ଗତ ୧୪ ତାରିଖରେ କେତେଜଣ ଯାତ୍ରୀଙ୍କୁ ନେଇ ପୁରୀ ଆସିଥିବା ଏକ ଘରୋଇ ବସ୍‌କୁ ପୋଲିସ ଜବତ କରିଛି। ଏହା ପରେ ବି ଆନ୍ଧ୍ର ଏବଂ ପୁରୀ ମଧ୍ୟରେ ଲୁଚାଛପାରେ କାର୍, ଟ୍ୟାକ୍ସି ଆଦି ଚଳାଚଳ କରୁଛି। ଯଦି ପ୍ରବେଶ ପଥରେ କଡ଼ା ଚେକିଂ ନ ହୁଏ ଏମିତି ଗଳାବାଟରେ ବାହାର ରାଜ୍ୟରୁ ଲୋକେ ପୁରୀକୁ ପ୍ରବେଶ କରୁଥିବେ ଏବଂ ପୁରୀର କରୋନା ସ୍ଥିତି ଅଧିକ ଜଟିଳ ହେବ ଏଥିରେ ସନ୍ଦେହ ନାହିଁ। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପ୍ରବେଶ ପଥରେ ଯାଞ୍ଚ ଆହୁରି କଡ଼ାକଡ଼ି କରାଯିବ। ବାହାର ଲୋକ ଯେପରି ପୁରୀକୁ ପ୍ରବେଶ ନ କରିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ।

### ମୟୂରଭଞ୍ଜ ପିଡିଙ୍କୁ ସମ୍ବଲପୁର କରୋନା ପରିଚାଳନା ଦାୟିତ୍ୱ

ଭୁବନେଶ୍ୱର,୨୪।୭ (ବ୍ୟୁରୋ): ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୟୂରଭଞ୍ଜ ଜିଲାର ପିଡି, ଡିଆର୍‌ଡିଏ ଚଞ୍ଚଳ ରାଣାଙ୍କୁ ଶୁକ୍ରବାର ରାଜ୍ୟ ସରକାର ସମ୍ବଲପୁର କୋଭିଡ୍-୧୯ ପରିଚାଳନା ଦାୟିତ୍ୱରେ ନିୟୋଜିତ କରିଛନ୍ତି। ଏହି ସମୟରେ ସେ କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟରେ ସମ୍ବଲପୁର ଜିଲାପାଳଙ୍କୁ ସହଯୋଗ କରିବେ। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ।

GOVERNMENT OF ODISHA
OFFICE OF THE EXECUTIVE ENGINEER, BOLANGIR (R&B) DIVISION, BOLANGIR
Mail ID: eepwd.bgr@rediffmail.com, eepwd.bgr@gmail.com, Ph. No.: 06652-232374
No. B-169
e-Procurement Notice
BID IDENTIFICATION No. BGR R&B/03/2020-21
No. 2322 Dtd.06.07.2020
1. The Executive Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single Cover system in ONLINE MODE for construction of building work detailed in the table below from eligible contractors.
2. Nature of Work : Building Work
3. No. of tender : 1 No. Building Work
4. Tender Cost : Rs.6,000/- (Tender Paper Cost)
5. Class of Contractor : "D" and "C" Class
6. Date & time of sale & receipt of Bids : From Dt.28.07.2020, 11.00 A.M. Dt.12.08.2020 upto 5.00 P.M.
7. Date of Opening of Bid : Dt.14.08.2020 at 11.30 A.M.
8. The bidders have to participate in ONLINE bidding only. Further details can be seen from the website http://tendersodisha.gov.in.
Sd./- Executive Engineer
Bolangir (R&B) Division
OIPR-34028/11/0002/2021

GOVERNMENT OF ODISHA No. B-165
OFFICE OF THE EXECUTIVE ENGINEER, MALKANGIRI(R&B) DIVISION, MALKANGIRI
e-Procurement Notice
Bid Identification No. E.E.(R&B)- MLK-01/2020-21
No.3415 Date. 21.07.2020
1. Name of the work : El work
2. Total No. of Works : 01 No.
3. Estimated cost : Rs.39.50 lacs
4. Period of completion : 03(Three) months
5. Date & time of availability of bid document in the portal : From 11.00 hrs of 29.07.2020 to 16.00 hrs of 13.08.2020.
6. Last date / Time for receipt of bids in the Portal : 16.00 hours of 13.08.2020
7. Date of opening of Tender : 11.00 hours of 14.08.2020
8. Name and address of the Offficer Inviting Bid : Executive Engineer, Malkangiri(R&B)Division
Further details can be seen from the e-procurement portal https://tendersorissa.gov.in.
Executive Engineer
Malkangiri(R&B)Division
OIPR-34063/11/0001/2021

No. CAD
THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
E-PROCUREMENT NOTICE
NIT No.: OMC/E-PROC/CMC/12/2020 Dated: 23-Jul-2020

| | | |
|---|---|---|
| 1 | Name of work | Procurement of Services - Analytical Laboratory for core sample preparation and chemical analysis of chemical constituents under OMC-SKP Underground Project (through e-tendering). |
| 2 | Availability of tender documents on the e-tendering portal of Government of Odisha. | Date: 24-Jul-2020, Time: 1:00 PM |
| 3 | Last date for sending queries to OMC | Date: 30-Jul-2020; Time: 5:00 PM; queries may be sent by email to sknayak@odishaminin.in, dmanoharan@odishaminin.in |
| 4 | Pre-bid meeting | Date: 05-Aug-2020; Time: 11:30 AM; Venue: OMC Head Office (to be held via Video Conferencing) |
| 5 | Issue of responses to pre-bid queries, addendum/ corrigendum, if required | Date: 10-Aug-2020 |
| 6 | Bid Due Date | Date: 18-Aug-2020; Time: 5:00 PM |
| 7 | Opening of Techno-Commercial Bid | Date: 19-Aug-2020; Time: 11:00 AM |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Document Cost (non-refundable) including GST | Amount: INR 5900 (Rupees Five Thousand Nine Hundred only) including 18% GST. Payable online on the e-tender portal of Government of Odisha (www.tenderodisha.gov.in) |
| 10 | Earnest Money Deposit (EMD) | Amount: INR 2,00,000 (Rupees Two Lakh only) Payable online on the etender portal of Government of Odisha (www.tenderodisha.gov.in) |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.
Sd./- CGM (Mat.), Head C&P
OIPR-30005/11/0046/2021

## ପୋଲିସର ଚାନ୍ଦା ଆଦାୟ ଭିଡିଓ ଭାଇରାଲ

ଖୋର୍ଦ୍ଧା ଅଫିସ: କରୋନା ମୁକାବିଲା ପାଇଁ ସରକାର ପୋଲିସକୁ କରୋନା ଯୋଦ୍ଧାଭାବେ ଘୋଷଣା କରିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ୧୬ନଂ. ଜାତୀୟ ରାଜପଥରେ ସାଦା ପୋଷାକରେ କେତେଜଣ ପୋଲିସ କର୍ମଚାରୀ ଚେକିଂ ବାହାନାରେ ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି। ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଭିଡିଓ ଯାଞ୍ଚ କରାଯିବ। ପ୍ରମାଣିତ ହେଲେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସଂକ୍ଷେପରେ**

## ଆପାର୍ଟମେଣ୍ଟ, କଲୋନୀରେ ରହିବ ସଙ୍ଗରୋଧ ସୁବିଧା

### ସମସ୍ତ ମ୍ୟୁନିସିପାଲ କମିଶନରଙ୍କୁ ଚିଠି

**ଭୁବନେଶ୍ୱର, ୨୪।୭(ବ୍ୟୁରୋ):** ବଡ଼ ବଡ଼ ବସ୍ତି ନିକଟରେ ରାଜ୍ୟ ସରକାର କୋଭିଡ୍ କେୟାର ହୋମ୍‌ର ବ୍ୟବସ୍ଥା କରିଛନ୍ତି। ବସ୍ତିରେ ରହୁଥିବା ଲକ୍ଷଣବିହୀନ କିମ୍ବା ଲକ୍ଷଣଧାରୀ ଆକ୍ରାନ୍ତଙ୍କୁ ସେଠାରେ ରଖାଯାଇ ଚିକିତ୍ସା ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଏବେ ସମସ୍ତ ଆପାର୍ଟମେଣ୍ଟ ଓ କଲୋନୀରେ ସଙ୍ଗରୋଧ କେନ୍ଦ୍ର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥି ଭାଥାନନ ସମସ୍ତ ମ୍ୟୁନିସିପାଲ କମିଶନରଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପୌରାଞ୍ଚଳରେ ଆପାର୍ଟମେଣ୍ଟ ଓ କଲୋନୀ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପୌରାଞ୍ଚଳରେ ଥିବା କଲୋନୀ ଓ ଆପାର୍ଟମେଣ୍ଟ ଆସୋସିଏଶନ ନିଜର ସଙ୍ଗରୋଧ ସୁବିଧା କରିବେ। କେହି ପଜିଟିଭ୍ ଚିହ୍ନଟ ହେଲେ ଏହା ପରିସରରେ ଥିବା ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯିବ। ସମସ୍ତ ମ୍ୟୁନିସିପାଲ କମିଶନର ନିୟମିତ ଭାବେ କଲୋନୀ ଓ ଆପାର୍ଟମେଣ୍ଟର ଆସୋସିଏଶନ ସହ ଯୋଗାଯୋଗରେ ରହିବେ ବୋଲି ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

## ପୁରୀ ଜିଲ୍ଲାରେ ୩୦ ପଜିଟିଭ ଚିହ୍ନଟ

**ପୁରୀ ଅଫିସ:** ଆଗକୁ ପୁରୀ ଜିଲ୍ଲାରୁ ଅଧିକରୁ ଅଧିକ ପଜିଟିଭ ଚିହ୍ନଟ ହେବେ। ଏଥିପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ଜିଲାବାସୀଙ୍କୁ ଜିଲାପାଳ ବଲୱନ୍ତ ସିଂ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଜିଲାପାଳ କହିଛନ୍ତି, ବର୍ତ୍ତମାନ କୋଭିଡ୍ ହସ୍ପିଟାଲରେ ଜିଲାର ୧୫୩ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରୁ ସର୍ବାଧିକ ୭୮ ଜଣ ରହିଛନ୍ତି। ସେହିପରି ଚିହ୍ନଟ ହୋଇଥିବା ନୂଆ ୩୦ ଆକ୍ରାନ୍ତଙ୍କ ମଧ୍ୟରେ ବ୍ରହ୍ମଗିରି ବ୍ଲକରୁ ୫, କାକଟପୁର ୨, କଣାସ ୭, ନିମାପଡ଼ା ଓ ପୁରୀ ମ୍ୟୁନିସିପାଲିଟିରୁ ୬ ଲେଖାଏ ଓ ପିପିଲିରୁ ୪ ଜଣ ରହିଛନ୍ତି। ପୁରୀ ପୌରାଞ୍ଚଳର ୫, ୭, ୯, ୧୬, ୨୪ ଓ ୨୬ ନମ୍ବର ୱାର୍ଡରୁ ୬ଜଣ ଚିହ୍ନଟ ହୋଇଛନ୍ତି। କରୋନା ମୁକାବିଲା ଲାଗି ପ୍ରତ୍ୟେକ ବ୍ଲକ ପାଇଁ ଗୋଟିଏ ଲେଖାଏ ଟିମ୍ ଗଠନ ହୋଇଛି। କେବଳ ଅସ୍ତରଙ୍ଗ ବ୍ଲକକୁ ଛାଡ଼ିଅନ୍ୟ ୧୦ଟି ବ୍ଲକର ସିଏଚ୍‌ସିରେ ଟେଷ୍ଟିଂ ସୁବିଧା ଉପଲବ୍ଧ ହେଉଛି। ମୁଖ୍ୟାଳୟରେ ୪ଟି ଟିମ୍ ରହିଛନ୍ତି। ସମସ୍ତଙ୍କୁ କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡି ଭାବେ ପାଳନ କରିବାକୁ ପଡ଼ିବ। ଘରୁ ପଦାକୁ ବାହାରିବା ମାତ୍ରେ ମାସ୍କ ପିନ୍ଧିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାର ମୋଟ ପଜିଟିଭ ସଂଖ୍ୟା ୪୯୬ ଛୁଇଁଛି। କରୋନାରେ ୨ଜଣ ଏବଂ ଅନ୍ୟ ରୋଗ ଯୋଗୁ ଆଉ ୨ଜଣଙ୍କର ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଦର୍ଶାଇଛି।

# ଝାରପଡ଼ା ଜେଲରେ ଗ୍ୟାଙ୍ଗଷ୍ଟର ରାଜ୍

**ଭୁବନେଶ୍ୱର,୨୪।୭ (ବ୍ୟୁରୋ)**

ଜେଲରେ ଚାଲୁଛି ଗ୍ୟାଙ୍ଗଷ୍ଟରଙ୍କ ରାଜୁତି। ବାହାରେ ଯେପରି ରାଜ୍ କରୁଥିଲେ, ଜେଲ ଭିତରେ ବି ସେମିତି ଚାଲିଛି। ବଡ଼ ବଡ଼ ଅପରାଧୀମାନେ ଗୋଷ୍ଠୀ କରି ସେଥିରେ କଏଦୀଙ୍କୁ ସାମିଲ କରୁଛନ୍ତି। ଗୋଷ୍ଠୀ କରି ଖଟି କରୁଛନ୍ତି, ଆଉ ନିଜର ଦବ୍‌ଦବା ପାଇଁ ମୁହାଁମୁହିଁ ହେଉଛନ୍ତି। ଶୁକ୍ରବାର ଭାଇରାଲ

**ଟିଟୋ ଗୋଷ୍ଠୀର ଖଟି ଭିଡିଓ ଭାଇରାଲ୍**

- ଜେଲ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ
- ଥାନାରେ ମାମଲା ଦେଲେ ଜେଲ କର୍ତ୍ତୃପକ୍ଷ



ଭାଇରାଲ ହୋଇଥିବା ଭିଡିଓର ଏକ ଦୃଶ୍ୟ।

ହୋଇଥିବା ଏକ ଭିଡିଓ ଏକଥା କହୁଛି। ଉକ୍ତ ଭିଡିଓରେ ଗ୍ୟାଙ୍ଗଷ୍ଟର ଟିଟୋଙ୍କ ଗୋଷ୍ଠୀ ଖଟି କରୁଥିବା ଦେଖିବାକୁ ମିଳୁଛି। ଜେଲ ପରିସର ଏକ ଗଛ ମୂଳ ମଣ୍ଡପରେ ଧଳା ରଙ୍ଗର ଧୋତି ପିନ୍ଧି ଟିଟୋ ଅନ୍ୟ ସାଥୀଙ୍କ ସହ ବସି ଖଟି କରୁଛନ୍ତି। ଅପରାଧର ତରିକା ବିଷୟରେ ଆଲୋଚନା କରୁଛନ୍ତି। ସେମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିବାବେଳେ କେହି ବି ମାସ୍କ ପିନ୍ଧିନାହାନ୍ତି। କେହି ଅତି ନିକଟରୁ ଏଭଳି ଭିଡିଓ ଶୁଟ୍ କରି ସୋସିଆଲ ମିଡିଆରେ ଛାଡ଼ି ଦେବା ପରେ ଝାରପଡ଼ା ଜେଲର ଗୁମର ପଦାକୁ ଆସିଛି। ତେବେ କଟକଣା ସତ୍ତ୍ୱେ ଜେଲ ଭିତରକୁ ମୋବାଇଲ୍ ଫୋନ୍ କିପରି ଗଲା ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏହି ଘଟଣାକୁ ନେଇ ଜେଲ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିବା ଜଣାପଡିଛି। ମିଳିଥିବା ସୂତ୍ର ଅନୁସାରେ, ଟିଟୋ ଓ ତାଙ୍କ ସହଯୋଗୀମାନେ ଏଭଳି ସବୁଦିନ ସେଠାରେ ଖଟି କରିବା ସହ ବାହାରେ ଅପରାଧ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରନ୍ତି। ଲୁଚାଇ ରଖିଥିବା ମୋବାଇଲ୍ ଫୋନ୍ ସାହାଯ୍ୟରେ ଅପରାଧ ଘଟାଉଛନ୍ତି। କେତେଜଣ କର୍ମଚାରୀ ଅର୍ଥ ଲୋଭ ଓ ଭୟରେ ମୋବାଇଲ୍ ଫୋନ୍ ସହ ନିଶା ସାମଗ୍ରୀ ଯୋଗାଇ ଦେଉଛନ୍ତି। ଜେଲ ଭିତରେ ମଧ୍ୟ ଲୁଚାଛପାରେ ଗ୍ୟାଙ୍ଗଷ୍ଟରମାନେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ତାହାକୁ ଅପ୍‌ଡେଟ୍ ମଧ୍ୟ କରୁଛନ୍ତି। ତେବେ କେଉଁ ଏକ ଗୋଷ୍ଠୀର ମୋବାଇଲ୍ ଫୋନ୍‌ରେ ଉକ୍ତ ଭିଡିଓ ଶୁଟ୍ ହୋଇଥିବା କୁହାଯାଉଛି। ଏହାସହ ଟିଟୋ ଏବଂ ତାଙ୍କ ସହ ଖଟି କରୁଥିବା ଅନ୍ୟ କଏଦୀ ନିଜ ସେଲ୍‌ରେ ନ ରହି ପଦାକୁ କିଭଳି ଗଲେ ? ତାଙ୍କୁ ଖଟି କରିବା ପାଇଁ ଜେଲ କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି କି? ଏଭଳି ଅନେକ ପ୍ରଶ୍ନରେ ଏବେ ଜେଲ ବିଭାଗ ଛନ୍ଦି ହୋଇପଡିଛି। ଏନେଇ ଝାରପଡା ଜେଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଧୀରେନ୍ଦ୍ର ବାରିକ କହିଛନ୍ତି, ଏନେଇ ଲକ୍ଷ୍ମୀସାଗର ଥାନାରେ ଏକ ଅଭିଯୋଗ ଦିଆଯାଇଛି। କିଭଳି ଜେଲ ଭିତରକୁ ମୋବାଇଲ ଗଲା, କିଏ ଏଭଳି ଭିଡିଓ ରେକର୍ଡ କରି ବାହାରକୁ ଛାଡିଲେ ଓ ଏଥିରେ ଜେଲର କେହି କର୍ମଚାରୀ ସାମିଲି ଅଛନ୍ତି କି ନାହିଁ ତାହାର ତଦନ୍ତ ହେବ। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସ୍ତ୍ରୀଙ୍କୁ ହାତୁଡ଼ିରେ ପିଟି ହତ୍ୟା

**ବାହାରକୁ ଯିବାକୁ ବାରଣ କରିବା କାଳ ହେଲା**

- ଘର ଭିତରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ
- ଫେବୃୟାରୀ ମାସରେ ପ୍ରେମ ବିବାହ କରିଥିଲେ
- ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କଲା ପୋଲିସ

**ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୪।୭ (ଡି.ଏନ.ଏ.) :** କରୋନା ସମୟରେ ବାହାରକୁ ଯିବାକୁ ବାରଣ କରିବାରୁ ଗର୍ଭବତୀ ସ୍ତ୍ରୀଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ଏୟାରପୋର୍ଟ ଥାନା କାର୍ଗିଲ ବସ୍ତିରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ମୃତ ମହିଳା ଜଣକ ହେଲେ ଶକୁନ୍ତଳା ମାଝି(୨୫)। ଥାନା ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଡିସିପି ଉମାଶଙ୍କର ଦାଶ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଏନେଇ ଏକ ହତ୍ୟା ମାମଲା ନଂ.୧୩୩/୨୦ ରୁଜୁ କରାଯିବା ସହ ଅଭିଯୁକ୍ତ ସ୍ୱାମୀ ମୁରଲୀଧର ବେହେରାଙ୍କୁ ଗିରଫ କରାଯାଇଛି। ପୋଲିସ ସୂଚନାନୁସାରେ, ଶକୁନ୍ତଳାଙ୍କ ବାପଘର ପାଞ୍ଚଗାଁ ହୋଇଥିବାବେଳେ ସେ ଫେବୃୟାରୀ ମାସରେ କାର୍ଗିଲ ବସ୍ତିରେ ରହୁଥିବା ମୁରଲୀଧରଙ୍କୁ ପ୍ରେମବିବାହ କରିଥିଲେ। ମୁରଲୀ ରାଜମିସ୍ତ୍ରି କାମ କରି ପରିବାର ଚଳାନ୍ତି। ଗତ ଏକମାସ ହେବ ଉଭୟଙ୍କ ମଧ୍ୟରେ ଅଶାନ୍ତି ଲାଗି ରହୁଥିଲା। ଇତିମଧ୍ୟରେ ଶକୁନ୍ତଳା ଗର୍ଭବତୀ ହୋଇଥିଲେ। ଶୁକ୍ରବାର ରାତି ୮ଟାରେ ମୁରଲୀଧର ଘରୁ ବାହାରକୁ ଯିବାକୁ ବାହାରିଥିଲେ। ଶକୁନ୍ତଳା ବାରଣ କରିବାରୁ ମୁରଲୀଧର ରାଗିଯାଇ ତାଙ୍କୁ ଚୁଟିଧରି ଘୋଷାଡ଼ି ଆଣିବା ସହ ଏକ ହାତୁଡିରେ ତାଙ୍କ ମୁଣ୍ଡ ଓ ଶରୀରକୁ ବାରମ୍ବାର ପିଟି ଥିଲେ। ଶକୁନ୍ତଳାଙ୍କ ପ୍ରାଣବାୟୁ ଉଡ଼ିଯିବା ପରେ ମୃତଦେହ ଓ ହାତୁଡ଼ିକୁ ଖଟ ତଳେ ଫିଙ୍ଗି ଫେରାର ହୋଇଯାଇଥିଲେ। କିଛି କାମରେ ପଡୋଶୀ ଲୋକେ ଶକୁନ୍ତଳାଙ୍କୁ ଡାକିବା ପାଇଁ ଯାଇଥିବା ବେଳେ ଘଟଣା ଜଣାପଡିଥିଲା।

## କରୋନା ସହ ଅପରାଧ ରୋକିବାକୁ ଗୁରୁତ୍ୱ ଦେବି

**ଭୁବନେଶ୍ୱରର ନୂଆ ଡିସିପି ଭାବେ ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡା.ଉମାଶଙ୍କର ଦାଶ ଗତ ୨୦ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୟୂରଭଞ୍ଜ ଜିଲା ଯଶୀପୁରରେ ତାଙ୍କ ଘର ହୋଇଥିବାବେଳେ ଏହା ପୂର୍ବରୁ ସେ ଝାରସୁଗୁଡା, ରାଉରକେଲା ଓ ପୁରୀ ଏସ୍‌ପି ଭାବେ କାର୍ଯ୍ୟ କରି ଦକ୍ଷତା ଦେଖାଇଛନ୍ତି। ବିଶେଷକରି ଫନୀ ବାତ୍ୟା ଉଦ୍ଧାର କାର୍ଯ୍ୟ ଓ ନିକଟରେ ଭକ୍ତଶୂନ୍ୟ ରଥଯାତ୍ରାକୁ ଶୃଙ୍ଖଳିତ କରି ପ୍ରଶଂସା ସାଉଣ୍ଟିଛନ୍ତି। ତେବେ ଅପରାଧ, ଟ୍ରାଫିକ ଜାମ୍, ଆନ୍ଦୋଳନ ଆଦି ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଥିବା କମିଶନରେଟ ପୋଲିସ ପାଇଁ ଏବେ କରୋନା ମୁକାବିଲା ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରିସ୍ଥଳେ କିପରି ଏସବୁକୁ ଏକାସଙ୍ଗେ ସମ୍ଭାଳିବା ପାଇଁ ଡିସିପି ଦାଶ ପ୍ରସ୍ତୁତ ହେଉଛନ୍ତି, ସେ ସଂକ୍ରାନ୍ତରେ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।**

**▸▸ଗ୍ରାଉଣ୍ଡରେ ହିଁ ପୋଲିସ କର୍ମଚାରୀ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି। ବର୍ତ୍ତମାନ କୋଭିଡ୍ ସଂକ୍ରମଣ ରୋକିବାକୁ କ'ଣ ଯୋଜନା କରିଛନ୍ତି?**

● ବର୍ତ୍ତମାନ ମହାମାରୀ ସମୟରେ ପୋଲିସ କର୍ମଚାରୀ ନିଜେ ସୁରକ୍ଷିତ ରହି କିପରି ଲୋକଙ୍କୁ ସୁରକ୍ଷା ଯୋଗାଇବେ ତାହା ଉପରେ ପ୍ରାଥମିକତା ରହିବ। ସବୁ ସେଫ୍ଟି ପ୍ରୋଟୋକଲକୁ ଗୁରୁତ୍ୱ ଦିଆଯାଉଛି। କୋଭିଡ୍ ଟେଷ୍ଟ କରାଯିବାସହ ପିପିଇ କିଟ୍ ଯୋଗାଇ ଦିଆଯାଉଛି। ଏକ୍ଷେତ୍ରରେ ପୋଲିସ ବେଶ୍ ସଚେତନ ରହିଛି।

**▸▸ସମସ୍ତ ପୋଲିସ ପ୍ରଶାସନ କୋଭିଡ୍ ଡ୍ୟୁଟିରେ ନିୟୋଜିତ ରହୁଥିବାରୁ ତଦନ୍ତ ଓ ନ୍ୟାୟ ପ୍ରଦାନରେ ବାଧା ଉପୁଜୁଛି। କିପରି ଏହାର ସମାଧାନ କରିବେ?**

● ବର୍ତ୍ତମାନ ଆମର ପ୍ରାଥମିକତା ହେଲା କରୋନା ନିୟନ୍ତ୍ରଣ। କାରଣ ଲୋକଙ୍କ ଜୀବନ ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାସହ କିପରି ମୂଳ ଦାୟିତ୍ୱ ତଦନ୍ତ ପ୍ରକ୍ରିୟା ଠିକ୍ ଭାବେ ହୋଇପାରିବ, ସେଥିପାଇଁ ଚେଷ୍ଟା କରିବି।

**▸▸ସହରର ଗଳିକନ୍ଦିରେ ଚାଲିଥିବା ଡ୍ରଗ୍ସ କାରବାର ରୋକିବାକୁ କିଭଳି ପ୍ରୟାସ କରିବେ?**

● ଡ୍ରଗ୍ସ ଆମ ସମାଜ ପ୍ରତି ବଡ଼ ବିପଦ। ଏଥିପାଇଁ ହିଁ ଅଧିକ ଅପରାଧ ଘଟୁଛି। କିଭଳି ତୃଣମୂଳ ସ୍ତରରୁ ଏହି କାରବାର ବନ୍ଦ ହେବ ସେଥିପାଇଁ ଆମେ ନିରନ୍ତର ପ୍ରୟାସ କରିବୁ।

**▸▸ରାଜଧାନୀରେ ଏବେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ। କୋଭିଡ୍ ପାଇଁ ଆଗକୁ ଅର୍ଥନୈତିକ ଦୁରବସ୍ଥା ବଢ଼ିବା ସହ ଲୁଟ୍‌ପାଟ ମଧ୍ୟ ବଢ଼ିପାରେ। ଏଭଳି ସ୍ଥିତିକୁ କିଭଳି ଚ୍ୟାଲେଞ୍ଜ କରିବେ?**

● ହାର୍ଡକୋର ଅପରାଧୀଙ୍କ ଅପରାଧ ଇତିହାସର ଖୋଳତାଡ଼ କରାଯାଉଛି। ତାଲିକା ପରେ ସେମାନଙ୍କୁ ଜେଲ୍‌ରେ ପୂରାଇବୁ। ଏଥିପାଇଁ ସବୁପ୍ରକାର କଠୋର ପଦକ୍ଷେପ ନିଆଯିବ।

**▸▸ଥାନାଗୁଡ଼ିକରେ ପଡ଼ି ରହିଥିବା ମାମଲାର ସମାଧାନ ପାଇଁ କ'ଣ ପଦକ୍ଷେପ ନେବେ?**

● ହଁ, ଏହା ସତ। ଏହି ମାମଲାଗୁଡ଼ିକର ଅତିଶୀଘ୍ର ସମାଧାନ ପାଇଁ ଦୃଷ୍ଟି ଦେବି।

**▸▸ବଢୁଥିବା ସାଇବର ମାମଲା ସମ୍ପର୍କରେ କ'ଣ କହିବେ?**

● ସାଇବର ମାମଲାର ତଦନ୍ତ ଥାନା ଅଧିକାରୀଙ୍କୁ ଦିଆଯାଉଛି। ଏଭଳି ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଥାନାର ଦକ୍ଷ ଏସ୍‌ଆଇଙ୍କୁ ଆବଶ୍ୟକ ଟ୍ରେନିଂ ଦିଆଯିବ। ସେମାନେ ତଦନ୍ତରେ ସହଯୋଗ କରିବେ।



ଉମାଶଙ୍କର ଦାଶ, ଡିସିପି, ଭୁବନେଶ୍ୱର

ସାକ୍ଷାତ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର




କରୋନା ଆକ୍ରାନ୍ତଙ୍କ ଆରୋଗ୍ୟ ପାଇଁ ପ୍ଲାଜ୍‌ମା ଦାନ କରିବାକୁ ବାର୍ତ୍ତା ଦେଇ ଶୁକ୍ରବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ମୀନକେତନଙ୍କୁ 'ଗ୍ରେଟ୍ ଇଭାନଜେଲିଷ୍ଟ ଅଫ୍ ଇଣ୍ଡିଆ' ସମ୍ମାନ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ଭାରତୀର ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଲାଗି ଓଡିଏମ୍ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଡ. ମୀନକେତନଙ୍କୁ 'ଗ୍ରେଟ୍ ଇଭାନଜେଲିଷ୍ଟ ଅଫ୍ ଇଣ୍ଡିଆ' ସମ୍ମାନ ମିଳିଛି। ଅନ୍ତର୍ଜାତୀୟ ସଂଗଠନ ଫୋର୍ବସ ଇଣ୍ଡିଆ ପକ୍ଷରୁ ଏହି ପୁରସ୍କାର ଦିଆଯାଇଛି। ପୁରସ୍କାର ପାଇଥିବା ଦେଶର ୪୦ ଜଣ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଡ. ମୀନକେତନ ଅନ୍ୟତମ ରହିଛନ୍ତି। ଅହମ୍ମଦାବାଦଠାରେ ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର ଓ ଔପନ୍ୟାସିକ ଚେତନ ଭଗତଙ୍କ ଦ୍ୱାରା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ଫୋର୍ବସ ଇଣ୍ଡିଆ ତରଫରୁ ଏନେଇ ସୂଚନା ଦିଆଯାଇଛି। ଡ. ମୀନକେତନ କିପରି ୧୯୮୯ରେ ଭୁବନେଶ୍ୱର ଶିଖରଚଣ୍ଡୀସ୍ଥିତ ଏକ ବସ୍ତି ଅଞ୍ଚଳରେ ସ୍କୁଲଟିଏ ତିଆରି କରି ଶିକ୍ଷାକ୍ଷେତ୍ରରେ ଆନ୍ଦୋଳନ ଆରମ୍ଭ କରିଥିଲେ ସେ ସମ୍ପର୍କରେ କୁହାଯାଇଛି। ୧୦ଜଣ ଛାତ୍ରରୁ ଆରମ୍ଭ ହୋଇଥିବା ଏହି ସ୍କୁଲ୍ ଆଜି ଏକ ଆନ୍ତର୍ଜାତିକ ମାନର ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷା ଜଗତରେ ଡ. ମୀନକେତନଙ୍କ ଅମୂଲ୍ୟ ଯୋଗଦାନ ତାଙ୍କୁ ସୁନାମଧନ୍ୟ କରିପାରିଛି। ଏଥିସହିତ ଜଣେ ମୋଟିଭେଶନାଲ୍ ଲେଖକ ଓ ବକ୍ତା ଭାବେ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ପ୍ରାୟ ୧୬ଟି ଓଜସ୍ୱିନୀ ପୁସ୍ତକ ଲେଖିବା ସହ ନିରନ୍ତର ଜନହିତୈଷୀ ସେବା କରି ରାଷ୍ଟ୍ରପତି ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ଏହା ହିଁ ଫୋର୍ବସ ଇଣ୍ଡିଆ ଦୃଷ୍ଟିରେ ଏକ ନିଆରା ଉଦାହରଣ ବୋଲି କୁହାଯାଇଛି।



ଡ. ମୀନକେତନ ସମ୍ମାନ ଗ୍ରହଣ କରୁଛନ୍ତି।

## ଥାନାକୁ ମନା, ଡିସିପି ଅଫିସ୍‌ରେ ଭିଡ଼

**କଟକ ଅଫିସ,୨୪।୭**

**କଟକଣା ବେଳେ ସମ୍ବର୍ଦ୍ଧନା ପର୍ବ**

କରୋନା ସଂକ୍ରମଣ ରୋକିବା ପାଇଁ ବାହାରେ ବୁଲୁଥିବା ଲୋକଙ୍କୁ ପୋଲିସ ଟିକିନିଖି ଜେରା କରୁଛି। ଅମାନିଆଙ୍କୁ ଲାଠି ଉଠାଇବାକୁ ହେଳା କରୁନି। କଟକରେ ଦିନକୁ ଦିନ କରୋନା ସ୍ଥିତି ଉଦ୍‌ବେଗଜନକ ହେଲାଣି। ଅଥଚ ଏ ପରିସ୍ଥିତିରେ ଡିସିପିଙ୍କ କାର୍ଯ୍ୟାଳୟରେ ଫି' ଦିନ ଭିଡ଼ ଜମୁଛି। ଫୁଲମାଳ, ଉତ୍ତରୀୟ ଧରି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଡିସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସହରରେ ଗୋଟିଏ ପରେ ଗୋଟିଏ ସାହିକୁ ଡେଉଁଛି କରୋନା ଭୂତାଣୁ। ୩ଟି ଅଞ୍ଚଳ କଣ୍ଟେନମେଣ୍ଟ ଜୋନରେ ରହିଛି। ଜୁଲାଇ ଶେଷ ପର୍ଯ୍ୟନ୍ତ ଲକ୍‌ଡାଉନ ବଳବତ୍ତର ଥିବାବେଳେ ଡିସିପିଙ୍କ କାର୍ଯ୍ୟାଳୟରେ କିନ୍ତୁ ପ୍ରତିଦିନ ଏକ ପ୍ରକାର ଭିଡ଼ ଦେଖିବାକୁ ମିଳୁଛି। ଗତ ୨୦ ତାରିଖରେ ପ୍ରତୀକ ସିଂ ନୂତନ ଡିସିପି ଭାବେ ଯୋଗ ଦେଇଥିଲେ। ସେବେଠାରୁ ସମ୍ବର୍ଦ୍ଧନା ପର୍ବ ଲାଗି ରହିଛି। ଯୁବ ସଙ୍ଗଠନ, କଟକର ବିଭିନ୍ନ କ୍ଲବ, ପୂଜା କମିଟି ସଦସ୍ୟ, ସାମାଜିକ କର୍ମୀ ଡିସିପିଙ୍କ କାର୍ଯ୍ୟାଳୟରେ ରୁଣ୍ଡ ହେଉଛନ୍ତି। ଏ ସମୟରେ ସମ୍ବର୍ଦ୍ଧନା ଦେବାକୁ ସେମାନେ ଡିସିପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ନେଇ ପ୍ରଶ୍ନ ଉଠୁଛି। କେଉଁ ଜରୁରିକାଳୀନ କାରଣ ଦର୍ଶାଇ ସେମାନେ ପୋଲିସଙ୍କୁ ଭୁଆଁ ବୁଲାଇ ଡିସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚୁଛନ୍ତି, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହାକୁ ରୋକା ନ ଗଲେ ଡିସିପିଙ୍କ କାର୍ଯ୍ୟାଳୟରୁ ମଧ୍ୟ କରୋନା ପଜିଟିଭ ଚିହ୍ନଟ ହେବା ଆଶଙ୍କା ଅମୂଳକ ହେବନାହିଁ। ଅନ୍ୟପକ୍ଷରେ ଥାନାକୁ ପ୍ରବେଶ ପାଇଁ ସାଧାରଣ ଲୋକଙ୍କୁ ବାରଣ କରାଯାଇଛି। ଅଭିଯୋଗକାରୀ ଥାନା ବାହାରେ ରହି ଏତଲା ଦେଉଛନ୍ତି। ଡାଏରୀ ଚାର୍ଜ ଅଫିସର (ଡିଏସ୍‌ଓ) ଥାନା ବାହାରେ ଛିଡ଼ାହୋଇ ଅଭିଯୋଗ ସମ୍ପର୍କରେ ଆଲୋଚନା କରୁଛନ୍ତି। ମେଡିକାଲ ଫାଣ୍ଡିରେ ଜଣେ କନଷ୍ଟେବଲଙ୍କୁ କରୋନା ସଂକ୍ରମଣ ହେବା ପରେ ପୋଲିସର ଏଭଳି ଆଚରଣ ଦେଖିବାକୁ ମିଳିଥିଲା। କିନ୍ତୁ ଖୋଦ୍ ଡିସିପିଙ୍କ କାର୍ଯ୍ୟାଳୟର ଏହି ଭିଡ଼ ଭିନ୍ନ ବାର୍ତ୍ତା ଦେଉଛି। ଏନେଇ କଟକ ଡିସିପି ପ୍ରତୀକ ସିଂଙ୍କ ଫୋନ୍ ନମ୍ବରକୁ କଲ୍ ଓ ମେସେଜ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପକ୍ଷରୁ ପ୍ରତ୍ୟୁତ୍ତର ମିଳି ନ ଥିଲା।

## ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର, ୨୪।୭(ବ୍ୟୁରୋ):** ଚଳିତବର୍ଷ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ପୁରୀସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଭଲ ରେଜଲ୍ଟ କରିଛନ୍ତି। କ୍ରମାଗତ ଚତୁର୍ଥଥର ପାଇଁ ଶତପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ମୋଟ ୩୩ଜଣ ଛାତ୍ରୀଛାତ୍ର ଦ୍ୱାଦଶ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ସମସ୍ତେ ପାସ୍ କରିଥିବାବେଳେ ୧୧ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ, ୧୬ଜଣ ୮୦ ପ୍ରତିଶତରୁ ଅଧିକ ଓ ୬ଜଣ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିଭାବକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000-45,000 ରୋଜଗାର କରନ୍ତୁ । ଲାପ୍‌ଟପ୍ + ମୋବାଇଲ ମାଗଣା ଏସ୍‌ଏମ୍‌ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପ୍‌ଟପ୍ ମାଗଣା
07044895450
07044895402

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି । ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅଛି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସେପ୍ଟେମ୍ବର ୧୯ରୁ ଆଇପିଏଲ୍

ନୂଆଦିଲ୍ଲୀ,୨୪।୭(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବର ୧୯ ତାରିଖରୁ ଆଇପିଏଲ୍ ଆରମ୍ଭ ହୋଇ ନଭେମ୍ବର ୮ ତାରିଖରେ ଶେଷ ହେବ। ଏ ନେଇ ଆଇପିଏଲ ଚେୟାରମ୍ୟାନ ବ୍ରିଜେଶ ପଟେଲ ସୂଚନା ଦେଇଛନ୍ତି। ତେବେ ଆଇପିଏଲ୍ ଗଭର୍ନିଂ କାଉନ୍ସିଲ ଆସନ୍ତା ସପ୍ତାହରେ ବୈଠକ ବସି ଆଇପିଏଲ୍ ସମ୍ପର୍କରେ ଅନ୍ତିମ ନିଷ୍ପତ୍ତି ନେବ। ଆଇପିଏଲ କାର୍ଯ୍ୟସୂଚୀ ସ୍ଥିର କରାଯିବା ଉପରେ ମଧ୍ୟ ନିଷ୍ପତ୍ତି ନିଆଯିବ। ଏ ସଂକ୍ରାନ୍ତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସବୁ ଫ୍ରାଞ୍ଚାଇଜଗୁଡ଼ିକୁ ଅନୌପଚାରିକ ଭାବେ ଅବଗତ କରାଇଛି।

**ୟୁଏଇର ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, ସେଖ୍ ଜାଏଦ୍ ଷ୍ଟାଡିୟମ (ଆବୁଧାବି) ଓ ଶାରଜା ଗ୍ରାଉଣ୍ଡରେ ହେବ ମ୍ୟାଚ**

ଖୁବଶୀଘ୍ର ଗଭର୍ନିଂ କାଉନ୍ସିଲ ବୈଠକ ବସିବ। କିନ୍ତୁ କାର୍ଯ୍ୟସୂଚୀକୁ ଅନ୍ତିମ ରୂପ ଦିଆଯାଇଛି। ଆଇପିଏଲ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ନଭେମ୍ବର ୮ ତାରିଖରେ ଶେଷ ହେବ। ସରକାର ମଧ୍ୟ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଅନୁମତି ଦେବେ ବୋଲି ପଟେଲ ଆଶା ପ୍ରକାଶ କରିଛନ୍ତି। ଆଇପିଏଲ ପୂରା ୫୧ ଦିନ ମଧ୍ୟରେ ଆୟୋଜନ ହେବ ବୋଲି ସେ ଗୁରୁବାର ସ୍ପଷ୍ଟ କରିଛନ୍ତି।

କୋଭିଡ୍-୧୯ ମହାମାରୀ କାରଣରୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ୍ (ଆଇସିସି) ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ଘୁଞ୍ଚାଇ ଦେଇଛି। ଫଳରେ ଆଇପିଏଲ୍ ଆୟୋଜନ ହେବା



ନେଇ ବାଟ ଖୋଲିଥିଲା। ମହାମାରୀ କାରଣରୁ ବିଶ୍ୱକପ୍ ଆୟୋଜନ କରିବାକୁ ଅଷ୍ଟ୍ରେଲିଆ ଅକ୍ଷମତା ପ୍ରକାଶ କରିଥିଲା। କୋଭିଡ୍-୧୯ ବିରୋଧରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍ଓପି) ପ୍ରସ୍ତୁତ କରାଯାଉଛି ଓ ଏ ନେଇ ବିସିସିଆଇ ଔପଚାରିକ ଭାବେ ଏମିରେଟ୍ସ କ୍ରିକେଟ ବୋର୍ଡକୁ ଚିଠି ଲେଖି ଜଣାଇଛି।

ଆଗାମୀ କିଛିଦିନ ମଧ୍ୟରେ ଏସ୍ଓପି ପ୍ରସ୍ତୁତ କରିବୁ। ତେବେ ଷ୍ଟାଡିୟମରେ ଦର୍ଶକଙ୍କୁ ମ୍ୟାଚ ଦେଖିବାର ସୁଯୋଗ ଦେବା ନେଇ ୟୁଏଇ ସରକାର ନିଷ୍ପତ୍ତି ନେବେ। ଏ ସଂକ୍ରାନ୍ତରେ ୟୁଏଇ ବୋର୍ଡକୁ ଆମେ ଔପଚାରିକ ଭାବେ ଚିଠି ଲେଖି ଜଣାଇବୁ ବୋଲି ପଟେଲ କହିଛନ୍ତି। ୟୁଏଇରେ ୩ଟି ଗ୍ରାଉଣ୍ଡ ଯଥା ଦୁବାଇ ଇଣ୍ଟନ୍ୟାଶନାଲ ଷ୍ଟାଡିୟମ, ସେଖ୍ ଜାଏଦ୍ ଷ୍ଟାଡିୟମ (ଆବୁଧାବି) ଓ ଶାରଜା ଗ୍ରାଉଣ୍ଡ ରହିଛି। ଏହି ୩ଟି ଷ୍ଟାଡିୟମ୍‌ରେ ଆଇପିଏଲ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ବିସିସିଆଇ ଆଇସିସି ଏକାଡେମୀର ଗ୍ରାଉଣ୍ଡଗୁଡ଼ିକୁ ଅଭ୍ୟାସ ପାଇଁ ହାତରେ ରଖିବ। ଆଇସିସି ଏକାଡେମୀରେ ୨ଟି ଫୁଲ ସାଇଜ୍‌ର କ୍ରିକେଟ ଗ୍ରାଉଣ୍ଡ ରହିଛି ଓ ଏଥିରେ ୩୮ଟି ଟର୍ଫ ପିଚ୍, ୬ଟି ଇନ୍‌ଡୋର ପିଚ୍, ୫୭୦୦ ସ୍କୋୟାର ଫୁଟର ଆଉଟ୍‌ଡୋର କଣ୍ଡିସନିଂ ଏରିଆ ସହିତ ଫିଜିଓଥେରାପି ଓ ମେଡିସିନ ସେଣ୍ଟର ରହିଛି। ଦୁବାଇରେ ହେଲ୍‌ଥ ପ୍ରୋଟୋକଲ ଅନୁସାରେ ନେଗେଟିଭ୍ କୋଭିଡ୍-୧୯ ଟେଷ୍ଟ ରିପୋର୍ଟ ଥିଲେ କୌଣସି ବ୍ୟକ୍ତି କ୍ୱାରାଣ୍ଟାଇନ୍‌ରେ ରହିବାର ଆବଶ୍ୟକତା ନାହିଁ। ତେବେ ଯଦି ନେଗେଟିଭ୍ ରିପୋର୍ଟ ନାହିଁ ତାହାଲେ ଟେଷ୍ଟ କରିବାକୁ ହେବ। ପୂର୍ବରୁ ଆଇପିଏଲ୍ ସେପ୍ଟେମ୍ବର ୨୬ରେ ଆରମ୍ଭ ହେବ ବୋଲି ଅନୁମାନ କରାଯାଉଥିଲା। ତେବେ ଭାରତର ଅଷ୍ଟ୍ରେଲିଆ ଗସ୍ତ ନେଇ କୌଣସି ସମସ୍ୟା ନ ରଖିବାକୁ ବିସିସିଆଇ ଆଗୁଆ ଗୋଟିଏ ସପ୍ତାହ ଆଇପିଏଲ୍ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସରକାରଙ୍କ ନିୟମ ଅନୁସାରେ ଅଷ୍ଟ୍ରେଲିଆ ଭାରତୀୟ ଦଳ ବାଧ୍ୟତାମୂଳକ ଭାବେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବା ନିୟମ ରହିଛି। ଏଥିରେ ଡେରି ହେଲେ ସମସ୍ୟା ରହିବାର ସମ୍ଭାବନା ରହିଛି। ପୂରା ୭ ସପ୍ତାହ ଆଇପିଏଲ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବାରୁ ବ୍ରାଡକାଷ୍ଟରମାନେ ଖୁସି ଅଛନ୍ତି। ପ୍ରତ୍ୟେକ ଶନିବାର ଓ ରବିବାର ଦୁଇଟି ଲେଖାଏ ମ୍ୟାଚ ଖେଳାଯିବ। ଆଇପିଏଲ୍ ପରେ ଭାରତ ଅଷ୍ଟ୍ରେଲିଆରେ ଡିସେମ୍ବର ୩ ତାରିଖରୁ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଆରମ୍ଭ କରିବ। ଟ୍ରେନିଂ ନେବାକୁ ଗୋଟିଏ ମାସ ଅତିକମ୍‌ରେ ଜରୁରୀ। ତେଣୁ ଅଗଷ୍ଟ ୨୦ ସୁଦ୍ଧା ଫ୍ରାଞ୍ଚାଇଜ୍‌ମାନେ ବେସ୍‌ରେ ପହଞ୍ଚିବେ। ପ୍ରଥମେ ମାର୍ଚ୍ଚ ଶେଷରେ ଆଇପିଏଲ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯାଇଥିଲା। ଆଇପିଏଲ ଚଳିତବର୍ଷ ଆୟୋଜନ ହେବ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଜୋର ଦେଇ କହି ଆସୁଥିଲେ।

# ପୋପ ୯୧*, ଇଂଲଣ୍ଡ ୨୫୮/୪

ମାଞ୍ଚେଷ୍ଟର, ୨୪।୭

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ତୃତୀୟ କ୍ରିକେଟ ଟେଷ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ରୋରି ବର୍ନ୍ସ, ଓଲି ପୋପ୍ ଓ ଜୋସ୍ ବଟଲରଙ୍କ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ପ୍ରଥମ ଦିବସ ଶେଷ ସୁଦ୍ଧା ୪ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ୭୭ ବଲ୍‌ରୁ କ୍ୟାରିୟରର ୪ର୍ଥ ଅର୍ଦ୍ଧଶତକ ହାସଲ କରିଥିବା ପୋପ୍ ୧୪୨ ବଲରୁ ୯୧ ଓ ଜୋସ୍ ବଟଲର ୫୬ ରନରେ ଅପରାଜିତ ରହିଥିଲେ।

ଦଳୀୟ ସ୍କୋର ମାତ୍ର ୧ ଥିବାବେଳେ ଡୋମିନିକ୍ ସିବ୍‌ଲେ(୦)ଙ୍କୁ ଆଉଟ କରି ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ କେମର ରୋଚ୍। ଅଧିନାୟକ ଜୋ ରୁଟ୍ କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ରନଆଉଟ ହୋଇଥିଲେ। ୫୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୁଟ୍ ମାତ୍ର ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ୪୭ ରନରେ ଦଳ ଦ୍ୱିତୀୟ ଉଇକେଟ ହରାଇଥିଲା। ରୋରି ବର୍ନ୍ସ ଓ


ଓଲି ପୋପ

ବେନ୍ ଷ୍ଟୋକ୍ସ ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ତେବେ ଦ୍ୱିତୀୟ ଟେଷ୍ଟରେ ଶତକୀୟ ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବା ଷ୍ଟୋକ୍ସ ଏଠାରେ ସେହି ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲେ। ୩ୟ ଉଇକେଟ ଯୋଡ଼ିରେ ୪୫ ରନ ଭାଗୀଦାରି ହେବାପରେ ବ୍ୟକ୍ତିଗତ ୨୦(୪୩ ବଲ, ୨ ଚୌକା) ରନ କରି ସେ ରୋଚ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଆତ୍ମବିଶ୍ୱାସର ସହ ଖେଳି ୧୨୬ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ ବର୍ନ୍ସ। ଏହାଥିଲା ତାଙ୍କ କ୍ୟାରିୟରର ୭ମ ଟେଷ୍ଟ ଅର୍ଦ୍ଧଶତକ। ତେବେ ସେ ୧୪୭ ବଲ୍‌ରୁ ୪ ଚୌକା ସହ ୫୭ ରନ କରିଥିବାବେଳେ ରଷ୍ଟନ ଚେଜ୍‌ଙ୍କ ବଲ୍‌ରେ ସ୍ଲିପ୍‌ରେ ରାକିମ କର୍ନୱାଲଙ୍କୁ କ୍ୟାଚ ଦେଇ ସେ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୧୨୨ ରନରେ ଘରୋଇ ଦଳ ୪ର୍ଥ ଉଇକେଟ ହରାଇଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ କେମର ରୋଚ୍ ୨ଟି ଓ ରଷ୍ଟନ ଚେଜ୍ ଗୋଟିଏ ଉଇକେଟ ନେଇଥିଲେ।

ୱେଷ୍ଟଇଣ୍ଡିଜ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ସାମ କୁରାନ ଓ ଜ୍ୟାକ କ୍ରଲିଙ୍କ ବଦଳରେ ଇଂଲଣ୍ଡ ଜୋଫ୍ରା ଆର୍ଚର ଓ ଜେମ୍ସ ଆଣ୍ଡରସନଙ୍କୁ ଦଳରେ ସାମିଲ କରିଛି। ଅର୍ଥାତ୍ ୪ ପେସର ଏବଂ ଜଣେ ସ୍ପିନରଙ୍କୁ ନେଇ ଇଂଲଣ୍ଡ ଏହି ଟେଷ୍ଟ ଖେଳୁଛି।

# ବକ୍ସିଂ ରିଙ୍ଗ୍‌କୁ ଫେରିବେ ଟାଇସନ

**ନୂଆଦିଲ୍ଲୀ, ୨୪।୭:** ବିଶ୍ୱ ବକ୍ସିଂ ଇତିହାସରେ ସର୍ବକନିଷ୍ଠ ହେଭିୱେଟ ଚାମ୍ପିୟନ ହେଉଛନ୍ତି ଆମେରିକାର ମାଇକ୍ ଟାଇସନ। ୧୯୮୬ରେ ମାତ୍ର ୨୦ ବର୍ଷ ବୟସରେ ସେ ଏହି ଟାଇଟଲ ଜିତିଥିଲେ। ନିଜ ସମୟରେ ସବୁଠାରୁ ଭୀତିପ୍ରଦ ଫାଇଟରଭାବେ ପରିଚିତ ହେଉଥିବା ଟାଇସନଙ୍କ କ୍ୟାରିୟର ବିବାଦରେ ମଧ୍ୟ ଭରପୂର ଥିଲା। ଏକ ସମୟରେ ସେ ବକ୍ସିଂ ଜଗତରେ ସବୁଠାରୁ ଖରାପ ବ୍ୟକ୍ତିତ୍ୱ ବିବେଚିତ ହେଉଥିଲେ ହେଁ ଜଣେ ପ୍ରସିଦ୍ଧ ବକ୍ସର ମଧ୍ୟ ଥିଲେ। ଗୋଟିଏ ପଞ୍ଚ୍‌ରେ ପ୍ରତିପକ୍ଷଙ୍କୁ ଧରାଶାୟୀ କରିବାର ଦକ୍ଷତା ତାଙ୍କ ନିକଟରେ ଥିଲା। ୨୦୦୫ରେ ସେ କ୍ରମାଗତ ୨ଟି ଲଢ଼େଇ ହାରିବାପରେ ଆଉ ବକ୍ସିଂ ରିଙ୍ଗ୍‌ରେ ଦେଖିବାକୁ ମିଳି ନ ଥିଲେ। ୫୪ ବର୍ଷୀୟ ଟାଇସନ ଏବେ ବକ୍ସିଂ ରିଙ୍ଗ୍‌କୁ ପୁଣିଥରେ ଓହ୍ଲାଇବାକୁ ଘୋଷଣା କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୧୨ରେ ସେ ୪ଟି ଡିଭିଜନ ଚାମ୍ପିୟନ ଆମେରିକାର ରୟ ଜୋନ୍ସ



ଜୁନିୟରଙ୍କ ବିପକ୍ଷରେ ଲଢ଼ିବେ। କାଲିଫର୍ନିଆର ଡିଗ୍ନିଟି ହେଲ୍‌ଥ ସ୍ପୋର୍ଟ୍ସ ପାର୍କରେ ୮ ରାଉଣ୍ଡ ବିଶିଷ୍ଟ ପ୍ରଦର୍ଶନୀ ମ୍ୟାଚରେ ଉଭୟ ପରସ୍ପରକୁ ଭେଟିବେ।

ନିଜର ଆକ୍ରମଣାତ୍ମକ ଶୈଳୀ ପାଇଁ ଟାଇସନ ଲଢ଼େଇ ସମୟରେ ନିଜ ପ୍ରଶଂସକ ମାନଙ୍କୁ ସର୍ବଦା ଭୟଭୀତ କରି ରଖିଥାନ୍ତି। ୧୯୮୦ ଦଶକର ଶେଷ ଭାଗରେ ସେ ଆଧିପତ୍ୟ ବିସ୍ତାର କରିଥିଲେ ଏବଂ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ। ବିଶ୍ୱର ଏକମାତ୍ର ବକ୍ସରଭାବେ ସେ ଡବ୍ଲ୍ୟୁବିଏ, ଡବ୍ଲ୍ୟୁବିସି ଏବଂ ଆଇବିଏଫ ଟାଇଟଲ ହାସଲ କରିଥିଲେ। ଟାଇସନ ନିଜ ପ୍ରଥମ ୧୯ ଫାଇଟ୍‌କୁ ନକ୍‌ଆଉଟରେ ଜିତିଥିଲେ। ଏହା ମଧ୍ୟରୁ ୧୨ଟିରେ ସେ ପ୍ରଥମ ରାଉଣ୍ଡରେ ହିଁ ବିଜୟ ହାସଲ କରିଥିଲେ। ୯୦ ଦଶକର ଶେଷ ଭାଗରେ ତାଙ୍କ ପ୍ରଭାବ ହ୍ରାସ ପାଇବାରେ ଲାଗିଲା। ଶେଷରେ ୨୦୦୫ରେ ସେ ଏହି କ୍ରୀଡ଼ାରୁ ଓହରି ଯାଇଥିଲେ। ୫୧ ବର୍ଷୀୟ ଜୋନ୍ସ ପୂର୍ବରୁ ମିଡଲୱେଟ, ସୁପର ମିଡଲୱେଟ, ଲାଇଟ ହେଭିୱେଟ ଏବଂ ୨୦୦୩ରେ ହେଭିୱେଟ ଟାଇଟଲ ଜିତିଛନ୍ତି।

# ୨୦୨୦ରେ ଆଉ ୩ ନୂଆ ଫର୍ମୁଲା ୱାନ୍ ଗ୍ରାଁ ପ୍ରି

**ପ୍ୟାରିସ୍, ୨୪।୭ (ଏପି):** କରୋନା ମହାମାରୀ ଯୋଗୁ ୨୦୨୦ରେ ବ୍ରାଜିଲ, କାନାଡା, ମେକ୍ସିକୋ ଓ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)ରେ ହେବାକୁଥିବା ୪ ଫର୍ମୁଲା ୱାନ୍ ରେସ୍‌କୁ ବାତିଲ କରାଯାଇଥିବାବେଳେ କ୍ୟାଲେଣ୍ଡରରେ ଅନ୍ୟ ୩ଟି ରେସ୍ ସାମିଲ କରାଯାଇଛି। ଅକ୍ଟୋବର ୧୧ରେ ଜର୍ମାନୀର ଆଇକନିକ୍ ନୁର୍‌ବର୍ଗରିଙ୍ଗ୍‌ଠାରେ ଇଫିଲ ଗ୍ରାଁ ପ୍ରି ଏବଂ ଏହାର ଦୁଇ ସପ୍ତାହ ପରେ ପୋର୍ଟିମାଓଠାରେ ପର୍ତ୍ତୁଗୀଜ୍ ଗ୍ରାଁ ପ୍ରି ଆୟୋଜିତ ହେବ। ନଭେମ୍ବର ୧ରେ ଇଟାଲିରେ ଇମିଲିଆ-ରୋମାଗନା ଗ୍ରାଁ ପ୍ରି ହେବ। ୟୁ.ଏସ୍. ଗ୍ରାଁ ପ୍ରି ଅକ୍ଟୋବର ଶେଷ ଭାଗରେ ଏବଂ ବ୍ରାଜିଲ ଓ ମେକ୍ସିକୋରେ ରେସ୍ ନଭେମ୍ବରରେ ହେବାର କାର୍ଯ୍ୟକ୍ରମ ରହିଥିଲା। ଜୁନ୍ ମଧ୍ୟ ଭାଗରେ ହେବାକୁଥିବା କାନାଡ଼ାରେ ରେସ୍ ସ୍ଥଗିତ ହୋଇସାରିଛି। ତିନୋଟି ନୂଆ ରେସ୍ ଯୋଗୁ ଏହି ସିଜନରେ ୟୁରୋପରେ ମୋଟ ଫର୍ମୁଲା ୱାନ ରେସ୍ ସଂଖ୍ୟା ୧୩ରେ ପହଞ୍ଚିଛି। ଡିସେମ୍ବର ମଧ୍ୟଭାଗରେ ରେସ୍ ସିଜନ ଶେଷ ହେବା ବେଳକୁ ଫର୍ମୁଲା ୱାନ କର୍ତ୍ତୃପକ୍ଷ ୧୫ରୁ ୧୮ ରେସ୍ ଆୟୋଜନ ଲାଗି ଆଶା ରଖିଛନ୍ତି।

## ଆନନ୍ଦଙ୍କ ହ୍ୟାଟ୍ରିକ ପରାଜୟ

**ଚେନ୍ନାଇ,୨୪।୭(ପି.ଟି.):** ଲିଜେଣ୍ଡ୍ସ ଅଫ୍ ଚେସ୍ ଅନ୍‌ଲାଇନ୍ ଟୁର୍ନାମେଣ୍ଟରେ ପୂର୍ବତନ ବିଶ୍ୱଚାମ୍ପିୟନ ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କ ଖରାପ ପ୍ରଦର୍ଶନ ଜାରି ରହିଛି। ସେ କ୍ରମାଗତ ତୃତୀୟ ପରାଜୟ ବରଣ କରିଛନ୍ତି। ଗୁରୁବାର ସେ ରୁଷିଆର ଭ୍ଲାଡିମୀର କ୍ରାମ୍‌ନିକଙ୍କଠାରୁ ପରାସ୍ତ ହୋଇଛନ୍ତି। ପ୍ରଥମ ୨ ରାଉଣ୍ଡରେ ପିଟର ସିଡଲର ଓ ମାଗ୍ନେସ କାର୍ଲସେନଙ୍କଠାରୁ ହାରିଥିଲେ।

## Business

## ଚେନ୍ନାଇରେ ଆଇଫୋନ୍ ମାନୁଫାକ୍‌ଚରିଂ

**ନୂଆଦିଲ୍ଲୀ,୨୪।୭:** ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ଆମେରିକାର ପ୍ରମୁଖ ମୋବାଇଲ କମ୍ପାନୀ ଆପଲ ଏହାର ଆଇଫୋନ୍-୧୧ ମଡେଲର ଉତ୍ପାଦନ ଭାରତରେ ଆରମ୍ଭ କରିଛି। ଏଥି ଲାଗି କମ୍ପାନୀ ଚେନ୍ନାଇ ସହରର ଫକ୍ସକନ ପ୍ଲାଣ୍ଟକୁ ଚୟନ କରିଥିବା ଜଣାପଡିଛି। କମ୍ପାନୀର ଏହି କାରଖାନାରୁ ଆଇଫୋନ ପାଇଁ ଆବଶ୍ୟକ ପ୍ରମୁଖ ସରଞ୍ଜାମ (ଡିଭାଇସ୍) ଉତ୍ପାଦନ ସହ ଏକ ସ୍ୱପ୍ନର କାରଖାନା ଭାରତ ବର୍ଷରେ ନିର୍ମାଣ କରିବା ପାଇଁ ଯୋଜନା ରଖିଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର ଟୁଇଟ ଯୋଗେ ଏ ସମ୍ପର୍କରେ ଘୋଷଣା ମଧ୍ୟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ,ଏହା ଫଳରେ ଭାରତର ଆଭିମୁଖ୍ୟ ସଫଳ ହେବା ସହ ଆପଲ ପ୍ରଡକ୍ଟର ଚାହିଦା ଭାରତ ବଜାରରେ ବୃଦ୍ଧି ପାଇବ। ସେହିଭଳି କମ୍ପାନୀ ମଧ୍ୟ ଭାରତରେ ପ୍ରଥମ ଥର ପାଇଁ ଆଇଫୋନ୍-୧୧ର ଉତ୍ପାଦନ କରିଛି। କମ୍ପାନୀ ପୂର୍ବରୁ ଭାରତରେ ତା'ର ମଡେଲ ଓ କାରବାର ବିଭିନ୍ନ ସହରରେ କରୁଛି।

## ପର୍ପଲର ଅନ୍‌ଲାଇନ ବିୟୁଟି ସେଲ୍

**ଭୁବନେଶ୍ୱର,୨୪।୭:** ଭାରତର ଅଗ୍ରଣୀ ବିଉଟି ମାର୍କେଟ ପ୍ଲେସ୍ ପର୍ପଲ ପକ୍ଷରୁ ଅଗଷ୍ଟ ୪ରୁ ୮ ପର୍ଯ୍ୟନ୍ତ ଏକ ଅନ୍‌ଲାଇନ ବିଉଟି ସେଲ୍ ଆୟୋଜନ କରାଯାଉଛି। ପର୍ପଲ ଡଟ୍ କମ୍‌ରେ ଆଇ ଲଭ ବିୟୁଟି ନାମରେ ଏହି ୫ଦିନିଆ ବିକ୍ରି ଉତ୍ସବ ସହ ୫୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଏବଂ ୧୫୦୦୦ରୁ ଅଧିକ ବିୟୁଟି ସାମଗ୍ରୀ ଉପଲବ୍ଧ ରହିବ। ଏହି ପ୍ରଦର୍ଶନରେ ଜଣାଶୁଣା ବ୍ରାଣ୍ଡ ସହ ବିଭିନ୍ନ ପ୍ରକାର ସାମଗ୍ରୀ ଏବଂ ବିୟୁଟି ଉତ୍ପାଦ ଅନ୍‌ଲାଇନରେ ଉପଲବ୍ଧ ହେବ। ଏହି କାର୍ଯ୍ୟକ୍ରମରେ ବିକ୍ରେତାମାନେ ସାଧାରଣ ଦିନଗୁଡିକ ତୁଳନାରେ ୩ ଗୁଣା ଅଧିକ ରିହାତି ପାଇବେ। କମ୍ ମୂଲ୍ୟରେ ଉତ୍ପାଦ କ୍ରୟ ସହ ଆକର୍ଷଣୀୟ ଅଫରର ଲାଭ ଭାରତୀୟ ଗ୍ରାହକମାନେ ପାଇପାରିବେ ବୋଲି କମ୍ପାନୀର ସହପ୍ରତିଷ୍ଠାତା ଓ ସିଇଓ ମନୀଷ ତନେଜା ସୂଚନା ଦେଇଛନ୍ତି।

# ବ୍ୟାଙ୍କଗୁଡ଼ିକର ଚିନ୍ତା ବଢ଼ାଇବ ଏନ୍‌ପିଏ

ମୁମ୍ବାଇ,୨୪।୭

ଦେଶର ବ୍ୟାଙ୍କିଙ୍ଗ୍ ସିଷ୍ଟମ ସୁରକ୍ଷିତ ରହିଛି। ବ୍ୟାଙ୍କଗୁଡିକ ବର୍ତ୍ତମାନ ଅନାଦାୟ ଋଣ(ଏନ୍‌ପିଏ) ସମସ୍ୟା ସହ ଜୁଝୁଛନ୍ତି। ବର୍ତ୍ତମାନ କରୋନା ଯୋଗୁ ଦେଶର ବଜାର ଗଭୀର କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ଏନ୍‌ପିଏ ବୃଦ୍ଧି ବ୍ୟାଙ୍କଗୁଡ଼ିକର ଚିନ୍ତା ବଢ଼ାଇବ। ବ୍ୟାଙ୍କଗୁଡ଼ିକର ମୋଟ ଏନ୍‌ପିଏ ଅନୁପାତ ୮.୫%ରୁ ୨୦୨୧ ମାର୍ଚ୍ଚ ବେଳକୁ ୧୨.୫% ଛୁଇଁପାରେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ଆକଳନ କରାଯାଇଛି। ସ୍ଥିତି ଯଦି ବେଶି ବିଗିଡେ ତେବେ ଏହା ୧୪.୭%କୁ ମଧ୍ୟ ବୃଦ୍ଧି ଘଟିପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଏହାର ଦ୍ୱିମାସିକ ଫାଇନାନ୍ସିଆଲ ଷ୍ଟାବିଲିଟି (ଏଫ୍ଏସ୍ଆର୍) ରିପୋର୍ଟରେ ପ୍ରକାଶ କରିଛି। ଏହି ରିପୋର୍ଟକୁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଉନ୍ମୋଚନ କରିଥିଲେ।

ଏହି ପରିପ୍ରେକ୍ଷୀରେ ଗଭର୍ନର ଦାସ କହିଛନ୍ତି ଯେ, କୋଭିଡ୍-୧୯ ଯୋଗୁ ଏକ ଅନିଶ୍ଚିତ ସ୍ଥିତି ସାମ୍ନାକୁ ଆସିଛି। ଏହା ହୁଏତ ଆମେ କେହି ପୂର୍ବରୁ କେବେ ସାମ୍ନା କରିନାହାନ୍ତି। ଦେଶର ଅର୍ଥ



ବ୍ୟବସ୍ଥା ଗଭୀର ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଠିକ୍ ଏତିକି ବେଳେ ମହାମାରୀ ଜନିତ ସମସ୍ୟା ଦେଶକୁ ସାମ୍ନା କରିବାକୁ ପଡୁଛି। କୋଭିଡ୍ ଯୋଗୁ ଦେଶର ବିଭିନ୍ନ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି। ଲକ୍‌ଡାଉନ କଟକଣା ଧୀରେ ଧୀରେ କୋହଳ କରାଯାଉଥିବାରୁ ବଜାର ଟ୍ରାକ୍‌କୁ ଫେରୁଥିବା ପ୍ରତୀୟମାନ ହେଉଛି। ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବାକୁ ହେଲେ ଦେଶର ଫାଇନାନ୍ସ ସିଷ୍ଟମକୁ ଦୃଢ କରି ରଖିବାକୁ ହେବ। ସେହିଭଳି ଫାଇନାନ୍ସ ସିଷ୍ଟମର ଅଂଶୀଦାରମାନେ ରିସ୍କ ମ୍ୟାନେଜମେଣ୍ଟକୁ ଫୋକସ କରିବା ସହ ନିଜକୁ ଶକ୍ତିଶାଳୀ କରିବାକୁ ପଡିବ ବୋଲି ଶକ୍ତିକାନ୍ତ ଆହ୍ୱାନ ଦେଇଛନ୍ତି।

### ଅଭିବୃଦ୍ଧି ନିମ୍ନଗାମୀ ରହିବ

କୋଭିଡ୍-୧୯ର ପ୍ରଭାବ ବଜାର ଉପରେ କେତେ ସମୟ ଯାଏ ରହିବ ତାହା ବର୍ତ୍ତମାନ ଅନିଶ୍ଚିତ ହୋଇ ରହିଛି। ଏହା ଯୋଗୁ ଆର୍ଥିକ ବର୍ଷ ୨୦୧୯ରେ ଭାରତର ଅଭିବୃଦ୍ଧି ନିମ୍ନଗାମୀ ରହିବ ବୋଲି ରିଜର୍ଭ ବ୍ୟାଙ୍କ ମତ ପ୍ରକାଶ କରିଛି। ଅଭିବୃଦ୍ଧି ନିମ୍ନଗାମୀ ହେବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପୂର୍ବରୁ କହି ସାରିଥିବା ବେଳେ କେତେ ହାରରେ ଜିଡିପି ଖସିବ ସେ ନେଇ ସ୍ପଷ୍ଟ କରି ନ ଥିଲା। ହେଲେ ଦେଶର ଜିଡିପି ୯.୫% ଖସିଯିବ ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ମାତ୍ର ମହାମାରୀ ଯୋଗୁ

**ବ୍ୟାଙ୍କିଙ୍ଗ୍ ସିଷ୍ଟମ ସୁରକ୍ଷିତ: ରିଜର୍ଭ ବ୍ୟାଙ୍କ**

ଅଭିବୃଦ୍ଧି ଲଗାତର ଭାବେ ଖସିବ ବୋଲି ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଏଫ୍ଏସ୍ଆର୍ ରିପୋର୍ଟରେ ପ୍ରକାଶ କରିଛି। ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ ହେବା ସହ କରୋନା ମାମଲା ହ୍ରାସ, ଚାହିଦାରେ ଉନ୍ନତି ଏବଂ ଯୋଗାଣ ବ୍ୟବସ୍ଥାରେ ସୁଧାର ଭଳି ଘଟଣା ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଦିଗରେ ପ୍ରମୁଖ ଯୋଗଦାନ ରଖିବ। ଏ କ୍ଷେତ୍ରରେ ବିଶ୍ୱ ସ୍ତରର ବାଣିଜ୍ୟ ଏବଂ ଫାଇନାନ୍ସ ସ୍ଥିତି ଅନେକ ଗୁରୁତ୍ୱବହନ କରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ରହିଛି।

# ୧୧ ଲକ୍ଷ ବିଏସ୍-୬ ଯାନ ବିକିଲା ହୋଣ୍ଡା ଟୁହ୍ୱିଲର୍ସ



**ନୂଆଦିଲ୍ଲୀ,୨୪।୭:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୧୧ ଲକ୍ଷ ୟୁନିଟ ଦୁଇଚକିଆ ଯାନ ବିକ୍ରି ମାଇଲଖୁଣ୍ଟ ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ଦେଶର ଏକ ପ୍ରମୁଖ ଯାନ ନିର୍ମାତା କମ୍ପାନୀ ଭାବେ ହୋଣ୍ଡା ବିଏସ୍-୬ ବଜାରରେ ଲାଗୁ ହେବାର ଛଅ ମାସ ଆଗରୁ ଏହାର ବିଭିନ୍ନ ମଡେଲ ଶୁଭାରମ୍ଭ କରିଥିଲା। ୨୦୧୯ ସେପ୍ଟେମ୍ବରରେ କମ୍ପାନୀ ଆକ୍ଟିଭା ୧୨୫କୁ ବଜାରକୁ ଛାଡିଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ହୋଣ୍ଡା ୬.୫ ଲକ୍ଷ ୟୁନିଟ ବିଏସ୍-୬ ଯାନ ବିକ୍ରି କରିଛି। ଏହା ଇଣ୍ଡଷ୍ଟ୍ରିରେ ସର୍ବାଧିକ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଶୁକ୍ରବାର ସୁଦ୍ଧା କମ୍ପାନୀର ବିଏସ୍-୬ ଯାନ ବିକ୍ରି ୧୧ ଲକ୍ଷ ୟୁନିଟ ଟପିଛି। ନୂଆ ମାନକଯୁକ୍ତ ଯାନକୁ ଗ୍ରାହକ ବେଶ୍ ପସନ୍ଦ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ବିଶ୍ୱ ସ୍ତରୀୟ ପେଟେଣ୍ଟର ଟେକ୍ନୋଲୋଜି, ଫାଷ୍ଟ ଇନ କ୍ଲାସ୍ ଫିଚର, ଷ୍ଟାଇଲ ଏବଂ ସୁବିଧା ସହ ଅନ୍ୟ ବୈଶିଷ୍ଟ୍ୟ ଗ୍ରାହକ ଲାଭ କରିପାରିବେ। ଏହି ପରିପ୍ରେକ୍ଷୀରେ କମ୍ପାନୀର ସେଲ୍ସ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି ଯେ, ଏଭଳି ବିକ୍ରି ସଫଳତାକୁ ନେଇ ଅତ୍ୟନ୍ତ ଖୁସି। ଗ୍ରାହକଙ୍କୁ ଚାହିଦାକୁ କମ୍ପାନୀ ସର୍ବଦା ଅଗ୍ରାଧିକାର ଦେଇ ଆସିଛି। ଏହି ଧାରାକୁ ବଜାୟ ରଖିବା ଲାଗି ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ ଦିଆଯାଉଛି।

## ରିଲାଏନ୍ସ ରିଟେଲରେ ନିବେଶ କରିପାରେ ଆମାଜନ

**ବାଙ୍ଗାଲୋର,୨୪।୭:** ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରିଟେଲ ଆର୍ମ ରିଲାଏନ୍ସ ରିଟେଲରେ ନିବେଶ ଲାଗି ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ ଆଗ୍ରହ ଦେଖାଇଛି। ଜେଫ୍ ବେଜୋସଙ୍କ ମାଲିକାନାରେ ପରିଚାଳିତ ଆମାଜନ ରିଲାଏନ୍ସ ରିଟେଲରେ ପ୍ରାୟ ୯.୯% ଅଂଶଧନ ହାସଲ କରିବା ନେଇ କଥାବାର୍ତ୍ତା ଜାରି ରଖିଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ରିଲାଏନ୍ସର ଜିଓ ମାର୍ଟରେ ଏକ ଷ୍ଟ୍ରାଟେଜିକ ଅଂଶଧନ ହାସଲ ଲାଗି ଏଭଳି ଆଲୋଚନାରେ ସାମିଲ ହେବାକୁ ଚାହୁଁଥିବା ଶୁଣାଯାଉଛି। ରିଲାଏନ୍ସ ରିଟେଲର ଇ-କମର୍ସ ଭେଞ୍ଚର ହେଉଛି ଜିଓ ମାର୍ଟ। ଏହାକୁ ମେ ମାସରେ ଶୁଭାରମ୍ଭ କରାଯାଇଛି। ଭାରତରେ କାର୍ଯ୍ୟ କରୁଥିବା ଆମାଜନ ଡଟ୍ କମ୍‌ର ସ୍ଥାନୀୟ ୟୁନିଟ ଏବଂ ୱାଲମାର୍ଟ ଇଙ୍କର ଫ୍ଲିପ୍‌କାର୍ଟ ସହ ଜିଓ ମାର୍ଟ କଡା ଟକ୍କର ଦେବ ବୋଲି ବଜାର ବିଶେଷଜ୍ଞ କୁହନ୍ତି। ନୂଆ ଯୋଜନା ନେଇ ଉଭୟ ଆମାଜନ ଏବଂ ରିଲାଏନ୍ସର ପ୍ରତିକ୍ରିୟା ଲୋଡାଯାଇଥିଲେ ମଧ୍ୟ ଏହା ମିଳିପାରି ନାହିଁ।

# ଓଡ଼ିଶାରୁ ୧୩,୪୧୩ କୋଟିର ଆୟକର ସଂଗ୍ରହ

ଭୁବନେଶ୍ୱର,୨୪।୭

ଆର୍ଥିକ ବର୍ଷ ୨୦୧୯-୨୦ରେ ଆୟକର ବିଭାଗର ଓଡ଼ିଶା ରିଜିଅନ ୧୩,୪୧୩ କୋଟି ଟଙ୍କାର ଆୟକର ସଂଗ୍ରହ କରିଛି। ବିଭାଗର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଏହି ସମୟରେ ରାଜ୍ୟରୁ ୧୩,୬୬୩ କୋଟି ଟଙ୍କାର ଟିକସ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ହେଲେ ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟଠାରୁ ସାମାନ୍ୟ ହ୍ରାସ ଘଟିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ରିଜିଅନ ୧୩,୧୦୪ କୋଟି ଟଙ୍କା ଆୟକର ଆଦାୟ କରିଥିଲା। ଏହା ତୁଳନାରେ ଗତ ଆର୍ଥିକ ବର୍ଷର ଟିକସ ଆଦାୟ ୨.୩୫% ବଢ଼ିଛି। ରାଜ୍ୟର ଅର୍ଥନୈତିକ ପରିଦୃଶ୍ୟକୁ ବିଚାରକଲେ ଟିକସ ସଂଗ୍ରହ ବିଶେଷ ପ୍ରଭାବିତ ହୋଇନାହିଁ। ମାତ୍ର ସାରା ଦେଶ କଥା ବିଚାରକଲେ ଟିକସ ଆଦାୟ ପ୍ରାୟ ୮% ପ୍ରଭାବ ଆସିଥିବା ନଜରକୁ ଆସିଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ମୋଟ ଟିକସଦାତା, ଆସେସିଙ୍କ ସଂଖ୍ୟା ୧୨ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି।

ବର୍ତ୍ତମାନ କୋଭିଡ୍-୧୯ ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଏହା ଟିକସ ସଂଗ୍ରହକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଛି। ଗତ ୪ ମାସ ହେବ ଉଭୟ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଲଗାତର ଭାବେ ହ୍ରାସ ହେଉଛି। ଚଳିତ ଆର୍ଥିକ ବର୍ଷ ଲାଗି




ଦେଶରୁ ୧୩.୧୯ ଲକ୍ଷ କୋଟି ଟଙ୍କା ଟିକସ ଆଦାୟ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ସାରା ଦେଶରୁ ୧୧.୧୮ ଲକ୍ଷ କୋଟିର ପ୍ରତ୍ୟକ୍ଷ ଟିକସ ଆଦାୟ କରାଯାଇଥିଲା। ବର୍ତ୍ତମାନ ଟିକସ ଆଦାୟ ଆଶାଜନକ ହେଉ ନ ଥିବା ବେଳେ ଗତ ଆର୍ଥିକ ବର୍ଷର ନେଟ୍ ଆଦାୟ ତୁଳନାରେ ପ୍ରାୟ ୨୪% ହ୍ରାସ ହେବା ନେଇ କୁହାଯାଉଛି। ଚଳିତ ବର୍ଷ ବର୍ତ୍ତମାନ ସମୟ ଯାଏ ଓଡ଼ିଶା ରିଜିଅନର ଟିକସ ସଂଗ୍ରହ ପ୍ରାୟ ୧୨୦୦ କୋଟି ଟଙ୍କା ହେବ। ଯାହା ଗତ ବର୍ଷ ଜୁନ ସୁଦ୍ଧା ୧୯୦୦ କୋଟି ଟଙ୍କା ରହିଥିଲା।

ଭୁବନେଶ୍ୱର ରିଜିଅନ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ଯେ, ଆୟକର ରିଟର୍ନ ଫର୍ମକୁ ସରଳୀକରଣ କରିବା ଲାଗି ବର୍ତ୍ତମାନ ଟେକ୍ନୋଲୋଜିର ବ୍ୟବହାର ବୃଦ୍ଧି କରାଯାଇଛି।



ଭୋପାଳରୁ ଅନସନର ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ବାହାରେ ମଧୁସୂଦନ ରାଠୋର ନାମକ ଜଣେ କନ୍‌ଷ୍ଟେବଲ ହାତରେ ରୁଦ୍ରାକ୍ଷ ମାଳି ଧରି ଧ୍ୟାନ ମୁଦ୍ରାରେ ବସିଛନ୍ତି। ସେ ଏକ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଛନ୍ତି। ଯେଉଁଥିରେ ମଧୁସୂଦନ କହିଛନ୍ତି, 'ଆମକୁ ପ୍ରତି ୩ ବର୍ଷରେ ଥରେ ବଦଳି କରାଯାଉଛି। ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଘଟଣାରେ ବରିଷ୍ଠ ପୋଲିସ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମଧୁସୂଦନଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ତେବେ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଏଠାରେ ଅନଶନରେ ବସିବେ ବୋଲି ମଧୁସୂଦନ କହିଛନ୍ତି।

# ଏରିକାଙ୍କ 'ଶୁଟିଂ ଫ୍ରମ୍ ହୋମ୍'



ଏରିକା ଫର୍ନାଣ୍ଡିସ୍

**ମୁମ୍ବାଇ:** ଟେଲି ଦୁନିଆରେ ଏରିକା ଫର୍ନାଣ୍ଡିସ୍ ହେଉଛନ୍ତି ଜଣେ ସଫଳ ଅଭିନେତ୍ରୀ। ଦେଖିବାକୁ ଯେମିତି ସେ ସୁନ୍ଦର ତାଙ୍କ ଅଭିନୟ ମଧ୍ୟ ସେତିକି ଚମତ୍କାର। ଜଣେ ସଫଳ ମଡେଲ ମଧ୍ୟ ସେ। ଖାଲି ବଲିଉଡ୍ କାହିଁକି ଟଲିଉଡ୍‌ରେ ମଧ୍ୟ ସେ ବେଶ୍ ଜଣାଶୁଣା। ଏରିକାଙ୍କ ଫ୍ୟାନ୍ ଫଲୋଇଙ୍ଗ୍ ମଧ୍ୟ ଅଧିକ। ୨୦୧୬ରେ ସୋନୀ ଟିଭିରେ ପ୍ରସାରିତ ହୋଇଥିବା ଶୋ 'କୁଛ ରଙ୍ଗ୍ ପ୍ୟାର୍ କେ ଐସେ ଭି'ରେ ସେ ଘରେ ଘରେ ପରିଚିତ। ଏହି ଶୋ'ରେ ସେ ସାହିର ଶେଖ୍‌ଙ୍କ ସହ ନଜର୍ ଆସିଥିଲେ। ଉଭୟଙ୍କ କେମେଷ୍ଟ୍ରି ଏଥିରେ ବହୁତ ଦମ୍‌ଦାର୍ ଥିଲା। ଏବେ ଏରିକା ସିରିୟଲ 'କସୌଟି ଜିନ୍ଦେଗୀ କି'ରେ ଲିଡ୍ ରୋଲରେ ଅଛନ୍ତି। ନିକଟରେ ଏହି ସିରିୟଲରେ ଅନୁରାଗର ରୋଲ୍ ପ୍ଲେ କରୁଥିବା ପାର୍ଥ ସମଥାନ କୋଭିଡ୍ ପଜିଟିଭ୍ ଥିବା ଜଣାପଡ଼ିଥିଲା। ତାହାପରଠୁ ଏହି ସିରିୟଲର ଶୁଟିଂ ସବୁ ବନ୍ଦ ହୋଇଯାଇଥିଲା। ଶୁଟିଂ ସେଟ୍‌କୁ ସାନିଟାଇଜ୍ କରାଯାଇଥିଲା। ଏବେ ପୁଣି ଥରେ ସତର୍କତାର ସହ ବିଭିନ୍ନ ନିୟମ କରାଯାଇ ଶୁଟିଂ ଆରମ୍ଭ ହୋଇଛି। କିନ୍ତୁ ଏରିକା ପୂରା ଡରିଯାଇଛନ୍ତି। ସେ ଆଉ ସେଟ୍‌କୁ ନ ଯାଇ ଘରୁ ଶୁଟ୍ କରି ପଠାଉଛନ୍ତି। ଅନ୍ୟ କଳାକାରମାନେ ପୁଣି ଥରେ ସେମାନଙ୍କର ଶୁଟିଂ ଆରମ୍ଭ କରିଦେଇଛନ୍ତି। ଅଭିନେତା କରଣ ପଟେଲ ଏବଂ ପୂଜା ବାନାର୍ଜୀଙ୍କୁ ଶୁଟିଂ ସେଟ୍‌ରେ ଦେଖିବାକୁ ମିଳିଛି। କିନ୍ତୁ ଏରିକା ଏବଂ ଆମ୍‌ନା ସରିଫ ସେଟ୍‌କୁ ନ ଆସି ଘରୁ ଶୁଟିଂ କରି ପଠାଉଛନ୍ତି। ଏରିକା ଏବେ କୌଣସି ରିସ୍କ ନେଇପାରିବେ ନାହିଁ ବୋଲି ଡାଇରେକ୍ଟର ଏବଂ ପ୍ରଡ୍ୟୁସରଙ୍କୁ କହିଦେଇଛନ୍ତି। ବର୍ତ୍ତମାନ ମହାମାରୀ କରୋନା ସଂକ୍ରମଣ ଦେଶରେ ବଢ଼ି ବଢ଼ି ଚାଲିଥିବାରୁ ସେ ଭୟଭୀତ ହୋଇପଡ଼ିଛନ୍ତି। ଏରିକାଙ୍କୁ ଘରୁ ଶୁଟିଂ କରିବାକୁ ସେତେ କଷ୍ଟ ଲାଗୁନି କାରଣ ପୂର୍ବରୁ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଅଛି। କ୍ୟାମେରାର ଜ୍ଞାନ ଅଳ୍ପବେଶୀ ରହିଛି ବୋଲି ସେ କହିଛନ୍ତି। ବିନା କୋ-ଷ୍ଟାର୍‌ରେ ଆକ୍ଟିଂ କରିବା ବହୁତ କଷ୍ଟ ବୋଲି ସେ ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ଘରେ ରହି ପୂରା ୧୨ଘଣ୍ଟା ସମୟ ନିଜ ସିରିୟଲକୁ ଦେଉଥିବା ସେ ପ୍ରକାଶ କରିଛନ୍ତି।

# ଘାତକ ମିଶାଇଲ 'ହାମର'

**ଚଳିତ ମାସରେ ଭାରତକୁ ଆସୁଛି 'ରାଫାଲ'। ଫ୍ରାନ୍ସରେ ପ୍ରସ୍ତୁତ ଏହି ଲଢୁଆ ବିମାନ ଯୁଦ୍ଧକ୍ଷେତ୍ରରେ ଶତ୍ରୁର ମୁଣ୍ଡବ୍ୟଥା ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ 'ରାଫାଲ'ର ଶକ୍ତିବୃଦ୍ଧି କରିବାକୁ ଏଥିରେ ଖଞ୍ଜାଯିବ 'ହାମର'। ୬୦ରୁ ୭୦ କିମି ଦୂରତା ମଧ୍ୟରେ ଲକ୍ଷ୍ୟଭେଦ କ୍ଷମତା ରଖୁଥିବା ଏହି ଘାତକ ମିଶାଇଲ ଲାଗିବା ପରେ 'ରାଫାଲ୍'ର ମାରକ କ୍ଷମତା ଆହୁରି ଅନେକ ଗୁଣ ବଢ଼ିଯିବ।**



## ବଢ଼ିବ 'ରାଫାଲ'ର ମାରକ କ୍ଷମତା

**ନୂଆଦିଲ୍ଲୀ:** ଲାଇନ୍ ଅଫ୍ କଣ୍ଟ୍ରୋଲ୍ (ଏଲ୍‌ଓସି)ରେ ପାକିସ୍ତାନ ଏବଂ ଆକ୍ଚୁଆଲ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଏସି)ରେ ଚାଇନା ସହ ମୁହାଁମୁହିଁ ପରିସ୍ଥିତି ଭାରତ ପାଇଁ ସତର୍କ ଘଣ୍ଟି ବଜାଇଛି। ଏକା ସମୟରେ ଦୁଇ ଶତ୍ରୁ ଦେଶ କବଳରୁ ସୀମାକୁ ସୁରକ୍ଷା ଦେବାକୁ ରଣନୀତି ପ୍ରସ୍ତୁତ କରୁଛି ପ୍ରତିରକ୍ଷା ବିଭାଗ। ଏସବୁ ଭିତରେ ଚର୍ଚ୍ଚାରେ ରହିଛି ଫାଇଟର ଜେଟ୍ 'ରାଫାଲ'।



ଜୁଲାଇ ଶେଷଯାଏ ଫ୍ରାନ୍ସରୁ ୫ ରାଫାଲ ଭାରତରେ ପହଞ୍ଚିବ ବୋଲି ସ୍ପଷ୍ଟ ହୋଇଛି। ଅତ୍ୟାଧୁନିକ ଟେକ୍‌ନିକ୍‌ରେ ଭରପୂର ଏହି ଯୁଦ୍ଧ ବିମାନର ମାରକ କ୍ଷମତା ବଢ଼ାଇବାକୁ ଏଥିରେ ଖଞ୍ଜାଯିବ 'ହାମର' ମିଶାଇଲ। ପରମାଣୁ ଅସ୍ତ୍ର ବହନ କ୍ଷମତା ଥିବା ରାଫାଲରେ ହାମାର ଲଗାଯିବା ପରେ ଏହାର ବିଧ୍ୱସଂକ କ୍ଷମତା ବହୁଗୁଣରେ ବଢ଼ିଯିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ କହିଛନ୍ତି।

'ହାମର'ର ଅର୍ଥ ହାଇଲୀ ଏଜାଇଲ ମୋଡ୍ୟୁଲର ମ୍ୟୁନିଶନ ଏକ୍ସଟେଣ୍ଡେଡ୍ ରେଞ୍ଜ। ଏହା ଆକାଶରୁ ଭୂମିକୁ ରକେଟ୍ ଜରିଆରେ ଲକ୍ଷ୍ୟଭେଦ କରିପାରୁଥିବା ଏକ ସ୍ୱତନ୍ତ୍ର ଧରଣର ମିଶାଇଲ୍ କିଟ୍। ଏହି ମଧ୍ୟମ ଦୂରଗାମୀ ମିଶାଇଲ କିଟ୍‌କୁ ଦୀର୍ଘଦିନ ପୂର୍ବରୁ ଫ୍ରାନ୍ସ ନିଜ ପ୍ରତିରକ୍ଷା ବାହିନୀରେ ସାମିଲ କରିସାରିଛି। ଏଥିରେ ଆଇଏନ୍‌ଏସ୍ / ଜିପିଏସ୍, ଆଇଏନ୍‌ଏସି/ ଜିପିଏସ୍ / ଆଇଆଇଆର୍ ଗାଇଡେନ୍ସ କିଟ୍ ଖଞ୍ଜାଯାଇପାରିବ। ଏଥିସହ ଅତ୍ୟାଧୁନିକ ଆଇଏନ୍‌ଏସ୍ / ଜିପିଏସ୍ / ଲେଜର ଗାଇଡେନ୍ସ ସିଷ୍ଟମ ମଧ୍ୟ ଲଗାଯାଇପାରିବ।

'ହାମର'ର ଲକ୍ଷ୍ୟଭେଦ କ୍ଷମତା ୨୦ରୁ ୭୦ କିମି। ଲଦାଖ ଭଳି ଦୁର୍ଗମ ଯୁଦ୍ଧକ୍ଷେତ୍ରରେ ଲଢ଼େଇ ବେଳେ ଶତ୍ରୁପକ୍ଷର ବଙ୍କର ନଷ୍ଟ କରିବା ପାଇଁ ଏହାକୁ ବ୍ୟବହାର କରାଯିବ। 'ହାମର' ହେଉଛି ଇସ୍ରାଏଲୀ ସ୍ପାଇସ୍ ଗାଇଡେଡ୍ ବୋମା ଭଳି। ବାଲାକୋଟ୍ ଏୟାର ଷ୍ଟ୍ରାଇକ୍ ବେଳେ ଆତଙ୍କବାଦୀ ଶିବିର ଧ୍ୱଂସ କରିବାକୁ ଭାରତୀୟ ବାୟୁସେନା ଇସ୍ରାଏଲୀ ସ୍ପାଇସ୍ ଗାଇଡେଡ୍ ବୋମା ବ୍ୟବହାର କରିଥିଲା। ରାଫାଲ୍ ଯୁଦ୍ଧବିମାନ ୨୫୦ କେ.ଜି. ବିଶିଷ୍ଟ ୬ଟି ହାମର ମିଶାଇଲକୁ ଥରକରେ ବହନ କରିପାରିବା ସହ ଏକାସଙ୍ଗରେ ୬ ସ୍ଥାନକୁ ଟାର୍ଗେଟ କରିପାରିବାକୁ ସକ୍ଷମ। ୨୦୦୭ରୁ ହାମର ମିଶାଇଲ ବ୍ୟବହାର ଉପଯୋଗୀ ହୋଇଛି। ଫ୍ରାନ୍ସ ବ୍ୟତୀତ, କାତାର, ମିଶର, ମରକ୍କୋ ମଧ୍ୟ ଏହି ମିଶାଇଲ ବ୍ୟବହାର କରୁଛନ୍ତି। ତେବେ ଅନ୍ତର୍ଜାତୀୟସ୍ତରରେ ହେଉଥିବା ଆଲୋଚନାରୁ ଜଣାପଡ଼ିଛି, 'ହାମର' ଆମେରିକୀୟ ମିଶାଇଲ୍ ତୁଳନାରେ ବେଶି ମହଙ୍ଗା। ତେଣୁ ଖୁମ୍ କମ୍ ପରିମାଣରେ ଏହାର ଉତ୍ପାଦନ ହେଉଛି। ତେବେ ଭାରତ ସହ ଚୁକ୍ତି ସ୍ୱାକ୍ଷରିତ ପରେ ଏହାକୁ ନିର୍ମାଣ କରୁଥିବା କମ୍ପାନୀ ଖର୍ଚ୍ଚ କମାଇବାକୁ ଯୋଜନା କରୁଥିବା ଜଣାପଡ଼ିଛି।

# ଯାଆଁଳା ଝିଅଙ୍କ ସହ ଦ୍ୱାଦଶ ଶ୍ରେଣୀ ପାସ୍ କଲେ ମା'

**ମୁମ୍ବାଇ:** ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାରେ ରହୁଥିବା ଜଣେ ମା' ନିଜ ଯାଆଁଳା ଝିଅଙ୍କ ସହ ମିଶି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ। ଭଲ ନମ୍ବର ରଖି ସେମାନେ ପାସ୍ କରିଛନ୍ତି। ଏହି ମହିଳା ଜଣଙ୍କ ହେଉଛନ୍ତି କଳ୍ପନା ଦେବଦାସ ମାଣ୍ଡଲେ (୪୦)। ସେ ଚନ୍ଦ୍ରପୁର ଜିଲାର କୋରପାନା ତହସିଲର ଆୱାରପୁରରେ ରହୁଛନ୍ତି। କଳ୍ପନା ଘରର ଯତ୍ନ ନେବା ସହିତ ଅଙ୍ଗନୱାଡି କର୍ମୀ ଭାବରେ ମଧ୍ୟ କାର୍ଯ୍ୟ କରନ୍ତି। ତାଙ୍କ ସ୍ୱାମୀ ଦେବଦାସ ମାଣ୍ଡଲେ ଏକ ଘରୋଇ କମ୍ପାନୀରେ ଡ୍ରାଇଭର ଭାବରେ କାମ କରନ୍ତି।

ତାଙ୍କର ଦୁଇ ଯାଆଁଳା ଝିଅ ସୌନ୍ଦର୍ଯ୍ୟା ଏବଂ ଐଶ୍ୱର୍ଯ୍ୟା ଅଛନ୍ତି। ଯେତେବେଳେ ଉଭୟ ଦଶମ ସ୍ଥାନରେ ଥିଲେ, ସେତେବେଳେ ମା' ସେମାନଙ୍କ ସହିତ ଦଶମ ପରୀକ୍ଷା ଦେଇଥିଲେ। ଝିଅମାନଙ୍କ ସହିତ ମା' ମଧ୍ୟ ସେହି ପରୀକ୍ଷାରେ ସଫଳ ହୋଇଥିଲେ। ବର୍ତ୍ତମାନ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଳ୍ପନା ପ୍ରମାଣ କରିଛନ୍ତି ଯେ, ଯେଉଁମାନେ କଠିନ ପରିଶ୍ରମ କରନ୍ତି ସେମାନେ କଦାପି ପରାଜିତ ହୁଅନ୍ତି ନାହିଁ। କଳ୍ପନା ଶିକ୍ଷା ପ୍ରତି ବହୁତ ଆଗ୍ରହୀ ଥିଲେ, କିନ୍ତୁ ଅଳ୍ପ ବୟସରେ ଘର ଲୋକେ ତାଙ୍କ ବିବାହ କରିଥିଲେ। ଦଶମରେ ପଢୁଥିବାବେଳେ ସେ ବିବାହ କରିଥିଲେ। ବିବାହ ଦ୍ୱାରା ପାଠପଢାରେ ଅସୁବିଧା ହେଲା। ସେଥିପାଇଁ ସେ ପରୀକ୍ଷାରେ ଫେଲ୍ ହୋଇଯାଇଥିଲେ। ବିବାହ ପରେ, ଘରର ଦାୟିତ୍ୱ ସମ୍ଭାଳିବା ଦ୍ୱାରା ଆଉ ପଢିପାରିଲେ ନାହିଁ। ଏବେ କଳ୍ପନାଙ୍କ ଝିଅମାନେ ଦ୍ୱାଦଶ ପରୀକ୍ଷାରେ ୬୨ ପ୍ରତିଶତ ଏବଂ ୫୬ ପ୍ରତିଶତ ନମ୍ବର ରଖିଥିବାବେଳେ ସେ ୫୮ ପ୍ରତିଶତ ନମ୍ବର ରଖିଥିବା ଜଣାପଡ଼ିଛି।



# ସ୍ମାର୍ଟ ହେଲ୍‌ମେଟ୍‌ରେ ସ୍କ୍ରିନିଂ

**ମୁମ୍ବାଇ:** କରୋନା ଭାଇରସ୍ ରୋଗୀଙ୍କୁ ଶୀଘ୍ର ଚିହ୍ନଟ କରି ସଂକ୍ରମଣକୁ ରୋକିବା ପାଇଁ ଏବେ ମୁମ୍ବାଇରେ କାମ କରୁଛି ସ୍ମାର୍ଟ ହେଲମେଟ୍। ଏହି ସ୍ମାର୍ଟ ହେଲମେଟ୍ ସାହାଯ୍ୟରେ ମାତ୍ର ୨ ଘଣ୍ଟାରେ ୫ହଜାରରୁ ଅଧିକ ଲୋକଙ୍କୁ ସ୍କ୍ରିନିଂ କରିବା ସମ୍ଭବ ହୋଇପାରୁଛି। ଫଳରେ ସନ୍ଦିଗ୍ଧ ଲୋକଙ୍କୁ ଅଲଗା କରି ପରୀକ୍ଷା କରିବା ସମ୍ଭବ ହୋଇପାରୁଛି। ମୁମ୍ବାଇରେ ଲୋକଙ୍କ ସ୍କ୍ରିନିଂ ପ୍ରକ୍ରିୟାକୁ ବୃଦ୍ଧି କରିବା ପାଇଁ ଭାରତୀୟ ଜୈନ ସଙ୍ଗଠନ ଏହି ସ୍ମାର୍ଟ ହେଲମେଟ୍ କାମ ଆରମ୍ଭ କରିଛି।

ଉକ୍ତ କ୍ଷମତାସମ୍ପନ୍ନ ସ୍ମାର୍ଟ ହେଲମେଟ୍ ବ୍ୟବହାର ଫଳରେ ଅଧିକ ସଂଖ୍ୟାରେ ଲୋକଙ୍କୁ ପରୀକ୍ଷା କରିବା ସମ୍ଭବ ହୋଇପାରିବ। ଫଳରେ ରୋଗ ନିୟନ୍ତ୍ରଣ ସମ୍ଭବ ହୋଇପାରିବ। ଭାରତୀୟ ଜୈନ ସଙ୍ଗଠନର କହିବା ଅନୁସାରେ ପ୍ରମ୍ପରିକ ସ୍କ୍ରିନିଂ ପ୍ରଣାଳୀ ତୁଳନାରେ ଏହି ସ୍ମାର୍ଟ ହେଲମେଟ୍ ମାଧ୍ୟମରେ ସମୟ ଅପଚୟକୁ ରୋକା ଯାଇପାରିବ ଏବଂ ଶାଘ୍ର ରୋଗୀ ଚିହ୍ନଟ ହେବା ଫଳରେ ସଂକ୍ରମଣକୁ ମଧ୍ୟ ରୋକିହେବ। ଚାଇନା, ଦୁବାଇ, ଇଟାଲୀ ଆଦି ଦେଶରେ ପୋର୍ଟେବଲ ଥର୍ମୋମିଟର ବ୍ୟବହାର ଭଳି ସ୍ମାର୍ଟ ହେଲମେଟ୍ ଫଳପ୍ରଦ ହୋଇପାରିବ। ଏଥିରେ ଯାଞ୍ଚ କରିବା ବହୁତ ସହଜ ଏବଂ ସୁବିଧାଜନକ। ଏହି ହେଲମେଟ୍‌ରେ ଯାଞ୍ଚ କରିବା ନିମନ୍ତେ ଆପଣଙ୍କୁ ଲୋକଙ୍କୁ ତାଙ୍କ ଘର ବାହାରକୁ ଡାକି ସ୍କ୍ରିନିଂ କରିବାକୁ ପଡ଼ିବ। ସଙ୍ଗଠନ ଏହି ହେଲମେଟ୍‌କୁ ବାହାର ଦେଶରୁ ମଗାଇ ମୁମ୍ବାଇ ଓ ପୁଣେର ବିଭିନ୍ନ ସ୍ଥାନରେ ସ୍କ୍ରିନିଂ ନିମନ୍ତେ ଦାନ କରିଛି। ଗୋଟିଏ ସ୍ମାର୍ଟ ହେଲମେଟ୍‌ର ମୂଲ୍ୟ ୬ଲକ୍ଷ ଟଙ୍କାରୁ ଅଧିକ। ଦୁବାଇ ଭଳି ଦେଶରେ ଏବେ ଏହି ସ୍ମାର୍ଟ ହେଲମେଟ୍‌ର ବହୁଳ ବ୍ୟବହାର ହେଉଛି।



# ହଜିଲା ପୁଅ ମିଳିଲା

**ଅମୃତସର:** ନଅବର୍ଷର ଅପେକ୍ଷା। ନା କିଛି କହିପାରନ୍ତି ନା କିଛି ଶୁଣି ପାରନ୍ତି। କିନ୍ତୁ ଆଖି ସବୁବେଳେ ଖୋଜୁଥାଏ ଆପଣାର ଲୋକଙ୍କୁ। ଶେଷରେ ଘର ଲୋକଙ୍କୁ ଫେରି ପାଇଛନ୍ତି ଅବଦୁଲ୍। ଅବଦୁଲ୍‌ଙ୍କ ଘର ଉତ୍ତରପ୍ରଦେଶର ଫାରୁଖାବାଦରେ। ୨୦୧୧ ମସିହାରେ ସେ ପଞ୍ଜାବର ଫତେହଗଡ଼ ସାହିବରେ ହେଉଥିବା ଉର୍ସ ଉତ୍ସବ ଦେଖିବାକୁ ଯାଇ ସେଠାରେ ଭିଡ଼ ଭିତରେ ହଜିଯାଇଥିଲେ। ସେହିଠାରେ ତାଙ୍କୁ ପାଇ ଘରକୁ ନେଇ ଆସିଥିଲେ ପଞ୍ଜାବର ଗୁରୁନାମ ସିଂହ। ବହୁ ପଚାରିବା ପରେ ଗୁରୁନାମ ଜାଣି ପାରିଥିଲେ ଯେ, ଅବଦୁଲ୍ ଜଣେ ମୁସଲମାନ ଓ ସେ ତାଙ୍କ ନାଁ ସହିତ ମା'ଙ୍କ ନାଁ ମଧ୍ୟ ଲେଖି ଜଣାଇଥିଲେ। ସେ କିଛି କହିପାରୁ ନ ଥିଲେ କି ଶୁଣି ପାରୁ ନ ଥିଲେ। ତେବେ ଗୁରୁନାମ ଆଖପାଖରେ ଥିବା ବିଭିନ୍ନ ମୁସଲିମ୍ ପରିବାରରେ ପଚରାଉଚରା କରି ଅବଦୁଲ୍‌ଙ୍କ ଘର ଓ ପରିବାର ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଜାଣିପାରି ନ ଥିଲେ। ତେଣୁ ତାଙ୍କୁ ଘରେ ନିଜ ପିଲାଭଳି ପାଳନ କରିବା ସହ ସ୍କୁଲରେ ମଧ୍ୟ ନାଁ ଲେଖାଇଥିଲେ। ବଡ଼ ହେବା ପରେ ଅବଦୁଲ୍ ଯେତେବେଳେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିଥିଲେ, ସେତେବେଳେ ସେ ଫେସବୁକ୍‌ରେ ନିଜ ପିଲାବେଳର ଫଟୋ ପକାଇଥିଲେ। ଆଉ ଏହି ଫଟୋକୁ ଦେଖି ତାଙ୍କର ଜଣେ ପିଲାବେଳର ବନ୍ଧୁ ତାଙ୍କୁ ଚିହ୍ନି ପାରିଥିଲେ। ଫଳରେ ସେ ତାଙ୍କ ସହ ଯୋଗାଯୋଗ କରି ପରିବାରକୁ ଫେରାଇ ଆଣି ପାରିଛନ୍ତି।



# ଅଧା ସିଝା ମାଛ ଖାଇବା ମହଙ୍ଗା ପଡ଼ିଲା

## ଅପରେଶନ ପରେ ଲିଭର୍‌ରୁ ବାହାରିଲା ଅଣ୍ଡା

ବର୍ତ୍ତମାନ ସମଗ୍ର ବିଶ୍ୱ କରୋନା କବଳିତ। ଲୋକେ ଏଥିରୁ ନିସ୍ତାର ପାଇବା ପାଇଁ ବାଟ ଖୋଜୁଛନ୍ତି। ଚାଇନାର ଉହାନ ସହରରୁ ଆରମ୍ଭ ହୋଇଥିବା ଏହି ଭାଇରସ୍ ବିଶ୍ୱରୁ କେବେ ମୂଳପୋଛ ହେବ, ସେ ନେଇ ସମସ୍ତେ ଚିନ୍ତାରେ। ଠିକ୍ ଏହି ସମୟରେ ଚାଇନାରେ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତିଙ୍କୁ ଅଧା ସିଝା ମାଛ ଖାଇବା ମହଙ୍ଗା ପଡ଼ିଛି।

ଏକ ରିପୋର୍ଟ ଅନୁଯାୟୀ, ଚାଇନାର ହାଙ୍ଗଝୁରେ ରହୁଥିବା ୫୫ ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ଅଧା ରନ୍ଧା ମାଛ ତରକାରୀ ଖାଇବା ମହଙ୍ଗା ପଡ଼ିଛି। ପେଟରେ ଦରଜ ହେବା, ବାନ୍ତିହେବା, ଥକ୍କା ଲାଗିବା ଏବଂ ଭୋକ ନ ହେବା ପରି ଲକ୍ଷଣ ତାଙ୍କଠାରେ ଦେଖାଦେଇଥିଲା। ଏସବୁ ସମସ୍ୟା ଭୋଗିବା ପରେ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ୪ ମାସ ଧରି ଔଷଧ ଖାଇବା ପରେ ମଧ୍ୟ କମି ନ ଥିଲା। ଡାକ୍ତରଙ୍କ ନିକଟକୁ ପୁଣି ଥରେ ଯିବାରୁ ଡାକ୍ତର ସ୍କାନ୍ କରିବାକୁ ପରାମର୍ଶ ଦେଇଥିଲେ। ସ୍କାନ୍‌ରେ ଡାକ୍ତର ଯାହା ଦେଖିଲେ ଆଶ୍ଚର୍ଯ୍ୟ ହୋଇଗଲେ। ଏହି ବ୍ୟକ୍ତିଙ୍କୁ କ୍ଲୋନୋକାୟାସିସ୍ ନାମକ ଇନ୍‌ଫେକ୍ସନ ହୋଇଥିଲା। ଯାହାର କାରଣ ପାରାସାଇଟ୍ (ଏକ ପ୍ରକାର ପୋକ)। ଯାହାକୁ ଫ୍ଲାଟ୍‌ୱର୍ମ କୁହନ୍ତି। ଏହି ୱର୍ମ ବା କୃମି ପେଟ ଭିତରକୁ ଚାଲିଯାଇଥିଲା। ବ୍ୟକ୍ତିଙ୍କ ଲିଭର ବା ଯକୃତରେ ଅଣ୍ଡା ଦେବା ଆରମ୍ଭ କରିଥିଲା। ପେଟ ଭିତରେ ଏକ ବଡ଼ ଥଳି ବଢ଼ିବାକୁ ଲାଗିଥିଲା।

ଡାକ୍ତରଙ୍କ ଅନୁଯାୟୀ, ଏହି କୃମି ଯେଉଁ ଥଳିରେ ବଢ଼ିଥିଲା, ତାହା ୧୯ ସେଣ୍ଟିମିଟର ଲମ୍ବ ଏବଂ ୧୮ ସେଣ୍ଟିମିଟର ଚଉଡ଼ା ଏବଂ ୧୨ ସେଣ୍ଟିମିଟର ଥିଲା। ଏହି କାରଣ ଯୋଗୁ ଲିଭରରେ ମଧ୍ୟ ଛୋଟ ଛୋଟ ଟ୍ୟୁମର ହୋଇଥିଲା। ତେବେ ଲିଭର ଅପରେଶନ କରିବା ପାଇଁ ଡାକ୍ତର ନିଷ୍ପତ୍ତି ନେଇଥିଲେ। ସେଥିରୁ ଅସଂଖ୍ୟ ଛୋଟଛୋଟ ଅଣ୍ଡା ପାଇଥିଲେ। ଏହି ଅଣ୍ଡା କାରଣରୁ ସେ ବହୁ ଅସୁବିଧାର ସମ୍ମୁଖୀନ ହେବା ଫଳରେ ଅପରେଶନ କରିବାକୁ ବାଧ୍ୟ ହୋଇଥିଲେ। ଏହି ବ୍ୟକ୍ତିଜଣକ ଏବେ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତର କହିଛନ୍ତି।



# ବିଦେଶରେ ମୀନାଙ୍କ ଭାରତୀୟ ରାଖୀ

**ଲକ୍ଷ୍ନୌ:** ଚାଇନା ସାମଗ୍ରୀକୁ ବର୍ଜନ କରିବା ନିମନ୍ତେ ଏବେ ସବୁଆଡ଼େ ଜୋର୍‌ଦାର ଅଭିଯାନ ଚାଲିଛି। ଏହି ଅଭିଯାନରେ ବିଶେଷ ଭୂମିକା ନେଇ ଚର୍ଚ୍ଚାକୁ ଆସିଛନ୍ତି ମୀନା ଗୁପ୍ତା। ସ୍ୱଦେଶୀ କଳା ସଂସ୍କୃତିକୁ ନେଇ ବିଭିନ୍ନ ପ୍ରକାରର ରାଖୀ ତିଆରି କରି ଏବେ ସେ ଅନ୍ତର୍ଜାତୀୟ ସ୍ତରରେ ବି ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି।

ଉତ୍ତରପ୍ରଦେଶ ଇନ୍ଦିରାପୁରମ୍‌ରେ ଥିବା ସାୟାଖୋନିଥ୍ ସୋସାଇଟିରେ ରହନ୍ତି ମୀନା ଗୁପ୍ତା। ରାଖୀ ତିଆରି କରି ସେ ଏବେ ଦେଶର ବିଭିନ୍ନ ଅଞ୍ଚଳକୁ ପଠାଇବା ସହିତ ଆମେରିକା ଓ ଲଣ୍ଡନରେ ମଧ୍ୟ ବିକ୍ରି କରି ପାରୁଛନ୍ତି। ଏହି ମାଧ୍ୟମରେ ସେ ନିଜେ ଭଲ ରୋଜଗାର କରିବା ସହିତ ପ୍ରାୟ ୫୦ ରୁ ଅଧିକ ମହିଳାଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇ ପାରିଛନ୍ତି।

ମୀନା ପ୍ରଥମେ ତାଙ୍କ ଭାଇ ପାଇଁ ଘରେ ଥିବା ମାଳି ଏବଂ ମୋତିରେ ରାଖୀ ତିଆରି ଆରମ୍ଭ କରିଥିଲେ। କିନ୍ତୁ ଏହି ରାଖୀର ଡିଜାଇନ୍ ଏତେ ଭଲ ହୋଇଥିଲା ଯେ ଲୋକେ ତାଙ୍କୁ ଅଧିକ ରାଖୀ ତିଆରି କରିବା ପାଇଁ ଅନୁରୋଧ କରିଥିଲେ। ଏହା ପରେ ମୀନା ରାଖୀ ତିଆରି କରି ବିକ୍ରି କରିବା ଆରମ୍ଭ କରିଥିଲେ। ୧୧ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ ନୂଆ ରୂପରେ ଚାଇନା ରାଖୀକୁ ରୋକିବାରେ ସଫଳତା ହାସଲ କରିବ ବୋଲି ମତ ପ୍ରକାଶ ପାଇଛି। ମୀନାଙ୍କର ବନ୍ଧୁମାନେ ବିଦେଶରେ ଥିବା ସେମାନଙ୍କ ଭାଇମାନଙ୍କ ପାଖକୁ ଏହି ରାଖୀ ପଠାଇବା ଫଳରେ ସେଠାରେ ମଧ୍ୟ ଲୋକେ ରାଖୀକୁ ବହୁତ ପସନ୍ଦ କରିଥିଲେ। ତେଣୁ ଧିରେ ଧିରେ ବିଦେଶରେ ବି ଏହି ରାଖୀର ଆଦର ବଢ଼ିବା ସହିତ ଭଲ ବିକ୍ରି ହୋଇଥିଲା।



ମୀନା ଗୁପ୍ତା

## ଆଇନା



ପୂର୍ଣ୍ଣିତା
୫ବର୍ଷ

## ଖୁଲିଖୁଲି ହସ

ଥରେ ଜଣେ ଲୋକ ଛେଳିକୁ ଟାଣି ଟାଣି ନେଉଥାଏ। ଛେଳିଟି ପଛକୁ ଟାଣି ହୋଇ ରଡି ଛାଡୁଥାଏ। ଏକଥା ଦେଖି ପୁଚ୍‌କି ପଚାରିଲା, 'ଆପଣ ସେ ଛେଳିକୁ କୁଆଡେ ଟାଣି ଟାଣି ନେଉଛନ୍ତି ?' ଲୋକ ଜଣଙ୍କ ଉତ୍ତର ଦେଲେ, 'ଆରେ ମା' ମୁଁ ଏହାକୁ ହାଣିବାକୁ ନେଉଛି। ତେଣୁ ସେ ରଡି ଛାଡୁଛି।' ପୁଚ୍‌କି କହିଲା, 'ହେଲେ ମୁଁ ଭାବିଲି, ଇଏ ସ୍କୁଲକୁ ଯାଉଛି। କାରଣ ମୁଁ ସ୍କୁଲ ଯିବା ବେଳେ କାନ୍ଦେ ଆଉ ମୋ ବାପା ମୋତେ ଏମିତି ଟାଣି ଟାଣି ସ୍କୁଲକୁ ନିଅନ୍ତି।'

ଥରେ କ୍ଲାସ୍‌ରେ ପଢ଼ାଇବା ସମୟରେ ସାର୍ କହିଲେ, ପିଲାଏ, ତୁମେମାନେ ଅନ୍ୟମାନଙ୍କୁ ସାହାଯ୍ୟ କଲେ ଲୋକମାନେ ତୁମକୁ ପ୍ରଶଂସା କରିବେ। ଏକଥା ଶୁଣି ଜଣେ ଛାତ୍ର ଠିଆ ହୋଇ କହିଲା, ସାର୍, ଆପଣ ଯଦି ଆମକୁ ପରୀକ୍ଷାରେ ସାହାଯ୍ୟ କରନ୍ତେ ଅର୍ଥାତ୍, ଆମକୁ ଆସୁ ନ ଥିବା ଉତ୍ତର କହିଦିଅନ୍ତେ ତେବେ ଆପଣଙ୍କୁ ବି ଅନେକ ଲୋକ ପ୍ରଶଂସା କରନ୍ତେ !

ସ୍କୁଲରୁ ଫେରିବା ପରେ ଦୀପୁ ଥକ୍କା ହୋଇ ବସିଗଲା। ତାକୁ ଏପରି ଅବସ୍ଥାରେ ଦେଖି ତା' ବାପା ପଚାରିଲେ, ଆରେ କ'ଣ ହେଲା କିରେ ? ଦୀପୁ କହିଲା, ବାପା, ଏଥର ମଧ୍ୟ ଆପଣଙ୍କୁ ଆଉ ମୋ ପାଇଁ ନୂଆ ବହି କିଣିବାକୁ ପଡିବ ନାହିଁ। କାରଣ ଗତ ଦୁଇ ବର୍ଷ ପରି ଏଥର ମଧ୍ୟ ମୁଁ ଫେଲ୍ ହୋଇଛି ଆଉ ସେହି ଚତୁର୍ଥ ଶ୍ରେଣୀରେ ପଢ଼ିବି।

## ମତାମତ

ଗତ ସପ୍ତାହରେ ବର୍ଟାଣ୍ଡ ରସେଲଙ୍କ ଉପରେ ପ୍ରକାଶିତ ବିଷୟଟି ପଢ଼ି ଅନେକ କଥା ଜାଣିହେଲା

*–ତନ୍ମୟ କୁମାର ସାହୁ, ବାରିପଦା*

ଗତ ସପ୍ତାହରେ ପ୍ରକାଶିତ କବିତାଗୁଡିକ ପଢ଼ି ଭଲ ଲାଗିଲା।

*–ପୁଣ୍ୟତୋୟା ରାଉତ, କଟକ*

'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଉଥବା ଚିତ୍ରଗୁଡିକ ବେଶ୍ ଆକର୍ଷଣୀୟ ହେଉଛି।

*–ମୃତ୍ୟୁଞ୍ଜୟ ଦାସ, ଯାଜପୁର*

ଗତ ସପ୍ତାହରେ 'ଗପ' ସ୍ତମ୍ଭ'ରେ ପ୍ରକାଶିତ ଗପ 'ପାରାର ଅତିଥି ସତ୍କାର' ବିଷୟଟି ସୁନ୍ଦର ହୋଇଛି।

*–କିରଣବାଳା ମହାନ୍ତି, ଅନୁଗୋଳ*

# ଛେପ ପକାଇବା ମନା





ଏବେ କରୋନା ମହାମାରୀ ଯୋଗୁ ବାହାରେ ଛେପ ପକାଇବା ମନା ଥିଲେ ମଧ୍ୟ ଅନେକ ଲୋକ ମାନୁ ନାହାନ୍ତି । କରୋନା ଭୂତାଣୁ ସଂକ୍ରମଣ ବଢିବାର ଏହା ଅନ୍ୟତମ କାରଣ। ଥରେ ସାମାଜିକ ଦୂରତା ରଖି ଦିନେ ପଶୁପକ୍ଷୀମାନଙ୍କ ସଭା ବସିଲା । ପଶୁପକ୍ଷୀମାନେ କେଉଁଠି ଛେପ ପକାଇବାର କେହି ଦେଖିଛନ୍ତି କି ବୋଲି ପଚାରିଲା କାଉ । ମଣିଷମାନେ ଶିକ୍ଷିତ ହୋଇ ଏମିତି କାମ କେମିତି କରୁଛନ୍ତି କହିଲା ବିଲୁଆ । ମଣିଷଙ୍କ କାର୍ଯ୍ୟକଳାପକୁ ନେଇ ସମସ୍ତେ ଚିନ୍ତା ପ୍ରକଟ କଲେ । କେମିତି ଏହାକୁ ବନ୍ଦ କରାଯିବ ତା' ପାଇଁ ମତାମତ ଲୋଡିଲେ ରାଜା ସିଂହ । ଏ ସମ୍ବନ୍ଧରେ ଅନେକ ମତ ଆସିଲା । କିନ୍ତୁ ନିଷ୍ପତ୍ତି ହେଲା ଯେ ବଣିର ସାଙ୍ଗ ବାରେଣିକୁ ସମାଧାନ ବିଷୟରେ ପଚାରିବା । ସେ କ'ଣ ମତ ଦେଉଛି । ବାରେଣି ହେଉଛି ପାଖ ଗାଁର ଶିକାରୀ ପୁଅ । କିନ୍ତୁ ସେ ପଶୁପକ୍ଷୀ ଶିକାରର ଘୋର ବିରୋଧୀ । ସେଠାରୁ ବଣି ଉଡି ଆସି ବାରେଣିକୁ ପଚାରିଲା । ବାରେଣି କହିଲା, ହଁ ଠିକ କଥା । ଥରେ ମୁଁ ବାପାଙ୍କ ସହ ମୋଟର ସାଇକେଲରେ ଜରୁରୀ କାମରେ ଯାଉଥାଏ । ଦେଖିଲି ବାଟରେ ଅନେକ ଲୋକ ଗାଡି ଚଳାଉଛନ୍ତି ଓ ମୁଖାକୁ ଖସାଇ ଛେପ ପକାଉଛନ୍ତି । ଅନେକ ଲୋକ ମୁଖା ପିନ୍ଧୁ ନାହାନ୍ତି । ମୁଁ ସେମାନଙ୍କୁ ଏ ବିଷୟରେ ବୁଝାଇଲେ ବି କିଛି ଲାଭ ହେଉନାହିଁ । ତୁମକୁ ମୁଁ ଗୋଟିଏ ଉପାୟ ବତାଉଛି ଶୁଣ ଓ ସେହି ଅନୁସାରେ କାମ କର ବୋଲି କହିଲା ବାରେଣି ।

ବାରେଣିର କଥା ଅନୁସାରେ ସବୁ କାମ କରାଗଲା । ତା'ପର ଦିନଠୁ ମଣିଷମାନେ ଛେପ ପକାଇବା ତ ଦୂରର କଥା, ମୁହଁରୁ ମୁଖା ଖସିଲା ନାହିଁ । କାରଣ ମୁଖା ନ ପିନ୍ଧିଲେ ବା ଛେପ ପକାଇଲେ ଦଣ୍ଡ ଦେବାକୁ ବୁଲାକୁକୁରଙ୍କୁ ଦାୟିତ୍ୱ ଦିଆଗଲା । ବାହାରକୁ ବାହାରୁଥିବା ମଣିଷ ଯିଏ ନିୟମ ଭାଙ୍ଗିଲା ତାକୁ ବୁଲା କୁକୁର କାମୁଡିବାକୁ ଗୋଡାଇଲେ । ଡରରେ ମଣିଷମାନେ ଆଉ ବିନା ମୁଖାରେ ବାହାରକୁ ଆସିଲେନି କି ଏଠି ସେଠି ଛେପ ବି ପକେଇଲେନି । ବୁଲାକୁକୁରଙ୍କ ଉପରେ ମଣିଷମାନେ ଖୁବ ରାଗିଗଲେ । ସେମାନେ ମେଳି ହେଲେ ବୁଲାକୁକୁରଙ୍କୁ ସାବାଡ କରିବାକୁ । ସେହି ମେଳିକୁ ବାରେଣି ଯାଇଥାଏ । ସେ କହିଲା ତୁମେମାନେ ଜମାରୁ ସଚେତନ ହେଉନାହଁ। ଦେଖ ଆମ ସମସ୍ତଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବାକୁ ବୁଲାକୁକୁର କେମିତି ସାହାଯ୍ୟ କରୁଛନ୍ତି । ଏକଥାକୁ ନ ବୁଝି ତୁମେ ତାଙ୍କୁ ସାବାଡ କରିବାକୁ ବାହାରିଛ ? ବୁଲାକୁକୁର ବୁଝିପାରୁଛି ଅଥଚ... । ଏତିକି କଥା ଶୁଣି ସମସ୍ତେ ମୁଣ୍ଡ ତଳକୁ କରି ବସିଲେ । ମଣିଷମାନେ ତାଙ୍କ ଭୁଲ୍ ବୁଝିପାରିଲେ । ନିଷ୍ପତ୍ତି ହେଲା ଛେପ ପକାଇବା ମନା । ତା'ପରଠୁ ସେ ଅଞ୍ଚଳରେ ଧୀରେ ଧୀରେ କରୋନା ସଂକ୍ରମଣ କମିବାକୁ ଲାଗିଲା । ସମସ୍ତେ ଭଲରେ ରହିଲେ ।

**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ

## କବିତା





### ବରଷା ବରଷେ ଝିପି ଝିପି

ବରଷା ଆସିଲା ଖରା ପରେ
କଳାମେଘ ଖେଳେ ପୂରୁବା ପବନେ
ବିଜୁଳି ଝଲସେ ଆକାଶରେ ।
ବରଷା ଆକାଶୁ ପଡେ ଝରି
ନଈରେ ଆସିଲା ଗୋଳି ପାଣି ବଢି
ପୋଖରୀ, ଗାଡ଼ିଆ ଗଲେ ଭରି।
ବରଷା ବରଷେ ଝିପି ଝିପି
ପାଣି କାଦୁଅରେ ଗୋଡ ଖସି ଯିବ
ଧୀରେ ଚାଲ ପାଦ ଚିପି ଚିପି ।
ବରଷାରେ ସାହି ଲାଗେ ଗଙ୍ଗା
କୁନି ପିଲା ମାନେ ଖୁସିରେ ଗାଇଲେ
ଭାସି ଯା' ମୋର କାଗଜ ଡ଼ଙ୍ଗା
ବରଷାରେ ସବୁଜିଆ ଘାସେ
ସାଧବବୋହୂଟି ଚାଲେ ଥିରି ଥିରି
ଚଷା ପୁଅ ମନ ଦିଏ ଚାଷେ।
ବରଷା ଝରାଇ ମଉସୁମୀ
ସୁଫଳା କରିଛି ଆମ ଦେଶ ମାଟି
ନ ହେଲେ ଲାଗନ୍ତା ମରୁଭୂମି ।

**–ତୁଳସୀଦାସ ମିଶ୍ର**, ସୋନପୁର

### ଭାରି ଭଲ ଲାଗେ

ଭାରି ଭଲ ଲାଗେ ମୋ ଗାଁ ମାଟିରେ
ସୂରୁଜ ଉଇଁବା ସକାଳ
ଭାରି ଭଲ ଲାଗେ ବୋଉ ହାତରନ୍ଧା
ଜାଉଭାତ ଶାଗ ପଖାଳ ।
ଭାରି ଭଲ ଲାଗେ ଖରା ଓ ବରଷା
ଛତା ଥିଲେ ଆମ ସାଥିରେ
ଭାରି ଭଲ ଲାଗେ ଭାଗବତ ଜ୍ଞାନ
ପଢିଲେ ପୁରାଣ ପୋଥିରେ ।
ଭାରି ଭଲ ଲାଗେ ଶୀତୁଆ ସକାଳ
ଶୀତବାସ ଥିଲେ ଦେହରେ
ଭାରି ଭଲ ଲାଗେ ବାପାଙ୍କର ଗପ
ବୋଉର ମମତା ସ୍ନେହରେ ।
ଭାରି ଭଲ ଲାଗେ ଗାଁ ବରମୂଳେ
ରଜଦୋଳି ଖେଳି ଝୁଲିଲେ
ଭାରି ଭଲ ଲାଗେ ନଈ ନାଳ ସବୁ
ବରଷା ଜଳରେ ଫୁଲିଲେ ।
ଭାରି ଭଲ ଲାଗେ ଗାଁ ପାଠ ଶାଳା
ନାଚ ଗୀତ ସାଥେ ପଢିଲେ
ଭାରି ଭଲ ଲାଗେ ଗାଁ ଦଣ୍ଡନାଚ
ଦଣ୍ଡୁଆ ଦାଣ୍ଡରେ ଗଡିଲେ ।
ଭାରି ଭଲ ଲାଗେ ବଣ ଭୋଜି ଭାତ
ଥିଲେ ସାଙ୍ଗ ସାଥି ମେଳରେ
ଭାରି ଭଲ ଲାଗେ ଗାଁ ପଡ଼ିଆରେ
କ୍ରିକେଟ କବାଡି ଖେଳରେ ।
ଭାରି ଭଲ ଲାଗେ ସଞ୍ଜ ସକାଳରେ
ଦିଅଁ ଦରଶନ ଆଳତି
ଭାରି ଭଲ ଲାଗେ ମନ୍ଦିର ବେଢାର
ଯୁଇ ଜାଇ ହେନା ମାଳତୀ ।
ଭାରି ଭଲ ଲାଗେ ପାଠ ପଢ଼ିବାକୁ
ବୁଝୁଥିଲେ ସବୁ ବିଷୟ
ଭାରି ଭଲ ଲାଗେ ଦେଶ ସେବା କଲେ
ମନରେ ନ ରଖି ସଂଶୟ ।

**–ଅଶୋକ କୁମାର ପ୍ରଧାନ**
ରୋହିଗାଁ, ଗଞ୍ଜାମ

### ସବୁଠାରୁ ଭଲ ଗୁଣଟି ଏହି

ଡେରି ହେଉଥିଲା ସ୍କୁଲ ଯିବା ବେଳ
ଗୁଗୁ ଖୋଜୁଥିଲା କଲମ ବହି,
କାଲି ରାତି ପାଠ ପଢୁଥିଲା ବସି
ଖାତାଟା କୋଉଠି ଯାଇଛି ରହି,
ମିଳୁନି ଯମା,
ବାହାରୁ ଥାଇକି ତିନିତିନି ଥର
ଡାକିଲେଣି ସାଙ୍ଗ ସୁଷମା,ରମା।
ବୋଉ,ବାପା କେତେ ଖୋଜି ଥକିଲେଣି
ଥାକ,ଖଟତଳ ଚଉକି ମେଜ,
ତଥାପି ମିଳୁନି ବହି ଖାତା କିଛି
ଝାଡିସାରିଲେଣି ଦି'ଥର ଶେଯ
ହେଉଛି ଡେରି
ସାଙ୍ଗ ଡାକି ଡାକି ଦୁଆର ମୁହଁରୁ
ସ୍କୁଲ ଯିବେ ବୋଲି ଗଲେଣି ଫେରି।
ସୋଫା ତଳେ ଥିଲା ବହି ଖାତା ସବୁ
ବୋଉ ପାଇ ତା'ର ହାତରେ ଦେଇ,
କହିଲେ ସଅଳ ସ୍କୁଲ ଯାଅ ବାବୁ
ଡେରି ହେଉ ପଛେ ବସ୍ତାନି ନେଇ,
ଯତନ କରି,
ରଖୁଥିଲେ ସବୁ ଜିନିଷ ତୋହର
ହୁଅନ୍ତୁକି କହ ଏତିକି ସରି ?
ସାଇତି ରଖିବା ସଜେଇ ରଖିବା
ସବୁଠାରୁ ଭଲ ଗୁଣଟି ଏହି,
ସଜାଡି ରଖିଲେ ପାଇଯିବୁ ବଳେ
ଖୋଜି ଦେବାକୁ ତ ନ ଥିବେ କେହି,
ବୁଝିଯା' ଏବେ,
ବହି,ଖାତା,ଜୋତା,କଲମ,ମଉଜା
ମିଳିଯିବ ବଳେ ଖୋଜିବୁ ଯେବେ।
ବୁଝିଗଲା ସିଏ ବାପା ବୋଉ କଥା
ସାଇତିଲା ସବୁ ଯତନ କରି,
ନିଜର ଦରବ ଖୋଜୁନାହିଁ ଏବେ
ଗଲେବି କୁଆଡେ ସେ ଆଗ ପରି
କହୁଛି ହସି,
ଜିନିଷ ପତର ସଜାଡି ରଖିବା
ବେଳ କେବେ ଟିକେ ପାଇଲେ ବସି।

***–ଷମାକର ବେହେରା,*** *ଶିକ୍ଷକ*
*ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ*
*କଳାପାଟ, ହରିଚନ୍ଦନପୁର, କେନ୍ଦୁଝର*

## କହିଲ ଦେଖି



୧. ତ୍ରିକୋଣୀୟ ଅଟେ ରୂପ ତାହାର
ତିଆରି କରେ ସେ କେତେ ଆହାର
କୁଟା କାଠି ଆଉ ଘଷିକୁ ଜାଳି
କରୁଥାନ୍ତି କେତେ ଖାଦ୍ୟ ତିଆରି
ଦେଖିବାକୁ ଲାଗେ ଭାରି ସୁନ୍ଦର
କିଏ ସେ କହିବ ନାମ ତାହାର
**ଉତ୍ତର : ଚୁଲି**



୨. କଳା ଅଟେ ସିନା ରୂପ ତାହାର
କରିଥାଏ କେତେ ଜ୍ଞାନ ବିସ୍ତାର
କଳା ବୋଲି ମନେ ଦୁଃଖ ତା' ନାହିଁ
ଅସନା ହୋଇଲେ ଗୋରା ଦିଶଇ
ବିଦ୍ୟାଳୟ ମାଟି ମାଡ଼ିଛି ଯିଏ
ନାମଟି ତାହାର ନିଶ୍ଚେ କହିବ ସିଏ
**ଉତ୍ତର : କଳାପଟା**

୩. ଗରମ ଦିନରେ ଲୋଡ଼ା ପଡ଼ଇ
ଦେହରୁ ଝାଳକୁ ସିଏ ମାରଇ
ଦେଇଥାଏ ସିଏ ଥଣ୍ଡା ପବନ
ଗାଆଁ ଗହଳିରେ କିଣଇ ମନ
ତା'ପାଇଁ ବିଜୁଳି ପଡ଼େନି ଲୋଡ଼ା
ବରଡ଼ା ପତରେ ଦେହ ତା' ଗଢା
ଘିରିଘିରି ହୋଇ ବୁଲଇ ସିଏ
ନାମଟି ତାହାର କହିବ କିଏ
**ଉତ୍ତର : ବିଞ୍ଚଣା**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର,ପ୍ରୀତିପୁର, ଯାଜପୁର

## ଗିନିଜ୍ ଓ୍ୱାର୍ଲ୍ଡ ରେକର୍ଡ

# ଏକ ମିନିଟ୍‌ରେ ୧୯୬ ପ୍ରଶ୍ନର ଉତ୍ତର



ପିଲାମାନେ, ତୁମମାନଙ୍କ ମଧ୍ୟରୁ କାହାକୁ ଗଣିତ ବେଶି ଭଲ ଲାଗୁଥିବ ତ କାହାକୁ ଇଂଲିଶ ଅବା ଆଉ କାହାକୁ ସାହିତ୍ୟ। ଯାହାକୁ ଯେଉଁ ବିଷୟ ଭଲ ଲାଗେ ସେମାନେ ସେହି ବିଷୟରେ ଅଧିକ ସଫଳତା ହାସଲ କରିଥାନ୍ତି। ହେଲେ କିଛି ପିଲା ଏପରି ଥାଆନ୍ତି ଯେଉଁମାନେ ସେମାନଙ୍କ ବିଚକ୍ଷଣ ଦକ୍ଷତାରେ ରେକର୍ଡ କରିଥାନ୍ତି। ଏମିତି ଜଣେ ଅସାଧାରଣ ବାଳକ ହେଉଛନ୍ତି ନାଦୁବ୍ ଗିଲ୍। ଆମେରିକାର ଏହି ବାଳକ ମାତ୍ର ଏକ ମିନିଟ୍‌ରେ ଆଶ୍ଚର୍ଯ୍ୟଜନକଭାବେ ୧୯୬ଟି ଗୁଣନ ଓ ହରଣର ନିର୍ଭୁଲ ଉତ୍ତର ଦେଇ ପାରିଛନ୍ତି। ସେଥିପାଇଁ ଏବେ ତାଙ୍କ ନାଁ ଗିନିଜ୍ ଓ୍ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଟାଇମ୍ସ ଟେବୁଲ୍ ରକ୍‌ଷ୍ଟାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସମୟରେ ନାଦୁବ୍ ଏହି ରେକର୍ଡ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୭୦୦ଜଣ ପିଲା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ସମସ୍ତଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ରେକର୍ଡ କରିଥିଲେ ନାଦୁବ୍। ପ୍ରତିଯୋଗିତାରେ ଭାଗ ନେବା ପାଇଁ ସେ ଦୀର୍ଘ ଦିନ ଧରି ଘରେ ଅଭ୍ୟାସ କରିଥିଲେ। ନାଦୁବ୍ ଲଙ୍ଗ୍ ଇଟନ୍‌ରେ ଥିବା ଲଙ୍ଗ୍‌ର୍ ପ୍ରାଇମେରୀ ସ୍କୁଲରେ ପାଠ ପଢନ୍ତି। ଆରମ୍ଭରୁ ତାଙ୍କର ଟାଇମ୍ ଟେବୁଲ ବହୁତ ଭଲ ମନ ରହୁଥିଲା। ଏହାକୁ ଭଲଭାବେ ଅଭ୍ୟାସ କରି ସେ ଅତିଶୀଘ୍ର ସବୁ ଉତ୍ତର ଦେଇ ରେକର୍ଡ କରିପାରିଛନ୍ତି।

## ଜଣା ଅଜଣା

# ଏଭରେଷ୍ଟ ଶୃଙ୍ଗ



- ଏଭରେଷ୍ଟ ଶୃଙ୍ଗର ଉଚ୍ଚତା ହେଉଛି ୨୯,୦୩୫ ଫୁଟ (୮୮୪୮ ମିଟର)।
- ଏହି ଶୃଙ୍ଗ ପ୍ରତିବର୍ଷ ୦.୨୫ ଇଞ୍ଚ ବଢ଼ିଥାଏ।
- ୧୮୩୦ରୁ ୧୮୪୩ ପର୍ଯ୍ୟନ୍ତ ଭାରତର ସର୍ଭେୟର ଜେନେରାଲ ଭାବରେ କାର୍ଯ୍ୟ କରିଥିବା ଜର୍ଜ ଏଭରେଷ୍ଟ ଏହାକୁ ୧୮୪୧ରେ ଆବିଷ୍କାର କରିଥିଲେ।
- ନେପାଳରେ ଏଭରେଷ୍ଟକୁ 'ସାଗରମଥ' ବୋଲି କୁହାଯାଏ ଯାହାର ଅର୍ଥ ହେଉଛି 'ଆକାଶର ମୁଣ୍ଡ'।
- ତିବ୍ବତରେ ଏହାକୁ 'ଚୋମୁଲୁଙ୍ଗମା' ବୋଲି ସମ୍ବୋଧନ କରାଯାଏ, ଯାହାର ଅର୍ଥ ହେଲା 'ବିଶ୍ୱର ମା'।
- ପ୍ରାୟ ୬୦ ମିଲିୟନ ବର୍ଷ ପୂର୍ବେ ଏହାର ସୃଷ୍ଟି ବୋଲି ଅନୁମାନ କରାଯାଏ।
- ନ୍ୟୁଜିଲାଣ୍ଡର ସାର୍ ଏଡ୍‌ମଣ୍ଡ ହିଲାରି ଏବଂ ନେପାଳର ତେଞ୍ଜିଙ୍ଗ ନରଗେ ୧୯୫୩ ମେ ୨୯ରେ ପ୍ରଥମ ଥର ପାଇଁ ଏଭରେଷ୍ଟ ଚଢ଼ିବାରେ ସଫଳ ହୋଇଥିଲେ।
- ଏ ପର୍ଯ୍ୟନ୍ତ ପ୍ରାୟ ୪୦୦୦ ବ୍ୟକ୍ତି ଏଭରେଷ୍ଟ ଚଢ଼ିବାକୁ ପ୍ରୟାସ କରିଛନ୍ତି।
- ଏହି ଶୃଙ୍ଗ ଚଢ଼ିବା ଏତେ ସହଜ ନୁହେଁ, ତେଣୁ ଅନେକ ଆରୋହଣକାରୀ ଏପରି ପ୍ରୟାସ କରି ଜୀବନ ହରାଇବାର ନଜିର ମଧ୍ୟ ରହିଛି।

## ତୁମ ତୂଳୀରୁ





**ଆଦ୍ୟା ଦାସ,** କ୍ଲାସ–୧, ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍ –୮, ଭୁବନେଶ୍ୱର





**ଦର୍ଶନ ଆଚାର୍ଯ୍ୟ,** କ୍ଲାସ–୨, ସେଣ୍ଟ ଜାଭିୟର୍ସ ହାଇ ସ୍କୁଲ, ଖୋର୍ଦ୍ଧା







**ରିଷିକା ରଞ୍ଜିନୀ,** କ୍ଲାସ–୬ କେନ୍ଦ୍ରୀୟ ବିଦ୍ୟାଳୟ, କଟକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଜୁଲାଇ, ୨୦୨୦



## ହରିନଗର ବସ୍ତି ଆବଦ୍ଧାଞ୍ଚଳ

ଭୁବନେଶ୍ୱର,(ବ୍ୟୁରୋ): ରାଜଧାନୀର ବିଜେବି ନଗରସ୍ଥିତ ମହିଷାଖାଲ ବସ୍ତିରୁ ଶୁକ୍ରବାର ୪୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ହରିନଗର ବସ୍ତିକୁ ବିଏମ୍‌ସି ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଗାୟତ୍ରୀ ମନ୍ଦିରଠାରୁ ସ୍କଲୋର ଛାତ୍ରାବାସ, ସ୍କଲୋର ଛାତ୍ରାବାସଠାରୁ ହରି ନଗର ବସ୍ତିର ମୁଖ୍ୟ ପ୍ରବେଶ ପଥକୁ ବନ୍ଦ କରାଯାଇଛି। ଆବଦ୍ଧାଞ୍ଚଳର ଦୋକାନ ବଜାର, କାର୍ଯ୍ୟାଳୟକୁ ବନ୍ଦ କରାଯାଇଛି। ଲୋକଙ୍କ ନିକଟରେ ଜରୁରୀ ସାମଗ୍ରୀ ଏବଂ ସେବା ପହଞ୍ଚାଇବା ପାଇଁ ବିଏମ୍‌ସି ବନ୍ଦୋବସ୍ତ କରିଛି। ଆବଶ୍ୟକ ପଡ଼ିଲେ ବାସିନ୍ଦାମାନେ ୧୯୨୯ ନମ୍ବରରେ ଯୋଗାଯୋଗ କରିପାରିବେ।

# ସଂକ୍ରମଣର କାରଣ ବିବାହ ଉତ୍ସବ, ଗଞ୍ଜାମ ଫେରନ୍ତା

## କଟକ ସହର: ଆକ୍ରାନ୍ତ ସଂଖ୍ୟା ୫୦୦ ଟପିଲାଣି

**କଟକ ଅଫିସ,୨୪।୭**

କଟକ ସହରରେ କରୋନା ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରିଛି। ପ୍ରତିଦିନ ବିଭିନ୍ନ ସାହିରୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏ ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ୫ଶହ ଟପିଲାଣି। ସ୍ଥାନୀୟ ଆକ୍ରାନ୍ତ ଏବେ ଚିନ୍ତା ବଢ଼ାଇଛନ୍ତି। ସହରରେ ବାହାରିଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଖଟବିନ ସାହି, ଦେୱାନ ବଜାର, ଡଗରପଡ଼ା, ଶଙ୍କରପୁର, ମାଣିକଘୋଷ ବଜାର ଓ ପୁରୁଣା ରାଉସପାଟଣାରେ ଅଧିକାଂଶ ରହିଛନ୍ତି। ଖଟବିନ ସାହି, ଦେୱାନ ବଜାର ଓ ଡଗରପଡ଼ାରେ ଚିହ୍ନଟ ପଜିଟିଭମାନେ ଗଞ୍ଜାମ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଛନ୍ତି। ଶଙ୍କରପୁର, ପୁରୁଣା ରାଉସପାଟଣା ଓ ମାଣିକଘୋଷ ବଜାରରୁ ଚିହ୍ନଟ ପଜିଟିଭ ବିବାହ ଉତ୍ସବରୁ ସଂକ୍ରମିତ ହୋଇଛନ୍ତି।

କଟକ ମହାନଗର ନିଗମ (ସିଏମ୍‌ସି)ର ୨୧ ନଂ ୱାର୍ଡ ମାଣିକଘୋଷ ବଜାରରେ ୧୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଥିବା ପ୍ରଥମ ଆକ୍ରାନ୍ତଙ୍କ ଘରେ ସିଏମ୍‌ସି କୌଣସି ଷ୍ଟିକର ଲଗାଇ ନ ଥିଲା। ଏପରିକି ସେଠାରେ ବିବାହ ଉତ୍ସବ ମଧ୍ୟ ହୋଇଥିଲା। ଫଳରେ ଗୋଟିଏ ଦିନରେ ୧୧ ଆକ୍ରାନ୍ତ ବାହାରିଥିଲେ। ସେହିଭଳି ପୁରୁଣା ରାଉସପାଟଣାସ୍ଥିତ ଏକ ମନ୍ଦିରରେ ବିବାହ ଉତ୍ସବରେ ଯୋଗ ଦେଇଥିବା ଜଣେ ବ୍ୟକ୍ତି ପଜିଟିଭ ଚିହ୍ନଟ ହୋଇଥିଲେ। ପରେ ସେଠାରୁ ୩୦ରୁ ଅଧିକ ଆକ୍ରାନ୍ତ ବାହାରିବା ପରେ ସିଏମ୍‌ସି ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲା। ଶଙ୍କରପୁର ପରିଡ଼ା ସାହିରୁ ପ୍ରଥମେ ୫ ଓ ପରେ ୯ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେ ଅଞ୍ଚଳରେ ମଧ୍ୟ ବିବାହରୁ ସଂକ୍ରମଣ ବ୍ୟାପିଥିବା ଜଣାପଡ଼ିବା ପରେ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଥିଲା। ସେହି ବିବାହ ଉତ୍ସବରୁ ଦାସସାହିର ଗୋଟିଏ ପରିବାର ସଂକ୍ରମିତ ହୋଇଥିଲେ। ଶୁକ୍ରବାର ଆଉ ୮ ରିପୋର୍ଟ ପଜିଟିଭ ଆସିଛି।

ଅନ୍ୟପକ୍ଷରେ ଡଗରପଡ଼ାରେ ପୂର୍ବରୁ ୫ ଓ ଗୁରୁବାର ୨୪ ଜଣ ଆକ୍ରାନ୍ତ ଚିହ୍ନଟ ହେଇଛନ୍ତି। ଗଞ୍ଜାମରୁ ଜଣେ ବ୍ୟକ୍ତି ନିଜ ଘରକୁ ଫେରିବା ପରେ ତାଙ୍କ ସଂସ୍ପର୍ଶରେ ଏମାନେ ଆସିଥିଲେ। ଖଟବିନ ସାହିରେ ମଧ୍ୟ ସମାନ ଅବସ୍ଥା। ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ଅସୁସ୍ଥ ହେବାରୁ ସେ ବ୍ରହ୍ମପୁରରୁ କଟକ ଫେରିଥିଲେ। ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର ୨ ଦିନ ପରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଯେଉଁମାନେ ଶେଷକୃତ୍ୟରେ ସାମିଲ ହୋଇଥିଲେ, ସମସ୍ତଙ୍କର ପରୀକ୍ଷା ହୋଇଥିଲା। ୩୨ ଜଣଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଉକ୍ତ ଅଞ୍ଚଳ କଣ୍ଟେନମେଣ୍ଟ ଜୋନକୁ ଆସିଥିଲା। ସେହି ଶେଷକୃତ୍ୟରେ ଦେୱାନ ବଜାରର କେତେଜଣ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ପଜିଟିଭ ବାହାରିଛି।



**ଲକ୍‌ଡାଉନ୍‌ରେ ଜୀବନଜୀବିକା:** ଭୁବନେଶ୍ୱରର ଏକ ଉଠାଣି ରାସ୍ତାରେ ଟ୍ରଲିରେ ମାଲ୍ ନେଉଥିବା ବ୍ୟକ୍ତିଙ୍କୁ ଜଣେ ମହିଳା ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ପୁରୀ: ୪ ୱାର୍ଡରେ କଣ୍ଟେନ୍‌ମେଣ୍ଟ କଟକଣା

**ପୁରୀ ଅଫିସ,୨୪।୭:** ପୁରୀ ଜିଲାରୁ ଗତ ୩ଦିନରେ ଚିହ୍ନଟ ହେଲେଣି ୮୦ କରୋନା ପଜିଟିଭ। ଆଗକୁ ଆହୁରି ଅଧିକ ସଂଖ୍ୟକ ସଂକ୍ରମିତ ବାହାରିବେ। ତେଣୁ ସଂକ୍ରମଣରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି। ଶୁକ୍ରବାରଠାରୁ ପୁରୀ ସହରର ପେଣ୍ଠକଟା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ଅଞ୍ଚଳରେ ଥିବା ୨୫ (କିଛି ଅଂଶ) ୨୬, ୩୧ ଓ ୩୨ ନମ୍ବର ୱାର୍ଡରେ ଶୁକ୍ରବାର ରାତି ୯ଟାରୁ ଆସନ୍ତା ୩ ତାରିଖ ଭୋର ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏଥିରେ ପ୍ରଶାସନକୁ ସହଯୋଗ କରିବା ଲାଗି ଜିଲାପାଳ ବଲୱନ୍ତ ସିଂ ପେଣ୍ଠକଟା ଅଞ୍ଚଳବାସୀଙ୍କୁ ଅନୁରୋଧ କରିଛନ୍ତି। ଜିଲାପାଳ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ଔଷଧପତ୍ର ଏବଂ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇବା ପାଇଁ କୋଭିଡ୍ କେୟାର ମନିଟର (ସିସିଏମ୍)ଙ୍କ ମାଧ୍ୟମରେ ପୌର ସଂସ୍ଥାକୁ ଅବଗତ କରାଇବେ। କାହାର ଯଦି କୌଣସି ଲକ୍ଷଣ ଥାଏ ତେବେ ସିସିଏମ୍‌ଙ୍କୁ ଜଣାଇଲେ ଟେଷ୍ଟ ପାଇଁ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗାଡ଼ି ଆଣିବ।

### କ୍ଲଷ୍ଟରସ୍ତରୀୟ ସଙ୍ଗରୋଧ କେନ୍ଦ୍ରକୁ ବିରୋଧ

**ବାଲକାଟୀ,୨୪।୭(ଡି.ଏନ୍.ଏ):** ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ଜ୍ଞାନଦେବୀ କଲ୍ୟାଣ ମଣ୍ଡପରେ ପ୍ରଶାସନ ପକ୍ଷରୁ କ୍ଲଷ୍ଟରସ୍ତରୀୟ ସଙ୍ଗରୋଧ କେନ୍ଦ୍ର କରାଯାଇଥିଲା। କିନ୍ତୁ ଏହା ଜନବସତି ନିକଟତର ହୋଇଥିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଫଳରେ ଶୁକ୍ରବାର ଏହି କେନ୍ଦ୍ରକୁ ରହିବାକୁ ଆସିଥିବା ୪ ପ୍ରବାସୀଙ୍କୁ ଲୋକେ ପୂରାଇ ନ ଦେବାରୁ ନିରାଶ ହୋଇ ଫେରିଯାଇଛନ୍ତି। ସୂଚନା ମୁତାବକ, ବାଲକାଟୀ ଭାର୍ଗବୀ ସେତୁ ନିକଟରେ ଥିବା ଜ୍ଞାନଦେବୀ କଲ୍ୟାଣମଣ୍ଡପକୁ ବ୍ଲକ ପ୍ରଶାସନ ପକ୍ଷରୁ କ୍ଲଷ୍ଟରସ୍ତରୀୟ ସଙ୍ଗରୋଧ କରିବାର ନିଷ୍ପତ୍ତି ନିଆଯାଇଥିଲା। ଜନବସତି ନିକଟରେ ଏହି କେନ୍ଦ୍ର ହୋଇଥିବାରୁ ସ୍ଥାନୀୟ ଲୋକେ ବିରୋଧ କରୁଥିଲେ।

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୪।୭(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସା ହେଉଥିବା ବ୍ୟକ୍ତିଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ କଟକ ଜିଲା ବଡ଼ମ୍ବା ଥାନା ଅଞ୍ଚଳର ମନୁ ନାୟକ(୫୦)। ସେ ଏହି ଥାନା ଅଧୀନ ପଳାଶୁଣୀସ୍ଥିତ ଆଖଣ୍ଡଳମଣି ବସ୍ତିରେ ରହୁଥିଲେ। ମନୁ ୧୦ବର୍ଷ ହେବ ଘର ଭଡ଼ା ନେଇ ଏକା ରହିବା ସହ ପୂଜାପାଠ କରୁଥିଲେ। ବୁଧବାର ସନ୍ଧ୍ୟାରେ ପଳାଶୁଣି ନିକଟରେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ କ୍ୟାପିଟାଲ ପରେ କଟକ ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

### ମରଣାନ୍ତକ ଆକ୍ରମଣ ଘଟଣା, ୨ ଗିରଫ

**ଭୁବନେଶ୍ୱର,୨୪।୭ (ବ୍ୟୁରୋ):** କ୍ୟାପିଟାଲ ଥାନା ଅଧୀନ ବାପୁଜୀନଗର ରୋଡ୍ ଲୁହାଗୋଦାମ ବସ୍ତିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ବାପୁଜୀନଗର ଲୁହାଗୋଦାମ ବସ୍ତିରେ ରହୁଥିବା ପି. ନରସିଂହ ଓରଫ ଦାଣ୍ଡିଆଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ପ୍ରକାଶ ଯେ, ନିରସିଂହ ଏବଂ ସୁରେନ୍ଦ୍ର ଦାସ ଲୁହାଗୋଦାମ ବସ୍ତିରେ ରୁହନ୍ତି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗତ ମଙ୍ଗଳବାର ଉଭୟ ପରିବାର ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନିରସିଂହ ସୁରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ପରେ ନରସିଂହଙ୍କୁ ସୁରେନ୍ଦ୍ରଙ୍କ ପୁଅ ଓ ତାଙ୍କ ଦୁଇ ସହଯୋଗୀ ହାଣିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୯/୨୦) ମାମଲା ରୁଜୁ କରି ଶିବା ଦାସଙ୍କୁ ଗିରଫ କରିଥିଲା। ଆକ୍ରମଣରେ ସମ୍ପୃକ୍ତ ମନୋଜ ମହାପାତ୍ର ଓରଫ ପପୁ ଶୁକ୍ରବାର କୋର୍ଟରେ ଆତ୍ମ ସମର୍ପଣ କରିଛନ୍ତି। ପପୁ ଗତ ୬ତାରିଖରେ ପାଣିଟାଙ୍କି ବସ୍ତିରେ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଅଭିଯୋଗ ପରେ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ନରସିଂହ ସୁରେନ୍ଦ୍ରଙ୍କୁ ହାଣିବା ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨୮୦/୨୦ରେ ମାମଲା ରୁଜୁ କରିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତଳ ତଳିଆ ତୋରାଣି ପାଣି
ଭାତ ଗୋଟି ଗୋଟି ନଉଛି ଛାଣି।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ଜୀବନ ହାହୁତାଶମୟ। କେବେ ଖାଇବାକୁ ମୁଠେ ଦାନା ନ ଥାଏ ତ କେବେ ପିନ୍ଧିବାକୁ ଖଣ୍ଡେ କନା ମିଳି ନ ଥାଏ। ପେଟର କ୍ଷୁଧା ବା ଭୋକର ଜ୍ୱାଳା କ'ଣ ତାହା କେବଳ ଜଣେ ଅନୁଭବୀ ହିଁ ଜାଣିଥାଏ। ଗରିବ ଗୁରୁବାଙ୍କ ପକ୍ଷେ ତୋରାଣି ହିଁ ସବୁକିଛି। ଭୋକ ବିକଳରେ ତୋରାଣି କଂସାରୁ ଭାତ ସାଉଁଟି ବା ଛାଣି ଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୋର ଛାର ପୁରୁଷକୁ
ମୋର ନାହିଁରେ ଡର
ଡୋଲାବାଡ଼ ସଜକର
ଯିବି ବାପ ଘର।**

ଉତ୍କଟ ଦାରିଦ୍ର୍ୟ ଅବସ୍ଥା। ସ୍ୱାମୀ ଯେବେ ଅଯୋଗ୍ୟ ଅପାରଗ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ ହୋଇଯାଏ। ଏପରିସ୍ଥଳେ ସ୍ୱାମୀର ଅଯୋଗ୍ୟପଣକୁ ଧିକ୍କାର କରି ନିଜ ବାପ ଘରକୁ ପଳେଇବା ନେଇ ମନ ବଳେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଏସ୍‌ପିଙ୍କୁ ଦାବିପତ୍ର ଦେଲେ ଭାଜପା ପ୍ରତିନିଧି

### ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ ଆଣିଲେ

**ପୁରୀ ଅଫିସ,୨୪।୭**

କଣାସରେ ଭାଜପା ପ୍ରବକ୍ତାଙ୍କ ଉପରେ ହୋଇଥିବା ଆକ୍ରମଣର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଏବଂ ଘଟଣାର ତଦନ୍ତ ପାଇଁ ପୁରୀ ଜିଲା ଭାଜପା ଦାବି କରିଛି। ଏ ନେଇ ଏକ ପ୍ରତିନିଧି ଦଳ ଶୁକ୍ରବାର ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଗତ ୧୦ ତାରିଖ ରାତିରେ ଜଣେ ବ୍ୟକ୍ତିଙ୍କୁ କେତେଜଣ ଅସାମାଜିକ ବ୍ୟକ୍ତି ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଗତ ବୁଧବାର ଜଣେ ଖବରଦାତାଙ୍କୁ ଆକ୍ରମଣ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେହିପରି ୨୦୧୯ ନଭେମ୍ବର ୯ରେ ରାଜନୈତିକ ଆକ୍ରୋଶ ରଖି ଭାଜପାର ଅର୍ଜୁନ ବୈରଗଞ୍ଜନଙ୍କୁ ଭୁଜାଲିରେ ହଣାଯାଇଥିଲା। ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଧରିପାରି ନାହିଁ। ଏବେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟି ଥାନା ଡେଲାଙ୍ଗ, କଣାସ, ସତ୍ୟବାଦୀ ଏବଂ ଗଡ଼ିଶାଗଦାରେ ରାଜନୈତିକ ଆକ୍ରୋଶ ଓ ହିଂସାକାଣ୍ଡ ବହୁଳ ଭାବେ ଘଟୁଥିବାରୁ ଏହି ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ତେଣୁ ବିହୀତ ପଦକ୍ଷେପ ନେବାକୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓମ୍‌ପ୍ରକାଶ ମିଶ୍ର ଦାବିପତ୍ର ପ୍ରଦାନ କରିଥିଲେ।

## ବିଜୟଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ ଅଫିସ,୨୪।୭**

ଅଭିନେତା ବିଜୟ ମହାନ୍ତିଙ୍କ ବିୟୋଗରେ ରାମଚଣ୍ଡୀ ସୋସିଓ ୱେଲ୍‌ଫେୟାର କଲ୍‌ଚରାଲ ଅର୍ଗାନାଇଜେଶନ ପକ୍ଷରୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସମ୍ପାଦକ ସମୀର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନ୍ନପୂର୍ଣ୍ଣା ଥିଏଟରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏଥିରେ ଅଭିନେତା ପ୍ରସନ୍ନ ମହାନ୍ତି, ସନ୍ଦୀପ୍ତ ଦାସ, ପ୍ରଦ୍ୟୁମ୍ନ ମହାନ୍ତି, କୃପାସିନ୍ଧୁ ଶତପଥୀ, ଉପେନ୍ଦ୍ର ମହଲା, କାହ୍ନୁଚରଣ ଦାଶ ଯୋଗଦେଇଥିଲେ।

## ଘର ବୁଲି ସର୍ଭେ କରୁଛନ୍ତି ୧୪୨୯ ଟିମ୍

**ଖୋର୍ଦ୍ଧା ଅଫିସ,୨୪।୭**

ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କରୋନା ସଂକ୍ରମଣକୁ ପ୍ରତିହତ ଲାଗି ଜିଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ସର୍ଭେ କାର୍ଯ୍ୟ ଜାରି ରହିଛି। ସ୍ୱାସ୍ଥ୍ୟ ଟିମ୍‌କୁ ସହଯୋଗ କରିବା ସହ କୌଣସି ତଥ୍ୟ ଲୁଚାନ୍ତୁ ନାହିଁ। ଦୀର୍ଘଦିନ ଧରି କୌଣସି ରୋଗରେ ପୀଡ଼ିତ ଥିଲେ ଠିକ୍ ତଥ୍ୟ ଦିଅନ୍ତୁ। କରୋନା ନିୟନ୍ତ୍ରଣ ଦିଗରେ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଉପଲବ୍ଧ ରହିଛି ବୋଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି। ଗ୍ରାମ୍ୟ ସ୍ତରୀୟ କୋଭିଡ୍ ପରିଚାଳନା କମିଟି ସ୍ୱାସ୍ଥ୍ୟ ସର୍ଭେ କାର୍ଯ୍ୟ କରୁଛନ୍ତି। କମିଟି ସଦସ୍ୟମାନେ ଘରକୁଘର ବୁଲି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟଗତ ରିପୋର୍ଟ ସଂଗ୍ରହ କରୁଛନ୍ତି। ଜିଲାର ୧୯୦ପଞ୍ଚାୟତ, ୨ ପୌରାଞ୍ଚଳ ଓ ୨ ଏନ୍‌ଏସିରେ ମୋଟ୍ ୧୯୪ କୋଭିଡ୍ କେୟାର ହୋମ ରହିଛି। ୧୪୨୯ ଟିମ୍ କରୋନା ନିୟନ୍ତ୍ରଣ ଦିଗରେ କାର୍ଯ୍ୟରତ ଅଛନ୍ତି। ଏହି କମିଟିରେ ଆଶା, ଅଙ୍ଗନୱାଡ଼ି, ଏଏନ୍‌ଏମ ପ୍ରମୁଖ ରହିଛନ୍ତି। କରୋନା ସଚେତନତା ସହ ଥଣ୍ଡା, କାଶ, ଜ୍ୱର ଓ କୋଭିଡ୍ ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରୁଛନ୍ତି। ଲକ୍ଷଣ ଥିବା ଲୋକଙ୍କୁ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଥିବା କୋଭିଡ କେୟାର ହୋମକୁ ପଠାଯାଉଛି। ସେଠାରେ ପଜିଟିଭ୍ ଚିହ୍ନଟ ବ୍ୟକ୍ତିଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯିବା ପାଇଁ ବ୍ୟବସ୍ଥା କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ନିଆଯାଉଥିବା ପଦକ୍ଷେପକୁ ଗୁରୁତ୍ୱ ଦେବା ସହ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରନ୍ତୁ। ଜିଲା ପ୍ରଶାସନକୁ କରୋନା ନିୟନ୍ତ୍ରଣ ଦିଗରେ ସହଯୋଗ କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ରାଉତରାୟ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଚୌଦ୍ୱାରରେ ଟେକ୍ସଟାଇଲ୍ ପାର୍କ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଭର୍ଚୁଆଲ ବୈଠକ

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**

ଚୌଦ୍ୱାରରେ ବିଶ୍ୱସ୍ତରୀୟ ଟେକ୍ସଟାଇଲ ପାର୍କ ସ୍ଥାପନ ହେବ। ଏ ନେଇ ପୂର୍ବରୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚୌଦ୍ୱାର ସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍(ଓଟିଏମ୍)ମାମଲା ହାଇକୋର୍ଟରେ ରହିଛି। ମାମଲାର ତୁରନ୍ତ ଫଇସଲା କରି ପାର୍କ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଓଟିଏମ୍ ଚୌଦ୍ୱାର, ପେପ୍‌ସି, ଜଗତପୁର ଓ ବଲାରପୁର କାଗଜ କଳ ଭଳି ଶିଳ୍ପାନୁଷ୍ଠାନଗୁଡ଼ିକର ରହିଥିବା ସମସ୍ୟାସବୁଡିକୁ କିପରି ସମାଧାନ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଛି।

ଦୀର୍ଘଦିନ ଧରି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ଓଟିଏମ୍ ମାମଲାର ତୁରନ୍ତ ଫଇସଲା ଉପରେ ଜୋର ଦେଇ ଏଠାରେ ବ୍ୟାପକ ପୁଞ୍ଜିନିବେଶ ଆହ୍ୱାନ କରାଇ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏସବୁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ରହିଥିବା ମାମଲା ଫଇସଲା ହେବା ପରେ ଇଡ୍‌କୋ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଚୌଦ୍ୱାରକୁ ଏକ ବିଶ୍ୱସ୍ତରୀୟ ଟେକ୍ସଟାଇଲ୍ ପାର୍କରେ ପରିଣତ କରିବାକୁ ଆବଶ୍ୟକ ପଦକ୍ଷେପ ନେବେ। ଏହି ଅବସରରେ ମନ୍ତ୍ରୀ ବଲାରପୁର କାଗଜକଳର ପୁନଃକାର୍ଯ୍ୟକ୍ଷମ ସକାଶେ ମ୍ୟାନେଜ୍‌ମେଣ୍ଟ ସହ ଆଲୋଚନା କରିଥିଲେ। ରାଜସ୍ୱ ବିଭାଗ ସହ ଜମିଜମା ସଂକ୍ରାନ୍ତୀୟ ମାମଲାର ସମାଧାନ କରି ଏ ଦିଗରେ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଜଗତପୁର ପେପ୍‌ସି ୟୁନିଟ୍‌କୁ ଆବଣ୍ଟିତ ଜମିର ଅନିୟମିତତାକୁ ଆଇନ ମୁତାବକ ସମାଧାନ କରିବାକୁ ଜିଲାପାଳ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

ଏହି ଭିଡିଓ କନଫରେନ୍ସରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଇଡ୍‌କୋ ସଞ୍ଜୟ କୁମାର ସିଂ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଶଶିକାନ୍ତ ମିଶ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶୋଭା ଶର୍ମା, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ଅତିରିକ୍ତ ପୋଲିସ ଉପାୟୁକ୍ତ ପ୍ରମୋଦ କୁମାର ରଥ ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜର ମତ ଦେଇଥିଲେ।

## କରୋନା ମୁକାବିଲା ନେଇ ଭାଜପା-ବିଜେଡି ମୁହାଁମୁହିଁ

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**

ରାଜ୍ୟ ସମେତ ବିଭିନ୍ନ ମହାନଗର ନିଗମଗୁଡିକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। କରୋନା ମହାମାରୀକୁ ମୁକାବିଲା କରିବା ପାଇଁ ବର୍ତ୍ତମାନ ରାଜ୍ୟ ସରକାର ଭୁବନେଶ୍ୱର ମହାନଗର ସମେତ କଟକ ମହାନଗର ଏବଂ ଖୋର୍ଦ୍ଧା, ଗଞ୍ଜାମ, ଯାଜପୁର ଓ କଟକ ଜିଲାର ସମସ୍ତ ସହରାଞ୍ଚଳକୁ ସଟଡାଉନ ଘୋଷଣା କରିଛନ୍ତି। ରାଜ୍ୟ ସରକାର କେବଳ ସଟଡାଉନ ଘୋଷଣା କରି ସବୁ ଦାୟିତ୍ୱ ସରିଗଲା ବୋଲି ଭାବୁଛନ୍ତି। ଏହି ସମସ୍ତ ସହରାଞ୍ଚଳରେ ରହୁଥିବା ବସ୍ତିବାସିନ୍ଦା, ଉଠାଦୋକାନି, ବୁଲାବେପାରି ଆଦି ଯେଉଁ ସମସ୍ୟା ଭୋଗୁଛନ୍ତି ତାହା ବୋଧେ ସରକାର ଦେଖିପାରୁନାହାନ୍ତି ବୋଲି ଭାଜପା ନେତା ଦିଲ୍ଲୀପ ମହାନ୍ତି ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଲ୍ଲୀପ କହିଛନ୍ତି ଯେ, କରୋନା ନାଁରେ ସରକାର ଓ ମହାନଗର ନିଗମ ସେମାନଙ୍କ ପେଟକୁ ଲାତ ମାରୁଛନ୍ତି ବୋଲି ଦିଲ୍ଲୀପ ଦାବୀ କରିଛନ୍ତି।

ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାର ଗତ ଏପ୍ରିଲରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ କାର୍ଡଧାରୀଙ୍କୁ ଅଗ୍ରୀମଭାବେ ମାସକୁ ୫ କେଜି ଚାଉଳ ଓ ଏକ କେଜି ଡାଲି ଯୋଗାଇ ଦେଇଛନ୍ତି। ଆସନ୍ତା ୫ ମାସ ଲାଗି ମଧ୍ୟ ମାଗଣାରେ ଅନୁରୂପ ପରିମାଣ ଚାଉଳ ଓ ଡାଲି ଯୋଗାଇ ଦେବେ। ଭାଜପା ନେତାମାନେ ଏହା ଜାଣିନାହାନ୍ତି ବୋଲି ସେ କହିଛନ୍ତି। ଭାଜପା ନେତାମାନେ ପ୍ରକୃତ କଥା ନ ଜାଣି ରାଜ୍ୟବାସୀଙ୍କ ନିକଟରେ ମିଛ ତଥ୍ୟ ରଖିବା ସହିତ ସେମାନଙ୍କୁ ବିଭ୍ରାନ୍ତ କରୁଛନ୍ତି। ଲକ୍‌ଡାଉନ ସମୟରେ ସରକାର ୪୫, ୬୦୦ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ୩ହଜାର ଟଙ୍କା ମୋଟ ୧୩କୋଟି ୬୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। କରୋନା ସମୟରେ ଏଭଳି ପ୍ରସଙ୍ଗକୁ ନେଇ ରାଜନୀତି କରିବା ଉଚିତ୍ ନୁହେଁ ବୋଲି ଲେନିନ କହିଛନ୍ତି।

## କୁକୁର କିଣାବିକା ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ

### ଦିଆଗଲା ୬୦ ଦିନ, ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ଏଣିକି ବ୍ୟବସାୟିକ ଉଦ୍ଦେଶ୍ୟରେ କେହି ମନଇଚ୍ଛା ପୋଷା କୁକୁର ପ୍ରଜନନ ଓ ବିକ୍ରି କରିପାରିବେ ନାହିଁ। ସମସ୍ତ କୁକୁର ପ୍ରଜନନ ଓ ବିପଣନ ଏବଂ ପୋଷାଜନ୍ତୁ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ରାଜ୍ୟ ପଶୁକଲ୍ୟାଣ ପରିଷଦଙ୍କ ନିକଟରେ ପଞ୍ଜୀକରଣ କରିବାକୁ ବାଧ୍ୟ। ଏ ନେଇ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୬୦ଦିନ ମଧ୍ୟରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରାଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜୀବେ ନିଷ୍ଠୁରତା ନିରୋଧ (କୁକୁର ପ୍ରଜନନ ଓ ବିପଣନ) ଅଧିନିୟମ-୨୦୧୭ ଏବଂ ଜୀବେ ନିଷ୍ଠୁରତା ନିରୋଧ(ପୋଷା ଜୀବଜନ୍ତୁ ଦୋକାନ) ଅଧିନିୟମ-୨୦୧୮କୁ ରାଜ୍ୟ ସରକାର ଗତ ୧୭ ତାରିଖରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିଛନ୍ତି। ଏହି ଦୁଇ ଆଇନ ଅନୁସାରେ ରାଜ୍ୟର ସମସ୍ତ କୁକୁର ପ୍ରଜନନ ଓ ବିକ୍ରି ଏବଂ ପୋଷା ଜୀବଜନ୍ତୁ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପଞ୍ଜୀକୃତ ହେବେ। ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଅବା ଦୋକାନ ପଞ୍ଜୀକରଣ ନ କରିବେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ। ପଞ୍ଜୀକରଣ ପାଇଁ ପ୍ରତିଷ୍ଠାନଗୁଡ଼ିକ ଜିଲା ପ୍ରାଣୀଚିକିତ୍ସା ଅଧିକାରୀଙ୍କ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ଫର୍ମ ଓ ପଞ୍ଜୀକରଣ ସମ୍ବନ୍ଧୀୟ ସୂଚନା ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ୱେବ୍‌ସାଇଟ www.odishaahvs.nic.inରେ ଉପଲବ୍ଧ ଅଛି।

## ପ୍ଲାଜ୍‌ମା ଦେଇଥିବା ୨ ଅଗ୍ନିଶମ କର୍ମଚାରୀ ସମ୍ବର୍ଦ୍ଧିତ



**କଟକ ଅଫିସ,୨୪।୭**

କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ଲାଜ୍‌ମା ଦାନ କରିଥିବା ଓଡ଼ିଶା ଅଗ୍ନିଶମ ବାହିନୀର ଦୁଇ କର୍ମଚାରୀଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ସନ୍ତୋଷ ସାମଲ ଓ ତାପସ ରାଉତ। ପ୍ଲାଜ୍‌ମା ଦେବା ପାଇଁ ଯେଉଁ ୧୦ ଅଗ୍ନିଶମ କର୍ମଚାରୀ ରାଜି ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଏହି ଦୁଇଜଣ ରହିଛନ୍ତି। ଅଗ୍ନିଶମ ମହାନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରଶଂସାପତ୍ର ଓ ୨୫ଶହ ଟଙ୍କା ପ୍ରଦାନ କରିଥିଲେ। ସେହିଭଳି ଦୁଇଜଣ ପୋଲିସ କର୍ମଚାରୀ ମଧ୍ୟ ପ୍ଲାଜ୍‌ମା ଦାନ କରିଛନ୍ତି। ସେମାନେ ହେଲେ ହାବିଲ୍‌ଦାର ରାଜେଶ ସାହୁ ଓ ମାଝି ଶବର। ଉଭୟ କୋରାପୁଟ ତୃତୀୟ ବାଟାଲିଅନରେ କାର୍ଯ୍ୟ କରନ୍ତି। କଟକ ଏସ୍‌ସିବି ମେଡିକାଲରେ ଶୁକ୍ରବାର ପ୍ଲାଜ୍‌ମା ଦେଇଛନ୍ତି। ଉଭୟଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ପ୍ରଶଂସା କରିବା ସହ ଆଗାମୀ ଦିନରେ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ପ୍ଲାଜ୍‌ମା ଦାନ କରିବେ ବୋଲି କହିଛନ୍ତି।

## ଝାରପଡ଼ା ଜେଲ୍‌ର ୧୦୦ କଏଦୀ, ୪୪ କର୍ମଚାରୀଙ୍କ ଆଣ୍ଟିଜେନ୍ ଟେଷ୍ଟ

**ଭୁବନେଶ୍ୱର,୨୪।୭ (ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜେଲରେ କରୋନା ସଂକ୍ରମଣ ବ୍ୟାପୁଛି। ଦୁଇଦିନ ତଳେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ୩୩ କଏଦୀ ଓ ଜେଲରଙ୍କ ସମେତ ୧୦ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାପରେ ଜେଲ୍ ବିଭାଗ ସଂକ୍ରମଣ ରୋକିବା କ୍ଷେତ୍ରରେ ଆହୁରି ତତ୍ପର ହୋଇପଡ଼ିଛି। ଶୁକ୍ରବାର ଝାରପଡା ଜେଲରେ ରହୁଥିବା ୧୦୦ ଜଣ କଏଦୀ ଓ ୪୪ଜଣ କର୍ମଚାରୀଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯାଇଛି। ଏହାର ରିପୋର୍ଟ ୨ଦିନ ପରେ ଆସିବ। କଏଦୀଙ୍କୁ ସାମାଜିକ ଦୂରତ୍ୱ ସହ ମାସ୍କ ବ୍ୟବହାର ପାଇଁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଧୀରେନ ନାଥ ବାରିକ କହିଛନ୍ତି।

## ଓଡ଼ିଆ ର୍‍ୟାପ୍ ସଙ୍ଗ୍‌ରେ କରୋନା

### କଟକର ଦୁର୍ଗାପ୍ରସାଦ ଏହାର ପ୍ରସ୍ତୁତକର୍ତ୍ତା

**କଟକ ଅଫିସ,୨୪।୭**

'କରୋନା ଭାଇରସ'। ଏହି ଟାଇଟଲରେ ପ୍ରସ୍ତୁତ ହୋଇଥିବା ଏକ ର୍‍ୟାପ୍ ସଙ୍ଗ୍ ଏବେ ୟୁଟ୍ୟୁବ ଚ୍ୟାନେଲରେ ଲୋକପ୍ରିୟ ହେଉଛି। କରୋନା ସଂକ୍ରମଣ ଯେପରି ଭୟଙ୍କର ସ୍ଥିତି ସୃଷ୍ଟି କରିଛି, ସେଭଳି ସମୟରେ ଏହି ଓଡ଼ିଆ ର୍‍ୟାପ୍ ସଙ୍ଗ୍ ଜରିଆରେ ଲୋକଙ୍କ ମନୋରଞ୍ଜନ ସହ ସେମାନଙ୍କୁ ସଚେତନ କରୁଛନ୍ତି କଟକର ଦୁର୍ଗାପ୍ରସାଦ ଜେନା।

ଦୁର୍ଗାଙ୍କ ଘର ମହମ୍ମଦିଆ ବଜାର। ପାଠପଢ଼ା ସାଙ୍ଗକୁ ୪ ବର୍ଷ ହେବ ସେ ନିଜେ ଗୀତ ଲେଖିବା ସହ ଗାଉଛନ୍ତି। ବର୍ତ୍ତମାନ 'କରୋନା ଭାଇରସ' ଶୀର୍ଷକରେ ର୍‍ୟାପ୍ ସଙ୍ଗ୍ ପ୍ରସ୍ତୁତ କରି କିଛିଦିନ ତଳେ ନିଜ ୟୁଟ୍ୟୁବ ଚ୍ୟାନେଲ 'ଦେଶୀ ଗ୍ୟାଙ୍ଗ ଓଡ଼ିଶା'ରେ ଏହାକୁ ଅପ୍‌ଲୋଡ୍ କରିଛନ୍ତି। ଯୁବପିଢ଼ିଙ୍କ ଭିତରେ ଏହା ଆଦୃତି ପାଇବାରେ ଲାଗିଛି। ବଲିଉଡ କଣ୍ଠଶିଳ୍ପୀ ହନି ସିଂହଙ୍କୁ ନିଜର ଆଦର୍ଶ ବୋଲି ମାନନ୍ତି ଦୁର୍ଗା। ଓଡ଼ିଶାରେ ଓଡ଼ିଆ ର୍‍ୟାପ୍ ସଙ୍ଗ୍‌କୁ ଆଗକୁ ନେବା ସହ ଏହାକୁ ରାଜ୍ୟ ତଥା ଦେଶ ବାହାରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ। ସେ ଏବେ ଦେଉଳସାହିସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟରେ ସ୍ନାତକ ଶେଷ ବର୍ଷର ଛାତ୍ର। ର୍‍ୟାପ୍ ସିଙ୍ଗର ଭାବେ ସେ ନିଜ ନାମ ଦୁର୍ଗା ବଦଳରେ 'ଏମ୍‌ଆର୍‌ଡି' ରଖିଛନ୍ତି। ଏମ୍‌ରେ ନିଜ ମା' ମମତା ଜେନା, ଆର୍‌ରେ ବାପାଙ୍କ ନାମ ରାମ ନାରାୟଣ ଜେନା ଓ ଡିରେ ନିଜ ନାମ ଦୁର୍ଗା ପ୍ରସାଦ ଜେନା ରହିଛି। ପୂର୍ବରୁ ସେ କଟକର ଐତିହାସିକ ବାଲିଯାତ୍ରାକୁ ନେଇ ଏକ ଓଡ଼ିଆ ର୍‍ୟାପ୍ ସହ ଆହୁରି ୮/୧୦ଟି ର୍‍ୟାପ୍ ସଙ୍ଗ୍ ପ୍ରସ୍ତୁତ କରିଛନ୍ତି।



ଦୁର୍ଗାପ୍ରସାଦ ଜେନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଜୁଲାଇ ୨୫/୨୦୨୦ Saturday, July 25/2020

# ହେଣ୍ଡରସନଙ୍କୁ ରାଇଟର୍ସ ଆସୋସିଏଶନ ପୁରସ୍କାର

ଲଣ୍ଡନ, ୨୪।୭ (ଏପି)

ଫୁଟ୍‌ବଲ ରାଇଟର୍ସ ଆସୋସିଏଶନ (ଏଫ୍‌ଡବ୍ଲ୍ୟୁଏ) ତରଫରୁ ଜୋର୍ଡାନ ହେଣ୍ଡରସନଙ୍କୁ ବର୍ଷର ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ କରାଯାଇଛି। ହେଣ୍ଡରସନଙ୍କ ଅଧିନାୟକତ୍ୱରେ ଲିଭରପୁଲ ୩୦ ବର୍ଷ ବ୍ୟବଧାନରେ ପ୍ରଥମ ଇଂଲିଶ ଲିଗ୍ ଟାଇଟଲ ଜିତିପାରିଛି। କରୋନାଭାଇରସ୍ ମହାମାରୀ ସମୟରେ ବ୍ରିଟେନ ସ୍ୱାସ୍ଥ୍ୟ ସେବା ପାଇଁ ପାଣ୍ଠି ସଂଗ୍ରହରେ ତାଙ୍କର ବିଶେଷ ଭୂମିକା ଥିଲା। ଫୁଟ୍‌ବଲ ରାଇଟର୍ସ ଆସୋସିଏଶନ ପୁରସ୍କାର ପାଇଁ ହୋଇଥିବା ମତଦାନରେ ସେ ମାଞ୍ଚେଷ୍ଟର ସିଟି ମିଡ୍‌ଫିଲ୍ଡର କେଭିନ୍ ଡି' ବ୍ରୁଇନ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ହେଣ୍ଡରସନଙ୍କ ସମୟରେ ଲିଭରପୁଲ ଆହୁରି ମଧ୍ୟ ଚାମ୍ପିୟନ୍ସ ଲିଗ୍ ଓ କ୍ଲବ ବିଶ୍ୱକପ୍ ଜିତିପାରିଛି। କରୋନା ମହାମାରୀ ସମୟରେ ଖେଳ ସସ୍‌ପେଣ୍ଡ ଥିବା ବେଳେ ସେ କେତେଜଣ ସାଥୀ ଖେଳାଳିଙ୍କୁ ନେଇ ଜନସେବାରେ ଲାଗିପଡ଼ିଥିଲେ। ନ୍ୟାଶନାଲ ହେଲଥ୍ ସର୍ଭିସ ପାଇଁ ପାଣ୍ଠି ସଂଗ୍ରହ ମଧ୍ୟ କରିଥିଲେ। ଏଫ୍‌ଡବ୍ଲ୍ୟୁଏର ଚେୟାରମ୍ୟାନ କେରୀ ବ୍ରାଉନ୍ କହିଛନ୍ତି ହେଣ୍ଡରସନ ବର୍ତ୍ତମାନ ଲିଭରପୁଲ୍‌ର ଜଣେ କିମ୍ବଦନ୍ତୀ ଖେଳାଳି ପାଲଟିଯାଇଛନ୍ତି।


















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ